RNI No.ODIODI/2010/33031
୧୭ ବର୍ଷ Volume-17
ISSUE -85 ସଂଖ୍ୟା-୮୫
ଭୁବନେଶ୍ୱର, ବୁଧବାର ୧୦ ଜୁନ୍ ୨୦୨୬
Bhubaneswar, Wednesday 10June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# 'ଦୀଘା ଜଗନ୍ନାଥ ଧାମ'ରୁ ହଟିବ 'ଧାମ' ଶବ୍ଦ



କୋଲକାତା,୯।୬: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ବଡ ଘୋଷଣା। 'ଦୀଘା ଜଗନ୍ନାଥ ଧାମ'ରୁ ହଟିବ 'ଧାମ' ଶବ୍ଦ। ଦୀଘା ଜଗନ୍ନାଥ ଧାମ ବଦଳରେ ହେବ ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ପାଇବା ପରେ ଶୁଭେନ୍ଦୁ ଅଧିକାରୀଙ୍କ କରିଛନ୍ତି ଏହି ଘୋଷଣା।

ସେ କହିଛନ୍ତି, 'ପୂର୍ବ ସରକାର ଧାମ ଶବ୍ଦ ଯୋଡିଥିଲେ। ଏହା ସନାତନ ଧର୍ମ ବିରୋଧୀ। ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ପାଇଛି। ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ମଧ ପଠାଇଛନ୍ତି। ତୁରନ୍ତ 'ଧାମ' ଶବ୍ଦ ହଟିବ। ଏଥିପାଇଁ କ୍ୟାବିନେଟ୍‌ରେ ପ୍ରସ୍ତାବ ପାରିତ କରାଯିବ।' 'ଦୀଘା ଜଗନ୍ନାଥ ଧାମ' ନାମକରଣ ପରିବର୍ତ୍ତନ ଦାବି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିକଟକୁ ଚିଠି ଲେଖିଥିଲେ। 'ଦୀଘା ଜଗନ୍ନାଥ ଧାମ' ବଦଳରେ 'ଶ୍ରୀଜଗନ୍ନାଥ ମନ୍ଦିର, ଦୀଘା' ଲେଖିବାକୁ ପ୍ରସ୍ତାବ ଦେଇଥିଲେ।

ଶ୍ରୀ ମାଝୀ ତାଙ୍କ ଚିଠିରେ ଲେଖିଥିଲେ ଯେ ଭାରତର ଚାରି ଧାମ ମଧ୍ୟରୁ ପୁରୀ ଶ୍ରୀକ୍ଷେତ୍ର ଅନ୍ୟତମ ଧାମ ବୋଲି ସମସ୍ତେ ଜାଣନ୍ତି। 'ଦୀଘା ଜଗନ୍ନାଥ ଧାମ' ନାମକରଣ ଶ୍ରଦ୍ଧାଳୁ ଭାବାବେଗକୁ ଆଘାତ ଦେଇଛି। ତେଣୁ ଆପଣ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରୁଛନ୍ତି ବୋଲି ଲେଖିଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ଧନ୍ୟବାଦ ଜଣାଇଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର। ମୁଖ୍ୟମନ୍ତ୍ରୀ ଓ ଓଡିଶାବାସୀଙ୍କ ତରଫରୁ ସେ କୃତଜ୍ଞତା ଜଣାଇଛନ୍ତି। ଦୁଇ ଦିନ ମଧ୍ୟରେ ଧାମ ଶବ୍ଦ ହଟାଇବାକୁ ଶୁଭେନ୍ଦୁ ଅଧିକାରୀ କହିଥିବା ପୁରୀ ସାଂସଦ ସୂଚନା ଦେଇଛନ୍ତି। ଏପଟେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ସମ୍ମାନ ଜଣାଇ ପଶ୍ଚିମବଙ୍ଗ ସରକାର 'ଧାମ' ଶବ୍ଦ ହଟାଇବାକୁ ନିଷ୍ପତ୍ତି ନେଇଥିବାରୁ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନାକୁ ସମ୍ମାନ ମିଳିଛି। ଏହି ପଦକ୍ଷେପକୁ ମହାପ୍ରଭୁଙ୍କ ପରମ୍ପରା ଓ ଗରିମାର ବିଜୟ ବୋଲି ଦେଖାଯାଉଛି।

# ଓଡ଼ିଶାର ପ୍ରଗତି ନୂତନ, ଐତିହାସିକ ଶିଖର ଛୁଇଁଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୬(ନି.ପ୍ର.): ଆଜିର ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ପ୍ରେସ୍ ସମ୍ମିଳନୀରେ ମୁଁ ଆପଣ ସମସ୍ତଙ୍କୁ ଆନ୍ତରିକ ସ୍ୱାଗତ ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଜୁନ୍ ୯ ତାରିଖ ହେଉଛି ଆମ ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ ସ୍ୱର୍ଣ୍ଣିମ, ଯୁଗାନ୍ତକାରୀ ତଥା ଅଭୂତପୂର୍ବ ଦିବସ। ୨୦୨୪ ମସିହା ଆଜିର ଦିନରେ ହିଁ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଜନନାୟକ ତଥା ଆମର ଯଶସ୍ୱୀ, ସଂକଳ୍ପବଦ୍ଧ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଶାସନ ଭାର ସମ୍ଭାଳିଥିଲେ।

ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛ ସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ଅଭିଯାତ୍ରାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି। ସବୁଠାରୁ ଗୌରବମୟ କଥା ହେଉଛି, ଆସନ୍ତାକାଲି ମୋଦୀଜୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪,୩୯୯ ଦିନ) ସେବା କରିବାର ଏକ ଅଭୁତପୂର୍ବ, ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି। ଏହି ମହାନ୍ ଅବସରରେ ମୁଁ ଓଡ଼ିଶାର ସାଢେ ୪ କୋଟି ଜନସାଧାରଣଙ୍କ ତରଫରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଓ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କର ଦୀର୍ଘ, ନିରାମୟ ଜୀବନ କାମନା କରୁଛି।

ଆଜି କେନ୍ଦ୍ର ଓ ରାଜ୍ୟର ଅଭିନବ 'ଡବଲ୍ ଇଞ୍ଜିନ' ସରକାରର ମିଳିତ ପ୍ରୟାସରେ ଓଡ଼ିଶାର ପ୍ରଗତି ଯେଉଁ ନୂତନ, ଐତିହାସିକ ଶିଖର ଛୁଇଁଛି, ତାହାର ଏକ ବାସ୍ତବିକ, ଆଶାଜନକ ଚିତ୍ର ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛିଁ।ଗତ ଦୁଇ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଅନେକ ଭୂ-ରାଜନୈତିକ ଅସ୍ଥିରତା ଓ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ମୋଦୀଜୀଙ୍କ ସଂକଳ୍ପବଦ୍ଧ ନେତୃତ୍ୱ ଯୋଗୁଁ ଭାରତର ବିକାଶ ରଥ ଅଟକି ନାହିଁ। ମୋଦୀଜୀ ହେଉଛନ୍ତି ଭାରତର ଚିରସ୍ରୋତା ପ୍ରଗତିର ଜଣେ ମହାନ ବିକାଶ ପୁରୁଷ।

୨୦୨୦ର କୋଭିଡ୍ ମହାମାରୀ ସମୟରେ, ଯେତେବେଳେ



ସାରା ବିଶ୍ୱର ଅର୍ଥନୀତି ଭାଙ୍ଗି ପଡ଼ିଥିଲା, ସେତେବେଳେ ଭାରତ ସ୍ୱଦେଶୀ ଭ୍ୟାକ୍ସିନ୍ ପ୍ରସ୍ତୁତ କରି ଜୁଲାଇ ୨୦୨୨ ସୁଦ୍ଧା ୨୦୦ କୋଟିରୁ ଅଧିକ ଡୋଜ୍?ର ମାଗଣା ଟୀକାକରଣ କରି ବିଶ୍ୱ ରେକର୍ଡ କରିଥିଲା। କେବଳ ସେତିକି ନୁହେଁ, 'ଭ୍ୟାକ୍ସିନ୍ ମୈତ୍ରୀ' ଅଭିଯାନ ମାଧ୍ୟମରେ ବିଶ୍ୱର ଅନେକ ଗରିବ ରାଷ୍ଟ୍ରକୁ ସହାୟତାର ହାତ ବଢ଼ାଇ ଭାରତ ଆଜି 'ବିଶ୍ୱବନ୍ଧୁ' ଭାବେ ଉଭା ହୋଇଛି।

ୟୁକ୍ରେନ ଯୁଦ୍ଧ ଏବଂ ପଶ୍ଚିମ ଏସିଆର ସଂକଟ ସତ୍ତ୍ୱେ ଭାରତ ଆଜି ୭% ରୁ ୯% ଅଭିବୃଦ୍ଧି ହାର ସହ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ପ୍ରମୁଖ ଅର୍ଥନୀତି।

ଗୋଟିଏ ସମୟ ଥିଲା, ଯେତେବେଳେ ଭାରତକୁ ବିଶ୍ୱର ୫ଟି ଦୁର୍ବଳ ଅର୍ଥନୀତି ବା 'ରକ୍ତବଶସକ୍ଷର ରସଙ୍ଗର' ମଧ୍ୟରେ ଗଣାଯାଉଥିଲା; ଆଜି ମୋଦୀଜୀଙ୍କ ଦୂରଦୃଷ୍ଟି ଯୋଗୁଁ ବିଶ୍ୱ ସପ୍ଲାଇ ଚେନ୍‌ରେ ଅସ୍ଥିରତା ସତ୍ତ୍ୱେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ୭.୭ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରିଛି। ଦେଶର ମଜବୁତ ଭିତ୍ତିଭୂମି, ମାନୁଫାକ୍‌ଚରିଂ, ଉନ୍ନତ ସେବା କ୍ଷେତ୍ର ଏବଂ ସୁଦୃଢ଼ ଡିଜିଟାଲ୍ ଇକୋସିଷ୍ଟମ୍ ଏହାର ଜ୍ୱଳନ୍ତ ପ୍ରମାଣ।ଗୋଟିଏ ସମୟ ଥିଲା, ଯେତେବେଳେ ଦେଶରେ ଆତଙ୍କବାଦୀ ଆକ୍ରମଣ ଏକ ନିୟମିତ ଖବର ପାଲଟିଥିଲା। ଆଜି ସେହି ସ୍ଥିତି ବଦଳିଛି। ଆତଙ୍କବାଦୀ ପ୍ରତି ମୋଦୀ ସରକାରଙ୍କ ସ୍ପଷ୍ଟ ନୀତି ଯୋଗୁଁ ଆଜି ଶତ୍ରୁ ଦେଶ ଭାରତ ବିରୋଧରେ କୌଣସି ଦୁଃସାହସ କରିବା ପୂର୍ବରୁ ୧୦ ଥର ଭାବୁଛି। 'ଅପରେସନ ସିନ୍ଦୁର' ଏହାର ସବୁଠାରୁ ବଡ଼ ଉଦାହରଣ।ଭାରତ ଆଜି ଉଭୟ ଉର୍ଜା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି। ଯେଉଁ ଲକ୍ଷ୍ୟ ୨୦୩୦ ସୁଦ୍ଧା ହାସଲ ହେବାର ଥିଲା, ତାହାକୁ ଆମେ ୫ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୫ ସୁଦ୍ଧା ହାସଲ କରିଛୁ। ଦେଶର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତରୁ ଅଧିକ (ପ୍ରାୟ ୨୬୭ ଗିଗା-ୱାଟ୍) ଏବେ ସୌର ଓ ବାୟୁ ଶକ୍ତି ଭଳି ଅକ୍ଷୟ ଶକ୍ତିରୁ ଆସୁଛି।

# ପିଓକେରେ ପାକିସ୍ତାନ ସେନାର ନରସଂହାର: ଗଲାଣି ୩୦ ଜୀବନ

ନୂଆଦିଲ୍ଲୀ,୯।୬: ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକ ସେନାର ନରସଂହାର। ବିକ୍ଷୋଭକାରୀଙ୍କ ଉପରକୁ ଆଖିବୁଜା ଗୁଳି ମାଡ କରିଛି ପାକିସ୍ତାନ ସେନା। ଏଥିରେ ୩୦ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଗୁଳି ମାଡରେ ଆହତ ହୋଇଛନ୍ତି।ଯୁଗ୍ମ ଆବାମୀ ଆକ୍ସନ କମିଟି (ଜେଏଏସି) ନାମକ ସଂଗଠନର ଆନ୍ଦୋଳନ ବେଳେ ପାକିସ୍ତାନ ସେନା ଏପରି ନରସଂହାର। ପିଓକେର ଆର୍ଥିକ ସ୍ଥିତି ଓ ରାଜନୀତିକ ପାତରଅନ୍ତର ବିରୋଧରେ ଜେଏଏସି ଆନ୍ଦୋଳନ ଡାକରା ଦେଇଥିଲା।ପ୍ରଥମେ ସରକାର



ଏଥିପାଇଁ ଅନୁମତି ଦେଇ ନଥିଲେ। ତଥାପି ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିନା ଅନୁମତିରେ ବିକ୍ଷୋଭ ହେଉଥିବାରୁ ପାକିସ୍ତାନ ସେନା ଲୋକଙ୍କୁ ଉପରକୁ ଗୁଳି ମାଡ କରିଛି। ମିଳିଥିବା ସୂଚନା ଅନୁସାରେ, ଜେଏଏସିକୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିକ୍ଷୋଭ ପାଇଁ ଅନୁମତି ମିଳି ନଥିଲା। ତେବେ ଶୁକ୍ରବାର ରାୱାଲାକୋଟରେ ଜଣେ ବ୍ୟବସାୟୀଙ୍କୁ ସୁରକ୍ଷାକର୍ମୀ ଗୁଳି ମାରିବା ପରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ରବିବାର ରାୱାଲାକୋଟରେ ସୁରକ୍ଷାକର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଦେଖା ଯାଇଥିଲା।

ରାୱାଲାକୋଟର କମିଶନର ସରଦାର ୱାହିଦ ଖାନଙ୍କ କହିବା କଥା ଯେ ଜେଏଏସି ସମର୍ଥକମାନେ ଗୋଟିଏ ହସ୍ପିଟାଲର ଶବ ବ୍ୟବଚ୍ଛେଦ ରୁମ ଆଗରେ ଏକାଠି ହୋଇଥିଲେ। ସେଠାରେ ପୁଲିସ୍ ଗୁଳିରେ ପ୍ରାଣ ହରାଇଥିବା ବ୍ୟବସାୟୀଙ୍କୁ ରଖାଯାଇଥିଲା। ହସ୍ପିଟାଲରେ ଭିଡ ଜମିବାରୁ ସୁରକ୍ଷାକର୍ମୀ ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିକ୍ଷୋଭକାରୀମାନେ ରାଇଫଲ, ପେଟ୍ରୋଲ ବୋମା ଓ ଅନ୍ୟ ମାରଣା ଅସ୍ତ୍ରରେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଏହାର ଜବାବ ମଧ ସୁରକ୍ଷାକର୍ମୀମାନେ ଦେଇଥିଲେ। ଏହି ସଂଘର୍ଷରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକ ଲୋକଙ୍କୁ ଗିରଫ କରାଯାଇଥିବା ମଧ ୱାହିଦ ସୂଚନା ଦେଇଛନ୍ତି।

ଏହାକୁ ନେଇ ସୋମବାର ପୂରା ପିଓକରେ ବିକ୍ଷୋଭ ଦେଖିବାକୁ ମିଳିଥିଲା। ଏହି ସମୟରେ ପରକିସ୍ତାନ ସେନା ପକ୍ଷରୁ ଗୁଳି ମାଡ କରାଯାଇଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। କିନ୍ତୁ ଏହି ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ସ୍ଥାନୀୟ ଲୋକ ଓ ଜେଏଏସିର ସମର୍ଥକମାନେ ଦାବି କରିଛନ୍ତି।

# ୧୦ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୯।୬(ନି.ପ୍ର.): ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ୫୫୦୦ଏକର ଜମିର 'ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ' ପ୍ରତିଷ୍ଠା ହେବ। ଏଣିକି ଗରିବ ଲୋକଙ୍କୁ 'ପିଏମ୍ ଆବାସ' ଘର କ୍ରୟବେଳେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଶୁଳ୍କ ରିହାତି ଭଳି ସୁବିଧା ମିଳିବ। ରାଜ୍ୟ କ୍ୟାବିନେଟ୍ ଆଜି ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମେତ ମୋଟ ୫ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆଜିର କ୍ୟାବିନେଟ୍ ବୈଠକରେ ଶିଳ୍ପ ବିଭାଗର ୨ଟି, ଗୃହ ଓ ନଗର ଉନ୍ନୟନ ବିଭାଗର ୪ଟି, ଜଳସମ୍ପଦ ବିଭାଗର ୨ଟି, ରାଜସ୍ୱ ବିଭାଗ ଓ ପର୍ଯ୍ୟଟନ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ସାମିଲ ରହିଛି।

ପର୍ଯ୍ୟଟନର ବିକାଶ ପାଇଁ 'ଲ୍ୟାଣ୍ଡ ବ୍ୟାଙ୍କ' ପ୍ରତିଷ୍ଠା ସମେତ ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପର ସମ୍ପ୍ରସାରଣ , ସହରାଂଚଳ ବର୍ଜ୍ୟଜଳ ବିଶୋଧନ ,ଶିଳ୍ପାଂଚଳରେ ମହିଳା ଶ୍ରମିକମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ, ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଘର କ୍ରୟ ସମୟରେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଶୁଳ୍କ ଛାଡ ଭଳି ନିଷ୍ପତ୍ତି ସାମିଲ ରହିଛି।

ବିକଶିତ ଓଡିଶା ୨୦୩୬ ଓ ୨୦୪୭ର ଲକ୍ଷ୍ୟ ହାସଲ କରିବା ସହ ଏସିଆର ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଓଡିଶାକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନ ଶିଳ୍ପ ପାଇଁ 'ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ' ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି। ପର୍ଯ୍ୟଟନ କ୍ଷେତ୍ରରେ ପୂର୍ବ ପ୍ରସ୍ତୁତ, ଜବରଦଖଲମୁକ୍ତ ଓ ସଂଲଗ୍ନ ଜମିର ଅଭାବକୁ ଦୂର କରିବା ପାଇଁ ଏହି ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ କାର୍ଯ୍ୟ କରିବ, ଯାହା ମାଧ୍ୟମରେ ପ୍ରାୟ ୫୫୦୦ ଏକର ସରକାରୀ ଓ ବେସରକାରୀ ଜମି ଚିହ୍ନଟ କରାଯିବ। ଏଥିରେ ଚିଲିକା, କୋଣାର୍କ, ପୁରୀ (ଶାମୁକା), ଧଉଳି, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ଭିତରକନିକା, ଦାରିଙ୍ଗବାଡି, ଦେଓମାଳି, ବୌଦ୍ଧ ସର୍କିଟ, ଜିରାଙ୍ଗ, ତଳସାରି ଓ ତାମ୍ପରା-ଆର୍ଯ୍ୟପଲ୍ଲୀ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ସାମିଲ କରାଯାଇଛି।

୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଂଚବର୍ଷର ଅବଧି ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ବାର୍ଷିକ ୩୦୦କୋଟି ଟଙ୍କା ହିସାବରେ ମୋଟ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ହୋଟେଲ, ରିସର୍ଟ, ଇକୋ-ଟୁରିଜମ୍ ଓ କନଭେନ୍ସନ ସେଣ୍ଟର ଭଳି ଭିତ୍ତିଭୂମିରେ ଘରୋଇ ନିବେଶ ବୃଦ୍ଧି ପାଇବା ସହ ସ୍ଥାନୀୟ ଯୁବକ, କାରିଗର ଓ ଛୋଟ ଉଦ୍ୟୋଗୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଯୋଜନାର ସଫଳ ରୂପାୟନ ପାଇଁ ପର୍ଯ୍ୟଟନ ବିଭାଗ ନୋଡାଲ ବିଭାଗ ଭାବେ ଇଡକୋ, ଓଟିଡିସି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସହ ମିଶି କାର୍ଯ୍ୟ କରିବ।ସେହିପରି ଜଳସମ୍ପଦ ବିଭାଗର ଦୁଇଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ନୟାଗଡ ଜିଲ୍ଲାର ଦଶପଲ୍ଲା, ନୂଆଗାଁ, ନୟାଗଡ, ଖଣ୍ଡପଡା ଓ ଓଡଗାଁ ବ୍ଲକର ସାମଗ୍ରିକ ବିକାଶ ପାଇଁ ୧୯୪.୦୭କୋଟି ଟଙ୍କାର 'ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ'ର ସ୍କିଲୱେ ନିର୍ମାଣ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ମରୁଡି ପ୍ରବଣ ଅଂଚଳର ୨୩୩୦୦ ହେକ୍ଟର ଚାଷୋପଯୋଗୀ ଜମି ଜଳସେଚନ ସୁବିଧା ପାଇବା ସହ ନୟାଗଡ ଜିଲ୍ଲାର ୩୦୯ଟି ଗାଁର ଚାଷୀମାନେ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ପାନୀୟ ଜଳର ମୁଖ୍ୟ ଉତ୍ସ ସାଜିଥିବା ୧୯୬୦ ଦଶକର ପୁରୁଣା ଜରାଜୀର୍ଣ୍ଣ ଅଯୋଧ୍ୟା ସାଗରର ମରାମତି ବୈଷୟିକ ଦୃଷ୍ଟିରୁ ସମ୍ଭବ ନ ହେବାରୁ, ଏହାର ତଳଭାଗରେ ଏକ ନୂତନ 'ଅନ୍ତଃ ନଦୀ ଜଳାଶୟ' (ଇନ୍?-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର) ନିର୍ମାଣ ନିମନ୍ତେ ୪୪୦.୩୩କୋଟି ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

# ଟ୍ରକ୍ ଧକ୍କାରେ ମା'-ଝିଅ ମୃତ

ବଲାଙ୍ଗିର,୯।୬: ବଲାଙ୍ଗିର ସହର ଗାନ୍ଧୀ ପଡାରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳା ଓ ତାଙ୍କ ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ସହରର ତାଲପାଲି ପଡାର ଧରମ ନାଗଙ୍କ ସ୍ତ୍ରୀ ସୁନୀତା ଓ ଝିଅ ଶ୍ରୁତି। ଶ୍ରୁତି ସ୍କୁଟି ଯୋଗେ ତାଙ୍କ ମା' ସୁନୀତାଙ୍କୁ ନର୍ସିଂହୋମ୍‌ରେ ଛାଡିବାକୁ ଯାଉଥିଲେ। ସେହି ସମୟରେ ଗାନ୍ଧୀ ପଡାରେ ପଛରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ଚାଲି ଯାଇଥିଲା। ଏହି ଦୃଶ୍ୟ ନିକଟରେ ଥିବା ଏକ ସିସିଟିଭିରେ ରେକର୍ଡ ହୋଇଛି। ଘଟଣା ସଂପର୍କରେ ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ କରୁଛି।



# ରାଜ୍ୟ ବାହାରକୁ ଚାଲାଣ ଉଦ୍ୟମ ବିଫଳ, ନାବାଳିକା ସମେତ ୪ ଯୁବତୀ ଉଦ୍ଧାର

ଭୁବନେଶ୍ୱର,୯।୬(ନି.ପ୍ର.): ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସୋମବାର ରାତିରେ ଘଟିଛି ଏକ ଚାଞ୍ଚଲ୍ୟକର ଘଟଣା। ଚାକିରିର ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ଚାଲାଣ ଉଦ୍ୟମ ହେଉଥିବା ବେଳେ ନାବାଳିକା ସମେତ ୪ ଜଣ ଯୁବତୀଙ୍କୁ ଉଦ୍ଧାର କରିଛି କମିଶନରେଟ୍ ପୋଲିସ।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥର ବରମୁଣ୍ଡା ଓଭରବ୍ରିଜ୍ ନିକଟରେ ଯୁବତୀମାନେ ବସ୍‌କୁ ଅପେକ୍ଷା କରୁଥିଲେ। ସେମାନଙ୍କ ଉପରେ କିଛି ଦଲାଲ ଓ ଏକ ଏନଜିଓ ସହ ଜଡିତ ମହିଳା କର୍ମଚାରୀ ନଜର ରଖିଥିବା ଅଭିଯୋଗ ହୋଇଛି।

ପରିସ୍ଥିତିକୁ ବୁଝି ଜଣେ ଯୁବତୀ କୌଶଳକ୍ରମେ ସେଠାରୁ ଖସି ଆସି ବସ୍‌ଷ୍ଟାଣ୍ଡର ସୁରକ୍ଷାକର୍ମୀଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ଅନ୍ୟ ଯୁବତୀମାନେ ମଧ ବସ୍‌ଷ୍ଟାଣ୍ଡ ଭିତରେ ଆଶ୍ରୟ ନେଇଥିଲେ। ଧରାପଡ଼ିବା ଭୟରେ ସେମାନେ ବସ୍ ତଳେ ଏବଂ ବିଭିନ୍ନ କୋଣରେ ଲୁଚି ରହିଥିଲେ।

ଘଟଣାସ୍ଥଳରେ ହଠାତ୍ ହଟ୍ଟଗୋଳ ସୃଷ୍ଟି ହେବାରୁ ଯାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତୁରନ୍ତ ସୁରକ୍ଷାକର୍ମୀମାନେ ହସ୍ତକ୍ଷେପ କରି ୪ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ବସ୍‌ଷ୍ଟାଣ୍ଡ ଫାଣ୍ଡି ପୋଲିସଙ୍କ ଜିମା ଦେଇଥିଲେ। ପରେ ସେମାନଙ୍କୁ ଏକ ଶର୍ଟ ଷ୍ଟେ ହୋମ୍‌କୁ ପଠାଯାଇଛି।

ତେବେ ଘଟଣା ପରେ ଦଲାଲମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ବସ୍‌ଷ୍ଟାଣ୍ଡ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ଆରମ୍ଭ କରିଛି। ଚାକିରିର ପ୍ରଲୋଭନ ଦେଖାଇ ଯୁବତୀମାନଙ୍କୁ ଅନ୍ୟତ୍ର ଚାଲାଣ କରାଯାଉଥିଲା କି ନାହିଁ, ସେନେଇ ପୋଲିସ ଖୋଳତାଡ଼ ଚଳାଇଛି।

## ଡାହୁକ



ମନ୍ତ୍ରୀ ବିଧାୟକ ପୋଲିସି ସାରେ
ଏମିତି ବାଗିଆ ଷଣ୍ଢ
ତାଙ୍କ ପାଇଁ ହୁଏ ତଦନ୍ତ ଆକଟା
ଟେକି ପାରେନାହିଁ ମୁଣ୍ଡ
କେତେ ବଡ଼ ବଡ଼ କାଣ୍ଡ
ହାତୀ ଗଳିଗଲେ ଯାଏ ଆସେ ନହିଁ
ପିମ୍ପୁଡି ଗଳିଲେ ଦଣ୍ଡ।

-ବିଧୁ

# ଦ୍ୱନ୍ଦରେ କଳିଙ୍ଗ ଯୁଦ୍ଧ ସ୍ମାରକୀ ନିର୍ମାଣ

ଭୁବନେଶ୍ୱର,୯।୬(ନି.ପ୍ର.): ଧଉଳି ପାହାଡ ନିକଟରେ କଳିଙ୍ଗ ଯୁଦ୍ଧର ସ୍ମାରକୀ ନିର୍ମାଣ ପ୍ରସ୍ତାବକୁ ଘେନି ଏବେ ଦ୍ୱନ୍ଦ ଉଠିଛି । ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ଯୁଦ୍ଧ ହୋଇଥିଲା କି ନାହିଁ ସେଥିଘେନି ଏଯାବତ୍ କୌଣସି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳିନଥିବାବେଳେ ଯଦି ବି କଳିଙ୍ଗଯୁଦ୍ଧ ହୋଇଥାଏ ତେବେ କଳିଙ୍ଗର ପରାଜୟର ଗାଥାକୁ ଗୌରବାନ୍ୱିତ କରିବାପାଇଁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଉଛି କି ବୋଲି ଚର୍ଚ୍ଚା ଚାଲିଛି ।

ଇତି ମଧ୍ୟରେ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୧୬ଜଣ ଐତିହାସିକଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ତେବେ ଏହି ଆଲୋଚନାରେ ଦୟାନଦୀକୂଳରେ କଳିଙ୍ଗଯୁଦ୍ଧ ହୋଇଥିବା ସଂକ୍ରାନ୍ତରେ କୌଣସି ନିଷ୍କର୍ଷ ମିଳିନାହିଁ । ଯଦି ଅଶୋକ କଳିଙ୍ଗ ବିଜୟ କରିଥିଲେ ସେ ସମୟରେ କଳିଙ୍ଗର କିଏ ରାଜା, ମନ୍ତ୍ରୀ ଓ ସେନାପତି ଥିଲେ ସେମାନଙ୍କ ସଂକ୍ରାନ୍ତରେ ବି ଇତିହାସ ନିରବ ।

ଏହି ଯୁଦ୍ଧରେ ଏକ ଲକ୍ଷ କଳିଙ୍ଗ ସୈନିକଙ୍କୁ ଅଶୋକ ସେନାବାହିନୀ ହତ୍ୟା କରିଥିଲେ । ପ୍ରାୟ ଦେଢ ଲକ୍ଷ କଳିଙ୍ଗ ସୈନିକ ଆହତ ହୋଇଥିଲେ ଏବଂ ଲକ୍ଷାଧିକଙ୍କୁ ବନ୍ଦୀ କରି ଅଶୋକ ପାଟଳିପୁତ୍ର ନେଇଥିବା କୁହାଯାଏ । ଦୁଇ ହଜାର ବର୍ଷ ତଳେ କଳିଙ୍ଗର ସୀମା ସରହଦ କେଉଁ ପର୍ଯ୍ୟନ୍ତ ଥିଲା ଏବଂ ସେ ସମୟରେ କଳିଙ୍ଗର ଜନସଂଖ୍ୟା ଓ ସେନାବାହିନୀ ସଂଖ୍ୟା କେତେ ଥିଲା ସେ ସଂକ୍ରାନ୍ତରେ ବି କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ପ୍ରମାଣ ନାହିଁ । ଲକ୍ଷାଧିକ କଳିଙ୍ଗ ସୈନିକଙ୍କୁ ବନ୍ଦୀ କରି ଅଶୋକ ପାଟିପୁତ୍ର ପର୍ଯ୍ୟନ୍ତ କ'ଣ ଚଲାଇ ଚଲାଇ ନେଇଥିଲେ କି ବୋଲି ଏବେ ପ୍ରଶ୍ନ ଉଠୁଛି ।

ଏଠାରେ ଉଲ୍ଲେଖନୀୟ ଯେ କଳିଙ୍ଗ ବୀରଙ୍କ ସ୍ମୃତିରେ ଧଉଳିରେ ଏକ ବିଶାଳ ଶିଳାସ୍ତମ୍ଭ ସହିତ ସେଠାରେ କିମ୍ବଦନ୍ତୀ ନାୟିକା କାରୁବାକୀଙ୍କ ନାମରେ ଏକ ମନ୍ଦିର ସହିତ ସଂଗ୍ରହାଳୟ ଓ ଆମ୍ପିଥିଏଟର ନିର୍ମାଣ କରାଯିବ ବୋଲି ପ୍ରଚାର କରାଯାଉଛି । ଏ ସଂକ୍ରାନ୍ତରେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ 'ଅଶୋକଙ୍କ କଳିଙ୍ଗ ବିଜୟ ସତ୍ୟ ନା ମନଗଢା କାହାଣୀ' ଶୀର୍ଷକ ଏକ ଆଲେଖ୍ୟ ଏବେ ବିତର୍କକୁ ବଢାଇଛି । ଏହାଛଡା ସଂଘ ପରିବାର ସହ ଜଡିତ ଭାଗିରଥୀ ମହାସୁଆର ଅନ୍ୟଏକ ଆଲେଖ୍ୟରେ ପ୍ରଶ୍ନ କରିଛନ୍ତି ଯେ ଲକ୍ଷେ ଲୋକ କ'ଣ ମନ୍ତ୍ରାଚାରଣରେ ମରିଗଲେ ଏ ସଂକ୍ରାନ୍ତରେ କୌଣସି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ନାହିଁ । ଲକ୍ଷେ ଓଡିଆଙ୍କୁ ହତ୍ୟା କରିବାପରେ ଅଶୋକ ହଠାତ୍ କିପରି ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ହୋଇଗଲେ ଓ ସେହି ଦେବତାମାନେ କିଏ ବୋଲି ଶ୍ରୀ ମହାସୁଆର ମଧ ପ୍ରଶ୍ନ ଉଠାଇଛନ୍ତି ।

ନିକଟରେ ଅନ୍ୟତମ ଗବେଷକ ଡକ୍ଟର ଅସିତ ମହାନ୍ତି ପ୍ରସ୍ତାବିତ କାରୁବାକି ମନ୍ଦିର ଆଦି ପ୍ରସଙ୍ଗରେ ପ୍ରଶ୍ନ ଉଠାଇଥିବାବେଳେ ଶ୍ରୀଲଙ୍କାର ଗବେଷକ ହୁ ଇଜ୍ ଅଶୋକ ପୁସ୍ତକରେ ଦୟାନଦୀ କୂଳରେ କଳିଙ୍ଗ ଯୁଦ୍ଧ ହୋଇଥିବାର ପ୍ରମାଣ ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନାସିକା ପ୍ରତିଭା ରାୟ ତାଙ୍କର ଏକ ପୁସ୍ତକରେ କଳିଙ୍ଗ ଯୁଦ୍ଧ ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିବା କଥାକୁ ଖଣ୍ଡନ କରିଥିବାବେଳେ କାରୁବାକୀଙ୍କୁ କିନ୍ତୁ ଦେବୀ ଆସନରେ ବସାଇଛନ୍ତି ।

ଜାତିର ଗୌରବ ପାଇଁ ଦିଗ୍‌ବିଜୟୀ ସମ୍ରାଟ ଖାରବେଳ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଆଦିଙ୍କୁ ସ୍ମାରକୀ ନିର୍ମାଣ ସହିତ ପାଇକ ବିଦ୍‌ରୋହ ସମୟରେ ଗଙ୍ଗପଡା, ପିପିଲି ଆଦି ବହୁ ସ୍ଥାନରେ ଓଡିଆ ପାଇକମାନେ ବ୍ରିଟିଶ ସେନାକୁ ପରାସ୍ତ କରିଥିବା ଏବଂ ବୀର ସୁରେନ୍ଦ୍ର ସାଏ, ମାଧୋ ସିଂଙ୍କ ଠାରୁ ଜୟୀ ରାଜଗୁରୁ, କୃତିବାସୀ ପାଟ୍ଟଶାଣୀ, ବକ୍ସି ଜଗବନ୍ଧୁ ଆଦି ସଂଗ୍ରାମୀମାନଙ୍କ ଗୌରବଗାଥାକୁ ନେଇ ସ୍ମାରକୀସ୍ତମ୍ଭ ନିର୍ମାଣ କରିବା ସପକ୍ଷରେ ବହୁ ବୁଦ୍ଧିଜୀବୀ ମତ ଦେଉଛନ୍ତି । ଯଦି କଳିଙ୍ଗ ପରାଜୟ କାହାଣୀକୁ ନେଇ ଶିଳାସ୍ତମ୍ଭ ବା ହୀରୋଷ୍ଟୋନ୍ ସ୍ଥାପନ କରାଯାଏ ତେବେ ମୋଗଲ, ଆଫଗାନ, ମରହଟ୍ଟା, ଇଂରେଜ ଆଦିଙ୍କ ଓଡିଶା ଅଧିକାର ସହିତ ଗୋହିରା ଟିକିରି ଯୁଦ୍ଧ କ୍ଷେତ୍ରକୁ କ'ଣ ଗୌରବାମଣ୍ଡିତ କରାଯିବ କି ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଉଛନ୍ତି । ତେବେ ଏ ସଂକ୍ରାନ୍ତରେ ଏଯାବତ୍ ରାଜ୍ୟ ସରକାର କିଛି ଚୂଡାନ୍ତ ନିଷ୍ପତ୍ତି ନେଇନଥିବା କୁହାଯାଉଛି ।



# ପୋଖରୀ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ

## ପୌର ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଲୋକେ

ବଲାଙ୍ଗିର,୯।୬(ନି.ପ୍ର.); ବଲାଙ୍ଗିର ସହର ୱାର୍ଡ ନଂ.୧୦ ସ୍ଥିତ ଗେଟସରୋବର ବନ୍ଧର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବ୍ୟାପକ ଜନ ଅସନ୍ତୋଷ ଦେଖା ଦେଇଛି । ଏ ନେଇ ଅଂଚଳବାସୀ ଆଜି ପୌର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ଯେ ବନ୍ଧର ପଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି କିନ୍ତୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ମାଟି ଖନନ କରାଯାଇପାରିନାହିଁ ।



କେବଳ ବନ୍ଧଆଡି ପାର୍ଶ୍ୱରେ ଥିବା ମାଟି ଖନନ କରାଯାଇ ସେହି ପାଖରେ ହିଁ ପକାଇ ଦିଆଯାଇଛି । ମାଟିକୁ ସ୍ଥାନାନ୍ତରଣ କରିବା ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ । ପାଣିପାଗ ବିଶେଷଜ୍ଞଙ୍କ ମତନୁଯାୟୀ ଖୁବ୍ ଶିଘ୍ର ମୌସୁମୀ ବର୍ଷା ହୋଇପାରେ । ବର୍ଷା ହେଲେ ମାଟି ସବୁ ପୁନର୍ବାର ବନ୍ଦ ଭିତରକୁ ଚାଲି ଆସିବ । ସୂଚନାଯୋଗ୍ୟ ଯେ ଏହି ବନ୍ଦ ଉପରେ ଗେଟସରୋବରପଡା, ସୁଦପଡା, ଖଦାଲପଡା, କଂସାରିପଡା ଓ ରବିଦାସ ନଗର ର ହଜାର ହଜାର ବାସିନ୍ଦା ସ୍ନାନ ପାଇଁ ଏ ପୋଖରୀ ଉପରେ ନିର୍ଭରଶିଳ । ପୌର ପରିଷଦର ଏଭଳି ଉଦାସିନତା କାର୍ଯ୍ୟକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି । ତେଣୁ ତୁରନ୍ତ ଖନନ କରାଯାଇଥିବା ମାଟି ବର୍ଷା ପୂର୍ବରୁ ସ୍ଥାନାନ୍ତରଣ କରିବା ପାଇଁ ଲୋକେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ କରିବା ସମୟରେ ପଶ୍ଚିମ ଓଡିଶା ଲକ୍ଷେ ଘର ଗଣ୍ଡା ସମାଜ ର ସଭାପତି ଓମ୍ ପ୍ରକାଶ କୁମ୍ଭାର, ସୀତାରାମ କୁମ୍ଭାର, ଅଶୋକ ହରପାଲ, ପ୍ରକାଶ ରାୟ, ଦିଲିପ କୁମ୍ଭାର ଓ ଫଣିନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

# ଯାଜପୁରରେ ସୁଚାରୁ ରୂପେ ଚାଲିଛି ଏସଆଇଆର ଫର୍ମ ବଂଟନ

## ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ

## ଶହେ ପ୍ରତିଶତ ଫର୍ମ ବଂଟନ ପାଇଁ ବୁଥ ନମ୍ବର ୮୪ ର ବିଏଲଓ ସମ୍ବର୍ଦ୍ଧିତ

ଯାଜପୁର,୯।୬(ନି.ପ୍ର.): ଯାଜପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଂଟନ କରୁଛନ୍ତି। ଏହି କ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଆଜି ଧର୍ମଶାଳା ବ୍ଲକ୍ ପରିଦର୍ଶନ କରି ମତାଦାତାଙ୍କୁ ପରିଗଣନା ଫର୍ମ ବଂଟନ କାର୍ଯ୍ୟର ତଦାରଖ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୮୪ ର ଶହେ ପ୍ରତିଶତ ପରିଗଣନା ଫର୍ମ ବଂଟନ ଶେଷ ହୋଇଥିବା ଯୋଗୁଁ ବିଏଲଓ ସ୍ମୃତି ରଞ୍ଜନ ସାହାଣୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ବିଡ଼ିଓ ଜ୍ୟୋତିର୍ମୟ କର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜୁନ୍ ୮ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୧୧,୪୯,୬୩୩ ପରିଗଣନା ଫର୍ମ ବଂଟନ କରାଯାଇଛି। ଏଥିରେ ୭୪.୭୯ ପ୍ରତିଶତ ମତଦାତା ବର୍ତମାନ ସୁଦ୍ଧା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହାସହ ୪୯,୬୩୯ ଟି ଫର୍ମ ଡିଜିଟାଇଜ କରାଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୯୯ ପ୍ରତିଶତ ପରିଗଣନା ଫର୍ମ ବଂଟନ ଶେଷ ହୋଇଛି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବର୍ତମାନ ସୁଦ୍ଧା ବିଞ୍ଝାରପୁରରେ ୧୮୩୧୩୪, ବରୀରେ ୧୭୪୧୨୪, ବଡ଼ଚଣାରେ ୧୯୦୧୨୩, ଧର୍ମଶାଳାରେ ୧୭୦୦୩୫, ଯାଜପୁରରେ ୧୬୫୮୭୫, କୋରେଇରେ ୧୩୯୭୩୦, ସୁକିନ୍ଦାରେ ୧୨୬୬୧୨ ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଂଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି।

# ଭତ୍ତା ଓ ଗୃହ ବଣ୍ଟନରେ ଅନିୟମିତତା ନେଇ ଅଭିଯୋଗ

## ଯୋଗ୍ୟଙ୍କୁ ବାଦଦେଇ ଅଯୋଗ୍ୟଙ୍କୁ ଅନୁକମ୍ପା

ଖଣ୍ଡପଡା, ୯/୬ (ନିପ୍ର): ଭାପୁର ଅଞ୍ଚଳ ଦୁର୍ନୀତି ପାଇଁ ସର୍ବଦା ଚର୍ଚ୍ଚାରେ ଥିବାବେଳେ ଭତ୍ତା ଏବଂ ଆବାସ ପାଇଁ ଦୁର୍ନୀତି ହେଉଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ ଭତ୍ତା ଭଳି ମୌଳିକ ସୁବିଧା ନିମନ୍ତେ ଲୋକଙ୍କୁ ହନ୍ତସନ୍ତ କରାଯାଉଛି। ବ୍ଲକ ଅଧୀନ ୨୦ଟି ପଞ୍ଚାୟତରେ ଶହ ଶହ ଯୋଗ୍ୟ ତଥା ବୟସ୍କ ହିତାଧିକାରୀ ଆବେଦନ କରିଥିବା ବେଳେ ସେମାନଙ୍କୁ ବାଦ ଦେଇ ଏବେ ଅଯୋଗ୍ୟ ତଥା ନୂଆ ଆବେଦନ କରୁଥିବା ଲୋକଙ୍କୁ ସାମିଲ କରାଯାଉଥିବା ଅଭିଯୋଗ ହୋଇଛି। ଗତ ୨୦ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରମୁଖ ଶାସନ ସଚିବ ଗିରୀଶ ଏସ ଏନଙ୍କୁ ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା ପ୍ରଧାନମନ୍ତ୍ରୀ ଆବାସ, ଅନ୍ତୋଦୟ ଗୃହ, ମନରେଗା ଭଳି ଯୋଜନାରେ ଅନିୟମିତତା କରି ଚର୍ଚ୍ଚାରେ ଥିବାବେଳେ ଏବେ ନୂଆ ଦୁର୍ନୀତିକୁ ନୀତି କରିଛନ୍ତି। ଗରିବ ନିରୀହଙ୍କ ଭତ୍ତା ଯୋଜନାରେ ହସ୍ତକ୍ଷେପ ସହିତ ଯୋଗ୍ୟ ଲୋକଙ୍କୁ ବାଦଦେଇ ଅଯୋଗ୍ୟଙ୍କୁ ସାମିଲ କରୁଥିବା ଜଣାପଡିଛି। ୭୦ ବର୍ଷର ବୃଦ୍ଧ ବୃଦ୍ଧା ଶଯ୍ୟାଶାୟୀ ଥାଇ ଆବେଦନ କରିଥିବା ବେଳେ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ମାତ୍ର ହାତଗୁଞ୍ଜା ଦେଉଥିବା ୬୦ ବର୍ଷର ସକ୍ଷମ ଲୋକଙ୍କୁ ତୁରନ୍ତ ସାମିଲ କରାଯାଉଥିବା ଶ୍ରୀମତୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏ ନେଇ ଶ୍ରୀମତୀ ପ୍ରଧାନ ଉପଜିଲ୍ଲାପାଳଙ୍କ ଠାରୁ ପାଇଥିବା ତଥ୍ୟ ଅନୁଯାୟୀ ୧୮ ଶହରୁ ଉର୍ଦ୍ଧ୍ୱ ଆବେଦନକାରୀଙ୍କ ମଧ୍ୟରୁ ୨୭୦ ଜଣ ସକ୍ଷମ ବ୍ୟକ୍ତିଙ୍କୁ ଅସତ ଉପାୟରେ ଭତ୍ତା ଦିଆଯାଇଥିବା ଭଳି ସଙ୍ଗିନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଭାପୁର ଅଞ୍ଚଳରେ ସରକାରୀ ଜାଗାରେ ଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ଭଙ୍ଗା ଯାଉଥିବା ବେଳେ ବିଡିଓ ଶ୍ରୀ ପଣ୍ଡା ସରକାରୀ ଜମିରେ ଅନ୍ତୋଦୟ ଘର କରିବାକୁ ମଞ୍ଜୁରୀ ଦେଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏଥିସହିତ ଏକ ଜିଲ୍ଲାସ୍ତରୀୟ କମିଟି କରି ଉକ୍ତ ଅନିୟମିତତାର ଯାଞ୍ଚ କରିବାକୁ ଶ୍ରୀମତୀ ପ୍ରଧାନ ଦାବି କରିଛନ୍ତି। ନୟାଗଡ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଚତୁର୍ଥ ବାର୍ଷିକ ଉତ୍ସବରେ ଯୋଗ ଦେଲେ ମିଷ୍ଟର ଓଡ଼ିଶା

ଯାଜପୁର୯।୬(ନିପ୍ର): ଯାଜପୁର ପୌରାଳ ଅନ୍ତର୍ଗତ ମାଂସାପୋଲରେ ଥିବା ଅତ୍ୟାଧୁନିକ ଘରୋଇ ବ୍ୟାୟମଶାଳା ଷ୍ଟଡ଼ ଫିଟନେସ ର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବ୍ୟାୟମଶାଳାର ପରିଚାଳକ ସତ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମିଷ୍ଟର ଓଡ଼ିଶା ଜଗନ୍ନାଥ ଖୁଂଟିଆ ଯୋଗ ଦେଇ ସୁସ୍ଥ ଶରୀର ଗଠନ ପାଇଁ ବ୍ୟାୟାମର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପରିଚାଳକ ଲକ୍ଷ୍ମୀନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମିଷ୍ଟର ଓଡ଼ିଶା ଶୁଭଙ୍କର ରାଉତ, ବଡି ବିଲଡର ଭବସାଗର ମହାପାତ୍ର ଯୋଗ ଦେଇ ଯୁବକ ମାନଙ୍କୁ ଖଟି ବା ମୋବାଇଲ ରିଲସରେ ସମୟ ଅତିବାହିତ ନ କରି ଶରୀର ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେବାସହ ଯୁବକ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବହୁ ଉତମ ସ୍ୱାସ୍ଥ୍ୟବାନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିପ୍ରେକ୍ଷୀରେ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବି ଓ ବ୍ୟାୟମଶାଳାର କର୍ମକର୍ତା ମାନେ ଉପସ୍ଥିତ ଥିଲେ।

# କୁମ୍ଭାରପଡାରେ କଲ୍ୟାଣ ମଣ୍ଡପ ନିର୍ମାଣ ଦାବି

ଖଣ୍ଡପଡା,୯।୬(ନିପ୍ର): ଖଣ୍ଡପଡା ବ୍ଲକ କୁମ୍ଭାରପଡା ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ମିଳିଥିବା ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଗଠନକୁ ଦୀର୍ଘବର୍ଷ ବିତିଥିବା ବେଳେ କଲ୍ୟାଣ ମଣ୍ଡପ ଟିଏ ନଥିବାରୁ ନାନା ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଦିନକୁ ଦିନ ଗ୍ରାମାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ହେଉଥିବା ବେଳେ ସାମାଜିକ କାର୍ଯ୍ୟକ୍ରମ ମଧ ବଢୁଛି। ତେବେ ବିବାହ, ବ୍ରତଘର ନିମନ୍ତେ କଲ୍ୟାଣ ମଣ୍ଡପ ଟିଏ ନଥିବା ଯୋଗୁଁ ନାନା ସମସ୍ୟା ଭୋଗୁଛନ୍ତି ପଞ୍ଚାୟତ ବାସିନ୍ଦା। ଗ୍ରାମର ଆରାଧ ଠାକୁର ପ୍ରଭୁ ଲଡୁକେଶ୍ୱର ଜୀଉଙ୍କ ପୀଠରେ ବର୍ଷତମାମ ସାମାଜିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଥିବା ବେଳେ ନାନା ସମସ୍ୟା ସୃଷ୍ଟି ହେଉଛି। ପଞ୍ଚାୟତର ସାଧାରଣ ଲୋକଙ୍କ ସୁବିଧା ପାଇଁ କଲ୍ୟାଣ ମଣ୍ଡପ ନିର୍ମାଣ ନିହାତି ଆବଶ୍ୟକତା ଥିବାବେଳେ ଏ ଦିଗରେ ସରକାର ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦା ବିବାହ, ବ୍ରତୋପନୟନ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏବେ ମନ୍ଦିର ପରିସର ଯଥେଷ୍ଟ ହେଉନଥିବା ବେଳେ ନିକଟରେ ଥିବା ଖାଲି ସ୍ଥାନରେ ନିର୍ମାଣ ନିମନ୍ତେ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ ଯେ କୁମ୍ଭାରପଡା ଆଖପାଖ ବିଭିନ୍ନ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ସରିଥିବା ବେଳେ ଅଞ୍ଚଳ ବାସୀ ଆଜି ମଧ ଏଥିରୁ ବଞ୍ଚିତ ରହିଛନ୍ତି



# ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ

ଖୋର୍ଦ୍ଧା,୯।୬: ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ୨୦୨୬ ପାଳନ ଅବସରରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ ୦୩.୦୬.୨୦୨୬ ରୁ ୦୯.୦୬.୨୦୨୬ ପର୍ଯ୍ୟନ୍ତ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଲେଭେଲ କ୍ରସିଂ ଗେଟ୍ ?ଗୁଡ଼ିକରେ ଏକ ସ୍ୱତନ୍ତ୍ର ସୁରକ୍ଷା ସଚେତନତା ଅଭିଯାନ ପରିଚାଳନା କରାଯାଇଥିଲା, । ଏହି ଅଭିଯାନ ଖଉ ନଂ କଚ-୯, କଚ-୧୧, କଚ-୧୪, କଚ-୨୭, ୨୦୨, ୨୫୫, ୨୬୩, ୧୧୮, ୧୧୯, ୧୨୦, ୧୪୨, ୧୪୭, ୨୮୯, ୨୯୨, ୧୮୫ ଏବଂ ୨୧୯ ଠାରେ ଆୟୋଜିତ ହୋଇଥିଲା। ୦୯.୦୬.୨୦୨୬ ତାରିଖରେ ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳନ ସହିତ ଏହି ଅଭିଯାନର ସମାପନ ହୋଇଥିଲା।

ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରୟାସ, ଯାହାର ଉଦ୍ଦେଶ୍ୟ ହେଉଛି ରେଳବାଇ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା । ୨୦୨୬ ର ବିଷୟବସ୍ତୁ ହେଉଛି “ଆଜି ସତର୍କ, ଆସନ୍ତାକାଲି ସୁରକ୍ଷିତ”। ଏହି ଅବସରରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନରେ ଥିବା ମଞ୍ଚ ?ଶ୍ୱର ଏବଂ ବାରଙ୍ଗ ଷ୍ଟେସନ ମଧ୍ୟରେ ଅବସ୍ଥିତ ଲେଭେଲ କ୍ରସିଂ ଗେଟ୍ ନଂ ୧୮୫ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ



ଆୟୋଜିତ ହୋଇଥିଲା। ସାଧାରଣ ଜନତାଙ୍କୁ ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷିତ ଅଭ୍ୟାସ ବିଷୟରେ ଶିକ୍ଷା ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି , ଲିଫଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ ସହ ସୁରକ୍ଷା ବାର୍ତ୍ତା ପ୍ରଚାର ମାଧ୍ୟମରେ ସଡ଼କ ବ୍ୟବହାରକାରୀ ଏବଂ ସାଧାରଣ ଲୋକଙ୍କୁ ରେଳ ଲେଭେଲ କ୍ରସିଂରେ ସୁରକ୍ଷିତ ଆଚରଣ ସମ୍ପର୍କରେ ସଚେତନ କରାଯାଇଥିଲା।

ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହି ଅଭିନୟ ରେଳ ଧାରଣା ପାର ହେବା ସମୟରେ ଧୈର୍ଯ୍ୟ ଓ ସତର୍କତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା ଏବଂ ଗେଟ୍ ବନ୍ଦ ଥିବା ସମୟରେ କ୍ରସିଂ ପାର ହେବା ପାଇଁ କୌଣସି ଚେଷ୍ଟା କରାଯିବା ଉଚିତ୍ ନୁହେଁ ବୋଲି ଦର୍ଶାଇଥିଲା। ଖୋର୍ଦ୍ଧା ରୋଡ୍ ବେସାମରିକ ପ୍ରତିରକ୍ଷା (ସିଭିଲ୍ ଡିଫେନ୍ସ) ସଂଗଠନର ସଦସ୍ୟମାନେ ମଧ ରେଳ ଧାରଣାରେ ଅନୁପ୍ରବେଶ କରିବା, ସେଲଫି ନେବା, ଭିଡିଓ ରିଲ୍ସ ତିଆରି କରିବା ଏବଂ ରେଳ ପରିସର ମଧ୍ୟରେ ଅନ୍ୟାନ୍ୟ ଅସୁରକ୍ଷିତ କାର୍ଯ୍ୟକଳାପ କରିବାର ବିପଦ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ।

ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ସୁବୋଧ ଚୌଧୁରୀ ମୁଖ୍ୟ ସୁରକ୍ଷା ଅଧିକାରୀ , ଶ୍ରୀ ପି. କେ. ବେହେରା ଏଡିଆରଏମ (ପରିଚାଳନ) ଖୋର୍ଦ୍ଧା ରୋଡ୍, ଶ୍ରୀ ଏ. ପି. ବାରିକ ଡେପୁଟି ସିଏସଓ/ଇଲେକ୍ଟ୍ରିକାଲ ଏବଂ ଅନ୍ୟାନ୍ୟ ବ୍ରାଞ୍ଚ ଅଧିକାରୀମାନେ ଲେଭଲ୍ କ୍ରସିଂ ଏବଂ ରେଳ ପରିସର ମଧ୍ୟରେ ସୁରକ୍ଷା ନିୟମାବଳୀ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ଦୋହରାଇ ସେମାନେ ସମସ୍ତ ରାସ୍ତା ବ୍ୟବହାରକାରୀ ଏବଂ ପଦଚାରୀମାନଙ୍କୁ ସତର୍କ ରହିବାକୁ ଏବଂ ନିର୍ଦ୍ଧାରିତ ସୁରକ୍ଷା ପ୍ରଣାଳୀ ଅନୁସରଣ କରିବାକୁ ଅନୁରୋଧ କରିଥିଲେ।ଏହି କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍ ?ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଶ୍ରୀ ନମୋନାରାୟଣ ମୀନାଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିବା ବେଳେ ସିଭିଲ୍ ଡିଫେନ୍ସ ଇନଷ୍ଟ୍ରକ୍ଟର ଶ୍ରୀ ସୁକେନ୍ଦ୍ର ବେହେରାଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା

# ଧୂଳି ପ୍ରଦୂଷଣ ବିରୋଧରେ ନଗର କଂଗ୍ରେସର ପ୍ରତିବାଦ, ମାସ୍କ ବଣ୍ଟନ, ଦୁର୍ଘଟଣାରେ ଏଫ୍ଆଇଆର ଦାଖଲ



ବଲାଙ୍ଗିର,୯।୬(ନି.ପ୍ର.): ବଲାଙ୍ଗିର ସହରରେ ବଢୁଥିବା ଧୂଳି ପ୍ରଦୂଷଣ ଏବଂ ରାସ୍ତାର ଅବ୍ୟବସ୍ଥା ବିରୋଧରେ ଆଜି ବିକ୍ରମ ଛକ ଠାରେ ନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୂଚନାଯୋଗ୍ୟ ଯେ ବଲାଙ୍ଗିର ସହରରେ ବିଭିନ୍ନ ବନ୍ଧର ପୁନଃରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାରେ ବହୁ ପରିମାଣର ମାଟି ଓ ଧୂଳି ପଡି ରହିଥିବାରୁ ସାଧାରଣ ଜନତା ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବର୍ଷା ପାଣି ପଡିବା ପରେ ଏହି ଧୂଳି ଓ ମାଟି କାଦୁଅ ରେ ପରିଣତ ହୋଇ ରାସ୍ତାକୁ ପିଚ୍ଛିଳା କରିଦେଉଛି । ଆଜି ସ୍ଥାନୀୟ ଗାନ୍ଧୀନଗର ପଡାରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନଗର କଂଗ୍ରେସ ପକ୍ଷରୁ ଏହି ଘଟଣା ପାଇଁ ଦାୟୀ ଥିବା ଅଭିଯୋଗରେ ବଲାଙ୍ଗିର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷାଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରି ତଦନ୍ତ କରିବାକୁ ଦାବି କରାଯାଇଛି । ନଗର କଂଗ୍ରେସ ସଭାପତି ବୁଲୁ ଦାନୀ କହିଛନ୍ତି ଯେ ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଏହି ଅବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ଜାରି ରହିବ ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପର୍ଯ୍ୟନ୍ତ ସଂଗଠନ ଚୁପ ରହିବ ନାହିଁ । ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ଆଜିର ବିକ୍ଷୋଭ ସଭାରେ ହିମାଂଶୁ ନାୟକ, କୈଳାସ ମିଶ୍ର, ସମିର କୁମ୍ଭାର, ବ୍ରଜ ସେଠି, ଅଙ୍କିତ ସାହୁ, କିଶୋର ଦଣ୍ଡସେନା, ନୀତିଶ ପଧାନ, କିରଣ ସେଠ, ଚିନ୍ମୟ ବେହେରା, ସୋହନ ନାଏକ ପ୍ରଭୃତି ଉପସ୍ଥିତ ଥିଲେ ।

## ରଜ ରାଜକୁମାରୀ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ସାମ୍ବାଦିକ ସମ୍ମିଳନୀ

ଯାଜପୁର,୯।୬(ନି.ପ୍ର.):ଓଡ଼ିଆ ସିନେମା, ଅପେରା ଓ ସିରିଏଲ୍ ଜଗତକୁ ବହୁ କଳାକାର ଭେଟି ଦେଇଥିବା ଯାଜପୁର ଟାଉନ୍ ର ପ୍ରତିଷ୍ଠିତ ପୁରାତନ କଳାନୁଷ୍ଠାନ ଜ୍ୟାକସନ ଡାନ୍ସ ସ୍କୁଲ ଓ ଗ୍ରୁପ ଆସନ୍ତା ରଜ ପର୍ବ ଅବ୍ୟବହିତ ପୂର୍ବରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅଂଚଳବାସୀ ଙ୍କୁ ଭେଟି ଦେବାକୁ ଯାଉଛି। ଏହି ଉପଲକ୍ଷେ ଅନୁଷ୍ଠାନ ର ମୁଖ୍ୟ ନିର୍ଦ୍ଦେଶକ ୱାଜିଦ୍ ଅଲ୍ଲୀ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଆସନ୍ତା ୧୨ ତାରିଖ ଶୁକ୍ରବାର ଦିନ ସନ୍ଧ୍ୟା ୫ ଟାରୁ ରାତି ୧୦ ଟା ଯାଏଁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ବୋଲି ସୂଚନା ଦେଇଥିଲେ। ମୁଖ୍ୟତଃ ଓଡ଼ିଆ ଙ୍କ ପ୍ରମୁଖ ଗଣପର୍ବ ରଜୋତ୍ସବ ନିମନ୍ତେ ରଜର ରାଜକୁମାର ଓ ରାଜକୁମାରୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ସହିତ କ୍ରମାଗତ ଭାବେ ବିଭିନ୍ନ ପ୍ରତିଷ୍ଠିତ କଳାକାର ଏବଂ ଓଲିଉଡ ଅଭିନେତା ଅଭିନେତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବ।

# ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ ହେଲେ ଜାତୀୟ କରାଟେ କୋଚ୍ ଅସୀମ ଭୋଇ

ବଲାଙ୍ଗିର,୯।୬(ନି.ପ୍ର.): ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗିରର ପ୍ରତିଭା ତଥା ଜାତୀୟ କରାଟେ ଓ ଟାଇକଣ୍ଡୋ କୋଚ୍ ଅସୀମ କୁମାର ଭୋଇଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସମ୍ମାନଜନକ ପ୍ରକୃତି ବନ୍ଧୁ ପୁରସ୍କାର ରେ ସମ୍ମାନିତ କରାଯାଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବଲାଙ୍ଗିର ଡିଏଫଓ ଅଫିସ୍ କନଫରେନ୍ସ ହଲ୍ ରେ ଆୟୋଜିତ ଏକ ସ୍ୱତନ୍ତ୍ର ସାରସ୍ୱତ ସମାରୋହରେ ବଲାଙ୍ଗିର ଜିଲ୍ଲାପାଳ ଗୌରଭ୍ ଶିବାଜୀ ଇସଲ୍ୱର୍ ଅସୀମ କୁମାର୍ ଭୋଇଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି ।ପରିବେଶ ସନ୍ତୁଳନ ରକ୍ଷା କରିବା, ବୃକ୍ଷରୋପଣକୁ ପ୍ରୋତ୍ସାହନ ଦେବା ଏବଂ ଯୁବପିଢ଼ିଙ୍କୁ ମାର୍ଶାଲ ଆର୍ଟସ ସହିତ ସାମାଜିକ ଦାୟିତ୍ୱବୋଧ ଶିଖାଇବା ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଥିବାରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି ।?ଏହି ଗୌରବମୟ ଉତ୍ସବରେ ଏଡିସିନାଲ୍ ଏସପୀ ଗୁଣନିଧି ମଲ୍ଲିକ, ଡୀଏଫଓ ଅଜିତ ବିଶି, ରୀଜିଓନାଲ୍ ଅଫିସର ଷ୍ଟେଟ୍ କଣ୍ଟ୍ରୋଲ ବୋର୍ଡ ବବିତା ସିଂ ମଧ ଉପସ୍ଥିତ ଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ଭୋଇ କହିଛନ୍ତି, ‘ଏହି ସଫଳତା କେବଳ ମୋର ନୁହେଁ, ବରଂ ମୋ ସହିତ ଜଡ଼ିତ ପ୍ରତ୍ୟେକ ପରିବେଶ ପ୍ରେମୀଙ୍କର। ଆଗାମୀ ଦିନରେ ଆମର ଏହି ସବୁଜ ଅଭିଯାନ ଆହୁରି ବ୍ୟାପକ ହେବ।‘ ତାଙ୍କର ଏହି ସଫଳତା ପାଇଁ ସାରା ବଲାଙ୍ଗିର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।



ଆଞ୍ଚଳିକ ମନ୍ଥନ
ବୁଧବାର, ୧୦ ଜୁନ୍ ୨୦୨୬, ଭୁବନେଶ୍ୱର Wednesday, 10 June 2026, Bhubaneswar




# ବାପି ସରଖେଲଙ୍କ କଳା ସାମ୍ରାଜ୍ୟର ପେଡି ଖୋଲିଲେ ରାକେଶ

## ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଭୟରେ ଭୟଭିତ ବାପି

**ପାରାଦୀପ, ୯।୬ (ନି.ପ୍ର):** ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ଘର ଉପରେ ବୋମା ମାଡ଼ ଘଟଣାରେ ପ୍ରମୁଖ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଙ୍କୁ ମୂଖ୍ୟ ଅପରାଧୀ କୁ ଗିରଫ ସହ ଏହି ଘଟଣାରେ ତଥାକଥିତ ନେତା ବାପି ସର୍‌ଖେଲ ଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ପୃଥକ ପୃଥକ ଭାବେ ବିଭିନ୍ନ ରାଜନୈତିକ ଦଳ ଦୃଢ ଦାବୀ କରାଯାଇଥିଲା ବେଳେ ସ୍ଥାନୀୟ ସଂଗଠନ ମଧ୍ୟ ଦାବୀ ପ୍ରଦାନ କରି ଥିଲେ। ଦାବୀ ପ୍ରଦାନ କରିବା ଦେଖି ନିଜକୁ ପଦ୍ମାବତୀ ପରି ସଜେଇ ହେଇ କିଛି ବସିଭୂତ କରିଥିବା ସାମ୍ବାଦିକ ମାନଙ୍କୁ ନେଇ ଏହି ଘଟଣାର ଏହା ତାଙ୍କ ବିରୁଦ୍ଧରେ ଏକ ଷଡଯନ୍ତ୍ର ବୋଲି ସଫେଇ ଦେଇ ଏହି ସର୍ବଦଳୀୟ ପ୍ରତିବାଦ ସଭାରେ ସ୍ଥାନୀୟ ଯୁବ ବ୍ୟବସାୟୀ ତଥା ଶ୍ରମିକ ନେତା ରାକେଶ ପଟ୍ଟନାୟ଼ ଲୋକ ଯୋଗାଇବା ଓ ତାଙ୍କୁ ଅପରାଧୀ ଆଖ୍ୟା ଦେଇଥିଲେ। ଏହାର ପ୍ରତିବାଦ କରି ରାକେଶ ପଟ୍ଟନାୟକ ମଙ୍ଗଳବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସର୍‌ଖେଲ ଙ୍କ ଅଭିଯୋଗ କୁ ଖଣ୍ଡନ କରିବାସହ ରାକାଙ୍କୁ ଅପରାଧୀକ ପୃଷ୍ଠପୋଷାକ ସଜେଇବାରେ ବାପି ସରଖେଲ ଙ୍କ ପ୍ରମୁଖ ଭମିକା ରହିଥିବା ପାଲଟା ଅଭିଯୋଗ କରିଥିଲେ। ଏ ପାରିକି ବାପି ସର୍‌ଖେଲଙ୍କ ପୁରା ଅପରାଧିକ ସାମ୍ରାଜ୍ୟର ପେଡି ଖୋଲିବାସହ କଳା ଟଙ୍କାର କଳା କାରନାମା ର ଲମ୍ବା ତାଲିକାର ପାଞ୍ଜି ଖୋଲିଥିଲେ। ଏହି ଘଟଣା ମୋ ଆତ୍ମ ସମ୍ମାନ ପ୍ରତି କ୍ଷୁର୍ଣ୍ଣ ହେବାସହ କଳା ଦାଗର ଛିଟକାର ଅସଲି ଗୁମର ସାମାଜିକ ଲୋକ ଜାଣିଲା ପରେ ଧୀରେ ଧୀରେ ପ୍ରଶାସନ ମଧ୍ଯ ବାସ୍ତବ ଯଥା ଜାଣିବା ପରେ ରାକେଶ ସମାଜର ମୁଖ୍ୟ ସ୍ରୋତକୁ ଆସିଥିଲା । ତଥାପି ବାପି ଆଉ ବାପୁ ରାକେଶ ଙ୍କୁ ମିଥ୍ୟା ଅଭିଯୋଗରେ ଛନ୍ଦି ଦେଇଥିଲେ ସୁଦ୍ଧା ରାକେଶ ଅନେକ ଯନ୍ତ୍ରଣା ସହି ସତ୍ୟର ସାମ୍ନା କରି। ସହିବାର ସୀମା ଆଉ କହିବାର ସୀମା ଟପି ଯିବାରୁ ରାକେଶ ସାମ୍ବାଦିକ ସମ୍ମିଳନୀ ରେ ବାପି ଙ୍କ କଳା କାରନାମା ର ପେଡି ଖୋଲିବା ଦେଖି ବାପି ନିଜ ଫେସବୁକ ଆଇଡି ରେ ଯୋଉ ଭଳି କହୁଛନ୍ତି ଠାକୁର ଘରେ କିଏନା ମୁଁ କଦଳୀ ଖାଇନି ଅଭିନୟକୁ ସହଜରେ ହଜମ କରି ହେଉନି। କାରଣ ପୂର୍ବରୁ ପାରାଦୀପ ରେ ପାରାଦୀପ ରେ ଯେତିକି ହତ୍ୟାକାଣ୍ଡ ହେଇଚି ସେଥିରେ ବାପି ଙ୍କ ସିଧାସଳଖ ସମ୍ପୃକ୍ତି ଦାଣ୍ଡରେ ପଡି ହାଟରେ ଗଡୁଥିଲାବେଳେ ରାକେଶ ଙ୍କ ବିବୃତି ବାପି ଙ୍କ ଅସଲି ଚେହେରାର ଚିତ୍ର ଚଉଦିଗ କୁ ବ୍ୟାପି ଯାଉଛି। ଏ ପରିକି ରାକେଶ ଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ପ୍ରଶାସନ କୁ ନେବେଦନ କରି ଅତୀତର ଘଟଣାକୁ ପୁଙ୍ଖାନୁ ପୁଙ୍ଖିଖ ତଦନ୍ତ କରିବାକୁ ଖୁଲମ ଖୁଲା କହିଛନ୍ତି। ଗତ ୨୦୦୭ ମସିହାରେ ଜନ୍ମ ସ୍ଥାନ କାକଟପୁର ଛାଡି ପାରାଦୀପରେ ବାପି ସରଖେଲ ଙ୍କ କମ୍ପାନୀ ସାର୍କ ଗ୍ରୁପ ମାର୍କେଟିଙ୍ଗ ଲିମିଟେଡ୍ ରେ ମ୍ୟାନେଜର ଭାବେ ଚାକିରୀ ଆରମ୍ଭ କରିଥିଲେ ରାକେଶ। ସେତେବେଳେ ବାପି ସରଖେଲ ଉପରୋକ୍ତ କମ୍ପାନୀ କରିବା ସହିତ ଆଇଓସିଏଲ ରେ ପାରାଦୀପ ଏରସମା ଶିକ୍ଷାଞ୍ଚଳ ବିକାଶ ପରିଷଦ ନାମରେ ଏକ ସଂଗଠନ ମଧ କରିଥିଲେ। ସାର୍କ ଗ୍ରୁପ ମାର୍କେଟିଙ୍ଗ ଲିମିଟେଡ୍ ର ମ୍ୟାନେଜିଙ୍ଗ ଡାଇରେକ୍ଟର ଅରିନ୍ଦମ ସରଖେଲ (ବାପି) ଥିଲାବେଳେ ତାଙ୍କ ଧର୍ମପତ୍ନୀ ମୋନିଦିପା ସରଖେଲ, ପିତା ଓ ମାତା ଗୌରାଙ୍ଗଲାଲ




ସରଖେଲ, ସ୍ୱପ୍ନା ସରଖେଲ ଓ ସୁମିତା ଲାହିରି ନାମକ ଜନୈକ ମହିଳା ଡାଇରେକ୍ଟର ଭାବେ ଥିଲେ। ସେତେବେଳେ ଏହି କମ୍ପାନୀ ଆକାଉଣ୍ଟ କୁ ଆଇଓସିଏଲ ରେ କାର୍ଯ୍ୟ କରୁଥିବା ବିଭିନ୍ନ କମ୍ପାନୀ ରୁ ପ୍ରାୟ ୫୦୦କୋଟି ରୁ ଉର୍ଦ୍ଧ ଟଙ୍କା ଆସିଥିଲା। ପରେ ଜାଣିବାକୁ ପାଇଲି ଏହିସବୁ ଟଙ୍କା କୌଣସି କାର୍ଯ୍ୟ ନକରି ପ୍ରୋଟେକ୍ସନ ମନି ନାମରେ ଆସୁଥିଲା କ୍ଷ ପାରାଦୀପ ଏରସମା ଶିକ୍ଷାଞ୍ଚଳ ବିକାଶ ପରିଷଦ ସଂଗଠନ ରେ ପାରାଦୀପ କୁଜଙ୍ଗ ଅଞ୍ଚଳ ରୁ ଶହ ଶହ ଯୁବକ ଙ୍କୁ ସଭ୍ୟ କରାଇ ଆଇଓସିଏଲ ରେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କୁ ଭୟଭୀତ କରାଇ ପ୍ରୋଟେକ୍ସନ ନାମରେ ନିଯୁକ୍ତି ଦିଆଯାଉଥିଲା। ସେହି ସମୟରେ ମୁଁ ବାପି ସରଖେଲ ଙ୍କ କମ୍ପାନୀ ରେ କାମ କରୁଥିବାରୁ ସରଖେଲ ଙ୍କ ବିରୋଧୀ ମାନେ ମୋ ନାମରେ ବିଭିନ୍ନ ସମୟରେ ମାମଲା କରିଥିଲେ ବୋଲି କହିଛନ୍ତି ରାକେଶ।

ବାପି ଙ୍କ କଳା କାରନାମା ଜାଣିବା ପରେ ୨୦୧୬ ମସିହା ରେ ରାକେଶ ବାପି ଙ୍କ ଠାରୁ ଦୁରେଇ ଯାଇଥିଲେ। ସେ ବାରମ୍ବାର ଡକେଇବାରୁ ରାକେଶ ଙ୍କୁ ଡକାଇବା ଓ ମୁଁ ନଯିବା ଦ୍ୱାରା ୫. ୧. ୨୦୧୬ ରେ ମୋ ଇନୋଭା ଗାଡ଼ିରେ ଆସୁଥିବା ସମୟରେ ବାଉରିଆପାଳନ୍ଦା ପାଖରେ ମୋ ଗାଡି ଉପରକୁ ଗୁଳି ମାଡ ହୋଇଥିଲା। ୨୯. ୫. ୨୦୧୬ ରେ ବାପି ସରଖେଲ ମୋ ନାମରେ ଲୋକ ଲଗାଇ ଅଭୟଚାନ୍ଦପୁର ଥାନାରେ ମାମଲା କରାଇଥିଲେ। ମୁଁ ଏହି ମାମଲାରେ ଜେଲ ରେ ଥିବାବେଳେ ଆଉ ଦୁଇଟି ମାମଲା ଅଭୟଚାନ୍ଦପୁର ଥାନାରେ କରାଇଥିଲେ ବୋଲି ରାକେଶ ସୂଚନା ଦେଇଥିଲେ।

୨୦୨୨ ମସିହା ରେ ଏନଆରଏଲ କମ୍ପାନୀ ପାରାଦୀପ ରେ କାର୍ଯ୍ୟ ଆରମ୍ଭ କରିବା ସମୟ ରେ ବାପି ସରଖେଲ ଓ ବାପୁ ପରିଡା କମ୍ପାନୀ କୁ ପ୍ରୋଟେକସନ ଦେଉଥିଲେ। ମୁଁ ଏନଆରଏଲ କମ୍ପାନୀକୁ କାମ ପାଇଁ ବାରମ୍ବାର ଯିବାରୁ ୧. ୧. ୨୦୨୩ ମସିହାରେ ସେମାନେ ପ୍ରୋଟେକ୍ସନ ଦେଉଥିବା ବ୍ରିଜ ଆଣ୍ଡ ରୁଫ କମ୍ପାନୀ ର ତାରିଣୀଗଡା ସ୍ଥିତ ଗେଷ୍ଟହାଉସ ରେ ନିଜେ ଗୁଳିକାଣ୍ଡ ଭିଆଇ ନାଟକୀୟ ଢଙ୍ଗରେ ମୋ ନାମକୁ ଛନ୍ଦି ଦେଇଥିଲେ। ଏହିଭଳି ଭାବେ ଅନେକ ଗୁଡିଏ ମାମଲା ସେମାନେ ତାଙ୍କ ନିଜ ଲୋକଙ୍କୁ ଦ୍ୱାରା କରାଇ ମୋତେ ଫସାଇ ଚାଲିଛନ୍ତି ବୋଲି କ୍ଷୋଭ ର ସହ ରାକେଶ କହିଥିଲେ।

ତେବେ ସାର୍କ ଗ୍ରୁପ ମାର୍କେଟିଙ୍ଗ ଲିମିଟେଡ୍ ଆକାଉଣ୍ଟ ରେ ଆସିଥିବା ୫୦୦ କୋଟି ରୁ ଉର୍ଦ୍ଧ ଟଙ୍କା ର ତଦନ୍ତ କରିବା ସହିତ ମୋ ନାମ ରେ ହୋଇଥିବା ମାମଲା ର ପୁନଃତଦନ୍ତ କରିବାକୁ ଗଣମାଧ୍ୟମ ଜରିଆରେ ପ୍ରଶାସନ ଙ୍କୁ ବିନମ୍ର ନିବେଦନ କରିଛନ୍ତି ରାକେଶ।

# ସୁରକ୍ଷା ବାହିନୀର ବଡ଼ ସଫଳତା ଓଡ଼ିଶା-ଛତିଶଗଡ଼ ସୀମାରୁ ବିପୁଳ ମାଓ ସାମଗ୍ରୀ ଜବତ



**ମାଲକାନଗିରି, ୦୯/୬(ମନ୍ଥନ):** ମାଲକାନଗିରି ଜିଲ୍ଲା ପୁଲିସ ଓ ଡିଭିଏଫ୍ (DVF) ଯବାନମାନେ ଏକ ବଡ଼ ସଫଳତା ହାସଲ କରି ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ଏକ ବୃହତ୍ ମାଓବାଦୀ ଡମ୍ପ ଉଦ୍ଧାର କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ମାଥିଲି ଥାନା ଅନ୍ତର୍ଗତ କିର୍ମିଟି ଓ କାଟୁଆପଦର ଜଙ୍ଗଲ ଅଞ୍ଚଳରେ ଚଳାଯାଇଥିବା ତଲାସି ଅଭିଯାନରେ ଏହି ଡମ୍ପ ଠାବ କରାଯାଇଥିଲା। ଅଭିଯାନ ସମୟରେ INSAS LMG, INSAS ରାଇଫଲ, IED (ଟିଫିନ ବୋମା), ଗ୍ରେନେଡ, ଇକ ମ୍ୟାଗାଜିନ, ଇଲେକ୍ଟ୍ରିକ୍ ଡିଟୋନେଟର, ୱାୟାରଲେସ୍ ରିମୋଟ୍ ସ୍ୱିଚ୍, ୱାକି-ଟକି, ଗନ୍ ପାଉଡର, ଡିଟୋନେଟର କ୍ୟାପ୍ ସମେତ ବହୁ ବିସ୍ଫୋରକ ସାମଗ୍ରୀ ଓ ନୈନ୍ଦିନ ବ୍ୟବହାରର ଉପକରଣ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଏହି ସାମଗ୍ରୀଗୁଡ଼ିକ ମାଓବାଦୀ ସଂଗଠନ AOBSZC ସଦସ୍ୟମାନଙ୍କର ହୋଇଥିବା ସନ୍ଦେହ କରାଯାଉଛି। ସାଧାରଣ ଲୋକ ଓ ସୁରକ୍ଷା ବାହିନୀଙ୍କ ଉପରେ ଆକ୍ରମଣ ଏବଂ ବିଧ୍ୱଂସକାରୀ କାର୍ଯ୍ୟ ପାଇଁ ଏହି ସାମଗ୍ରୀ ବ୍ୟବହୃତ ହେବାର ଆଶଙ୍କା ରହିଛି। ଏହି ଜବତକୁ ମାଓବାଦୀ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ବୋଲି ମାଲକାନଗିରି ପୁଲିସ କହିଛି। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଓ ସର୍ଚ୍ଚ ଅପରେସନକୁ ଆହୁରି ଜୋରଦାର କରାଯାଇଛି ବୋଲି ମାଲକାନଗିରି ଏସପି ସୂଚନା ଦେଇଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ନିମନ୍ତେ ସଚେତନତା



**ଜଗତସିଂହପୁର,(ମନ୍ଥନ) ୦୯/୦୬ (ନି.ପ୍ର) :** ଜଗତସିଂହପୁର ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ ଆଇ ଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ସ୍ୱତନ୍ତ୍ର ସେଲ୍ଫି ଜୋନ ଓ ମତଦାତା ସହାୟତା କେନ୍ଦ୍ର ର ଶୁଭାରମ୍ଭ ହୋଇଯାଇଛି। ୧୦୨ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ରଞ୍ଜନ ରାୟ, ୧୦୩ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ୧୦୪ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ଏହି ଜୋନ ରେ ସେଲ୍ଫି ଉଠାଇବା ସହ ମତଦାତା ମାନଙ୍କୁ ବି ଏଲ ଓ ଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ ଓ ପୂରଣ ସଂପର୍କ ରେ ସଚେତନ କରିଥିଲେ। ଏଥିସହିତ ସମସ୍ତଙ୍କୁ ଏସ ଆଇ ଆର ପ୍ରକ୍ରିୟା ରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସହାୟତା ପାଇଁ ସଚେତନ କରିଛନ୍ତି। ଡେପୁଟି କଲେକ୍ଟର ତଥା ସ୍ୱିପ ନୋଡାଲ ଅଧିକାରୀ ଶ୍ରୀମତୀ ତୃପ୍ତିମୟୀ ପ୍ରଧାନ ଓ ଅନ୍ୟ ଅଧିକାରୀ ମାନେ କାର୍ଯ୍ୟାଳୟ କୁ ଆସୁଥିବା ନାଗରିକ ମାନଙ୍କୁ ପରିଗଣନା ଫର୍ମ ପୂରଣ ବିଷୟରେ ଅବଗତ କରିଥିଲେ। ଅନଲାଇନ୍ ମାଧ୍ୟମ ରେ voters.eci.gov.in ରେ ସେମାନେ ନିଜର ପଞ୍ଜୀକରଣ କରିପାରିବେ ଓ କୌଣସି ଅସୁବିଧା ହେଲେ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ କଲ କରିପାରିବେ ବୋଲି ସୂଚନା ଦେଇଥିଲେ। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ଅଧିକାରୀ, କର୍ମଚାରୀ, ଏଲ ଓ , ବି ଏଲ ଓ ସୁପରଭାଇଜର ମାନେ ଉପସ୍ଥିତ ଥିଲେ।

# କଟକ ମାରୱାଡ଼ୀ ସମାଜର ୫ମ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ

**କଟକ, ୯।୬ (ନି.ପ୍ର):** କଟକ ମାରୱାଡ଼ୀ ସମାଜର ୨୦୨୪-୨୬ କାର୍ଯ୍ୟକାଳର ୫ମ କାର୍ଯ୍ୟକାରିଣୀ ବୈଠକ ସମାଜର ଚେୟାରମ୍ୟାନ୍ ଗଣେଶ ପ୍ରସାଦ କନ୍‌ଦୋଇଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଆୟୋଜିତ ହୋଇଥିଲା। ସମାଜର ଯୁବ ଓ ଉର୍ଜାବାନ ଅଧ୍ୟକ୍ଷ ସଞ୍ଜୟ ଶର୍ମା, ମହାସଚିବ ଶଙ୍କର ଗୁପ୍ତା, କୋଷାଧ୍ୟକ୍ଷ ସୁନୀଲ ଜାଲାନ, ଉପାଧ୍ୟକ୍ଷ ନରେନ୍ଦ୍ର ମୋଦୀ, ବିଜୟା ଅଗ୍ରୱାଲ, ସୁରେଶ ପୋଦ୍ଦାର, ସତୀଶ ଗୋଏଙ୍କା, ପ୍ରଦୀପ ପନସାରୀ, ମନୋଜ ଦୁଗ୍ଗଡ଼, ବରିଷ୍ଠ ପରାମର୍ଶଦାତା ମୋହନଲାଲ ସିଂଘୀ, ମାତୃଶକ୍ତିର ଅଲକା ସିଂଘୀ, ଜ୍ୟୋତି ଚୌବେ, ସଙ୍ଗୀତା ଶର୍ମା ପ୍ରମୁଖ ମଞ୍ଚାସୀନ ହୋଇ ସଭାକୁ ସମ୍ପୂର୍ଣ୍ଣତା ପ୍ରଦାନ କରିଥିଲେ। ଅବିନାଶ ଖେମକା ଦକ୍ଷତାର ସହିତ ମଞ୍ଚ ସଞ୍ଚାଳନ କରିଥିଲେ। ବର୍ତ୍ତମାନର ଅଧ୍ୟକ୍ଷ ସଞ୍ଜୟ ଶର୍ମାଙ୍କ ୨୦୨୪-୨୬ କାର୍ଯ୍ୟକାଳ ଶେଷ ପର୍ଯ୍ୟାୟରେ ଥିବାରୁ, ଆଜିର ବୈଠକରେ





୨୦୨୬-୨୮ ନୂତନ କାର୍ଯ୍ୟକାଳ ପାଇଁ ନୂତନ ଅଧ୍ୟକ୍ଷ ନିର୍ବାଚନ ଘୋଷଣା ସହ ଗଭୀର ଆଲୋଚନା ପରେ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯାଇଥିଲା। ସେଗୁଡ଼ିକୁ ଆସନ୍ତା ୧୪ ଜୁନ ୨୦୨୬ ର ସାଧାରଣ ସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ।

୨୦୨୬-୨୮ କାର୍ଯ୍ୟକାଳ ପାଇଁ ନୂତନ ଅଧ୍ୟକ୍ଷ ନିର୍ବାଚନର ତାରିଖ ୯ ଅଗଷ୍ଟ ୨୦୨୬ ନିର୍ଦ୍ଧାରିତ କରାଗଲା। ସମାଜର ସମ୍ବିଧାନ ଅନୁଯାୟୀ ନିଷ୍ପକ୍ଷ ନିର୍ବାଚନ ପାଇଁ ଅବିନାଶ ଖେମକାଙ୍କ ଅଧ୍ୟକ୍ଷତାରେ ଲଳିତ ଝୁଁଝୁଣ୍ୱର, ସଙ୍ଗୀତା ଶର୍ମା, ବଜରଙ୍ଗ ଚିମନକା ଓ ପ୍ରକାଶ ଅଗ୍ରୱାଲ (ଛୋଟୁ)ଙ୍କୁ ନେଇ ଏକ ପାଞ୍ଚ ସଦସ୍ୟ ବିଶିଷ୍ଟ ସମିତି ଗଠନ କରାଗଲା। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତିକୁ ସାଧାରଣ ସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ।

ଏହା ପୂର୍ବରୁ, ଶ୍ରୀଜଗନ୍ନାଥ ଧାମ ପୁରୀରେ ୧୬ ଜୁଲାଇରେ ଆୟୋଜିତ ହେବାକୁ ଥିବା ରଥଯାତ୍ରା ଅବସରରେ ପୂର୍ବବର୍ଷମାନଙ୍କ ପରି ଖାଦ୍ୟ ବିତରଣ ଶିବିର ଆୟୋଜନକୁ ସର୍ବସମ୍ମତିରେ ଅନୁମୋଦନ ଦିଆଗଲା। ପରେ ଅଡିଓ ଓ ଭିଡିଓ ପ୍ରଦର୍ଶନ ମାଧ୍ୟମରେ ସମାଜ ହିତରେ କରାଯାଇଥିବା କାର୍ଯ୍ୟ ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ତାପରେ କୋଷାଧ୍ୟକ୍ଷ ସୁନୀଲ ଜାଲାନ ୨୦୨୪-୨୬ କାର୍ଯ୍ୟକାଳର ସମସ୍ତ ଆୟ-ବ୍ୟୟ ବିବରଣୀ ସଭାରେ ଉପସ୍ଥାପନ କରିଥିଲେ, ଯାହାକୁ ସର୍ବସମ୍ମତିରେ ଅନୁମୋଦନ କରାଯାଇଥିଲା। ସାଧାରଣ ଆଲୋଚନା ସମୟରେ ରବୀନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସୀମାକୁ ଦୁଇ ବର୍ଷରୁ ବଢ଼ାଇ ପାଞ୍ଚ ବର୍ଷ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ସାଧାରଣ ସଭାରେ ଉପସ୍ଥାପନ କରିବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ। ବରିଷ୍ଠ ପରାମର୍ଶଦାତା ମୋହନଲାଲ ସିଂଘୀ କହିଥିଲେ ଯେ ଅଧ୍ୟକ୍ଷ ସଞ୍ଜୟ ଶର୍ମାଙ୍କ କାର୍ଯ୍ୟକାଳ ସଫଳତା ଓ ଉପଲବ୍ଧିରେ ପରିପୂର୍ଣ୍ଣ ରହିଛି। ସେ ମିଳନସାର, କର୍ମଠ ଏବଂ ତ୍ୱରିତ କାର୍ଯ୍ୟକ୍ରମ ପାଳନର ପକ୍ଷପାତୀ। ଗଣେଶ କନ୍‌ଦୋଇ କହିଥିଲେ ଯେ କାର୍ଯ୍ୟକାଳର ଆରମ୍ଭରେ ସେ ସଞ୍ଜୟଙ୍କ ନାମକୁ ଅଧ୍ୟକ୍ଷ ପଦ ପାଇଁ ପ୍ରସ୍ତାବ କରିଥିଲେ, କିନ୍ତୁ ସେ ଏତେ ଉତ୍କୃଷ୍ଟ କାମ କରିବେ ବୋଲି କଳ୍ପନା କରିନଥିଲେ। ମହାସଚିବ ଶଙ୍କର ଗୁପ୍ତା କହିଥିଲେ ଯେ ସଞ୍ଜୟଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ସଫଳ ଓ ଉପଲବ୍ଧିପୂର୍ଣ୍ଣ ରହିଛି। ସେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲନ୍ତି। ତେଣୁ ସର୍ବସମ୍ମତିରେ ତାଙ୍କୁ ଆଉ ଏକ ସୁଯୋଗ ଦିଆଯିବା ଉଚିତ। ସଭାରେ ସାଧାରଣ ସହମତି ହୋଇଥିଲା ଯେ ସଞ୍ଜୟ ଶର୍ମା ପୁନର୍ବାର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହେବା ଉଚିତ। ଅଧ୍ୟକ୍ଷ ସଞ୍ଜୟ ଶର୍ମା ନିଜ ଉଦ୍‌ବୋଧନରେ କହିଥିଲେ ଯେ ତାଙ୍କ କାର୍ଯ୍ୟକାଳରେ ସମସ୍ତଙ୍କ ସହଯୋଗ ମିଳିଛି।

# ପୂଜ୍ୟପୂଜା ମହୋତ୍ସବ ଓ ରାଜ୍ୟସ୍ତରୀୟ କବିକଳାକାର ସମାବେଶ


**କଟକ, ୯।୬ (ନି.ପ୍ର):** ରାଜ୍ୟର ଆଦର୍ଶ ଓ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଓଡ଼ିଶା ପକ୍ଷରୁ ପରିଷଦର ୨୬ ତମ ସାମ୍ବତ୍ସରିକ ମହୋତ୍ସବ କଟକ ସହରର ଐତିହାସିକ ବାଣିପୀଠ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି।ଓଡ଼ିଶା ମାଟିର ମୂର୍ଦ୍ଧନ୍ୟ ସାରସ୍ୱତ ସାଧକ ପ୍ରଫେସର ଡଃ. ବୈଷ୍ଣବ ଚରଣ ସାମଲ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍ ?ଘାଟନ କରିଥିଲେ। ପରିଷଦର ପ୍ରତିଷ୍ଠାତା ତଥା ସାଧାରଣ ସଂପାଦକ ରବୀନ୍ଦ୍ର କୁମାର ମଲ୍ଲଙ୍କ ପ୍ରତ୍ୟକ୍ଷ ପରିଚାଳନା ଓ ଭାଷାବିତ୍ ଜ୍ୟୋତିର୍ବିଦ୍ ଡଃ.ଅନ୍ନଦା ତ୍ରିପାଠୀଙ୍କ ସଂଚାଳନାରେ ପ୍ରଥମ ପର୍ଯ୍ୟାୟରେ ଅଧ୍ୟକ୍ଷତା କରିଥିଲେ ଗୀତା ଦର୍ଶନର ବିଶିଷ୍ଟ ପ୍ରବକ୍ତା ଶରତ ଚନ୍ଦ୍ର ପଣ୍ଡା।ଓଡ଼ିଆ ଅସ୍ମିତାର ପରିପ୍ରେକ୍ଷୀରେ ଆମ ସାହିତ୍ୟର ସାଂପ୍ରତିକ ପାଣିପାଗ ଶୀର୍ଷକ ଆଲୋଚନାଚକ୍ରରେ ସୁ-ସାହିତ୍ୟିକ, ସ୍ତମ୍ଭକାର ତଥା ସମାଲୋଚକ ଡଃ. ବାବାଜୀ ଚରଣ ପଟ୍ଟନାୟକ,ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ.ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡଃ. ବିବେକାନନ୍ଦ ପାଣିଗ୍ରାହୀ, ସଂସ୍କୃତି ଗବେଷିକା ଓ ସ୍ତମ୍ଭକାର ଡଃ.ଭାଗ୍ୟଲିପି ମଲ୍ଲ,



ଆଇଡ଼ିଆଲ୍ ଡିଗ୍ରୀ କଲେଜ,ଦେବଗଡର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ବିଜୟ କୁମାର ମହାରଣା,ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ କୁମାର ଷଡଙ୍ଗୀ ପ୍ରମୁଖ ଆଲୋଚକମାନେ ପ୍ରାସଂଗିକତା ଉପରେ ବିସ୍ତୃତ ଭାବେ ଆଲୋଚନା ରଖିଥିଲେ। ଅତିଥିମାନଙ୍କ କରକମଳରେ ପରିଷଦର ବାର୍ଷିକ ସାହିତ୍ୟ ମୁଖପତ୍ର ରବିରଶ୍ମିର ୧୯ତମ ସ୍ୱତନ୍ତ୍ର ପ୍ରସ୍ଥ ଉନ୍‌ମୋଚିତ ହୋଇଥିଲା।ଏହି ପରିପ୍ରେକ୍ଷୀରେ କବି ଧନଞ୍ଜୟ ସ୍ୱାଇଁ,ସଂସ୍କୃତି ଗବେଷିକା ଡଃ. ଭାଗ୍ୟଲିପି ମଲ୍ଲ, ଭାଷାବିତ୍ ଡଃ ଅନ୍ନଦା ତ୍ରିପାଠୀ ଓ ବରିଷ୍ଠ ସାହିତ୍ୟ ସାଧକ କୁଞ୍ଜବିହାରୀ ପାଢୀଙ୍କୁ ପଞ୍ଚରତ୍ନ ସମ୍ମାନ, ଶୁକଦେବ ସାମନ୍ତରାୟ, ସନ୍ତୋଷ କୁମାର ଦାସ, ଚତୁର୍ଭୂଜ ସାହୁ ଓ ହରିଶ୍ଚନ୍ଦ୍ର ବେହେରାଙ୍କୁ ରାଜ୍ୟ ପ୍ରତିଭା ସମ୍ମାନ ତଥା ସ୍ନେହଁ ଲତା ଧୀର, ନାରଣ ଚନ୍ଦ୍ର ଦାସ ଓ ସୁବାଷ ଚନ୍ଦ୍ର ତ୍ରିପାଠୀଙ୍କୁ ସମ୍ଭାବନା ରୌପ୍ୟଜୟନ୍ତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ମୃତ୍ୟୁଞ୍ଜୟ ରଥଙ୍କ ସଭାପତିତ୍ୱରେ ବାଗ୍ମୀ ପିତାମ୍ବର ଦଳବେହେରା, ଡଃ.ସନ୍ତୋଷ କୁମାର ସାମଲ,ଡଃ.ମିଳନ ବାନାର୍ଜୀ ତଥା କବି ଧନଞ୍ଜୟ ସ୍ୱାଇଁ ମଞ୍ଚମଣ୍ଡନ କରି କାବ୍ୟକବିତାର ସାଂପ୍ରତିକ ଧାରା ଉପରେ ବିଷଦ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶତାଧିକ କବିଙ୍କ ସ୍ୱରଚିତ କବିତାକୁ ସଂଯୋଜନା କରିଥିଲେ ଦକ୍ଷ ସଂଯୋଜିକା ଗୀତାଞ୍ଜଳି ସୃଷ୍ଟି।ପରିଶେଷରେ ପରିଷଦର ଉପସଭାପତି ଧନ୍ୟବାଦ ଅର୍ପଣ କରି ମହୋତ୍ସବ ସାଙ୍ଗ କରିଥିଲେ।

# ବିଲ୍ ପାସ୍ ପାଇଁ ୩୫ ହଜାର ଲାଞ୍ଚ ନେଇ ଧରାହେଲେ ପ୍ରିୟଙ୍କା

**ଜଟଣୀ, ୯।୬ (ନି.ପ୍ର) :** ଲାଞ୍ଚ, ଲାଞ୍ଚରେ ଚାଲିଛି ପ୍ରତେକ ପ୍ରଶାସନ। ତଳଠୁ ଉପର ପର୍ଯ୍ୟନ୍ତ, ଅଧିକାରୀମାନେ କାହାକୁ ଭୟ କରୁନାହାନ୍ତି। କାର୍ଯ୍ୟାଳୟ ଗୁଡିକରେ, ଗୋଟେ ଗୋଟେ ଦଲାଲ ପୋଷ୍ଟ ଅଛି। ସେହିମାନଙ୍କର କାମହେଲା ଆଦାୟ କରିବା ହାକିମଙ୍କ ପାଖରେ ପହଞ୍ଚାଇବା। ସେଥିରେ ସେମାନେ ମହା ଧୁରନ୍ଧର। ଦଲାଲମାନଙ୍କ ବେଶ୍ ହାତଚିକ୍କଣ। ଭିଜିଲାନ୍ସ ଜାଲରେ ଦୈନନ୍ଦିନ ପଡୁଛନ୍ତି, ହେଲେ ଖାତିରି ନାହିଁ କି ଭୟନାହିଁ। ଆସନ୍ତୁ ଜାଣିବା ଜଣେ ମହିଳା ଅଧିକାରୀଙ୍କ କାହାଣୀ। ହିତାଧିକାରୀଙ୍କ ବିଲ୍ ପାସ୍ କରିବାକୁ ଦାବି କରିଥିଲେ ୩୫ ହଜାର ଲାଞ୍ଚ। ଲାଞ୍ଚ ୩୫ ହଜାର ନେଉଥିବା ବେଳେ ମାଡ଼ି ବସିଲା ଭିଜିଲାନ୍ସ। ଘଟଣାଟି, କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ମନରେଗା ଉପ ଅଧିକାରୀ ସାହିବା ପ୍ରିୟଙ୍କା ଜେନା। ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, ଜଣେ ହିତାଧିକାରୀ ସରକାରୀ ଯୋଜନା ଅନ୍ତର୍ଗତ ଏକ ଫାର୍ମ ପଣ୍ଡ ପୋଖରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। କାମ ଶେଷ ହେବା ପରେ ମଧ୍ୟ ବିଲ୍ ପାସ୍ କରାଇବା ପାଇଁ ବିଭାଗୀୟ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇଥିଲେ। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅଧିକାରିଣୀ ପ୍ରିୟଙ୍କା ଜେନା ବିଲ୍ ପାସ୍ ପ୍ରକ୍ରିୟାକୁ ଇଚ୍ଛାକୃତ ଭାବେ ବିଳମ୍ବ କରିବା ସହ ଶେଷରେ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ହିତାଧିକାରୀ ଜଣକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଏକ ସ୍ୱତନ୍ତ୍ର ଜାଲ ପକାଇଥିଲା। ପୂର୍ବ ଯୋଜନା ଅନୁଯାୟୀ ପ୍ରିୟଙ୍କା ଜେନା ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ମାଡିବସିଲା। ମାଡାମଙ୍କ ନିକଟରୁ ଭିଜିଲାନ୍ସ କେମିକାଲ୍ ଟଙ୍କା ଜବତ କରାଯାଇଛି। ଘଟଣା ପରେ ଭିଜିଲାନ୍ସ ପକ୍ଷରୁ ପ୍ରିୟଙ୍କା ଜେନାଙ୍କ କାର୍ଯ୍ୟାଳୟ, ଭଡ଼ାଘର ଓ ଅନ୍ୟାନ୍ୟ ସ୍ଥାବର, ଅସ୍ଥାବର ସମ୍ପତ୍ତିର ତଲାସି ଜାରି ରହିଛି। ତାଙ୍କ ଆୟଠାରୁ ଅଧିକ ସମ୍ପତ୍ତି ଅଛି କି ନାହିଁ ଏବଂ ଏହି ଦୁର୍ନୀତି ଚକ୍ରରେ ଅନ୍ୟ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଛି। ଏହି ଘଟଣା ପୁଣି ଥରେ ସରକାରୀ ଯୋଜନାର ପାରଦର୍ଶିତା ଓ ହିତାଧିକାରୀଙ୍କ ପ୍ରାପ୍ୟ ଅର୍ଥ ପାଇବା ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛି। ସରକାରୀ ଯୋଜନାରେ କାମ କରି ନିଜର ହକ୍ ପାଇବା ପାଇଁ ଯଦି ହିତାଧିକାରୀଙ୍କୁ ଲାଞ୍ଚ ଦେବାକୁ ପଡ଼େ, ତେବେ ତୃଣମୂଳ ସ୍ତରରେ ଦୁର୍ନୀତି କେତେ ଗଭୀର ତାହା ସହଜରେ ଅନୁମାନ କରାଯାଇ ପାରେ। ଭିଜିଲାନ୍ସ ଯେତେ ସକ୍ରିୟ ହେଉଛନ୍ତି, ଅଧିକାରୀଙ୍କର ଚୋର ପ୍ରକୃତି ସେତେ ବଢ଼ିବାରେ ଲାଗିଛି। ତେବେ ଦେଖିବାକୁ ବାକି ରହିଲା ଭିଜିଲାନ୍ସ କଳମରେ କେତେ ଦମ୍ ରହିଛି।



# ସେଣ୍ଟ ଜାଭିଏର ସ୍କୁଲର ମେଧାବି ଛାତ୍ରୀ ସବାହତ୍ ଫିର୍‌ଦୋସଙ୍କ ସଫଳତା

**ଜଟଣୀ, ୯।୬ (ନି.ପ୍ର):** ଜଟଣୀ ପଞ୍ଚାୟତ ସମିତି ଅଧିନସ୍ଥ ବେଣାପଞ୍ଜରୀ ଗ୍ରାମ। ସେହି ଗ୍ରାମରେ ଗୋଟେ ସାଧାରଣ ପରିବାରରେ ଝିଅ ଶବାହତ୍ ଫିର୍‌ଦୋସ ଜନ୍ମ ଗ୍ରହଣ କରିଥିଲେ। ଛୁଆଟିଦିନରୁ ପାଠ ପ୍ରତି ଆକୃଷ୍ଟ ରହିଥିବା ପରିବାରର ପ୍ରତେକ ସଦସ୍ୟ ଜାଣିପାରିଥିଲେ। ଝିଅ ଫିର୍‌ଦୋସର ଖେଳା ଖେଳି ଅପେକ୍ଷା ବହି ଖାତା ପ୍ରତି ଛୁଆଟି ଦିନରୁ ଆଗ୍ରହ ବଢୁଥିବା ଦେଖିବାକୁ ପାଇଥିଲେ ପରିବାର ଲୋକେ। ବାପା ମା ସେତେବେଳ ଚିନ୍ତା କରିଥିଲେ ଝିଅ ଦିନେ ନା ଦିନେ ଆମ ପରିବାରର ଇଜତ ରଖିପାରିବ। ହେଲେ ଚିନ୍ତାର ବିଷୟ ଥିଲା ଝିଅ ପିଲାଟା କେମିତି ପଢିବ କୋଉଠି ପଢିବ। ସମୟ ବଡ ବଳବାନ। ଭାବନାର ଦିନ ଯେତେ ପାଖେଇ ଆସିଛି ବାପା ମା'ଙ୍କ ଚିନ୍ତା ବଢିବାରେ ଲାଗିଲା। ସମୟ ଅନୁଯାଇ ଝିଅ ଫିର୍‌ଦୋସ ପାଠ ପଢିବାର ସମୟ ଆସି ଯାଇଥିଲା। ବାପା, ମା ଭଲ ସ୍କୁଲରେ ନାମ ଲେଖାଇବା ପାଇଁ ମନସ୍ଥ କରିଥିଲେ। ହେଲ ଝିଅ ପିଲାକୁ କିଭଳି ଦୁରବାଟ ଛାଡିବେ ତାହା ସହିତ ପାଠ ପଢାରେ ଅଧିକ ଟଙ୍କା ଖର୍ଚ୍ଚ କରିବା, ସିମିତ ରୋଜଗାରରେ ସମ୍ଭବ ନଥିଲା। ତଥାପି ବାପା, ମା ମନବଳ ଭାଙ୍ଗି ନଥିଲେ। ବିଶେଷ ସୂତ୍ରରୁ ଖବର ପାଇଲେ ଜଟଣୀରେ ସେଣ୍ଟ ଜାଭିଏର ସ୍କୁଲ ଭଲ ଅଛି। ପରିଶେଷରେ ସିଧାନ୍ତ ନେଲେ, ଜଟଣୀ ପୌରାଞ୍ଚଳରେ ଥିବା ସେଣ୍ଟ ଜାଭିଏର ସ୍କୁଲରେ ନାମ ଲେଖାଇବା ପାଇଁ, ତାହାହିଁ କଲେ ଝିଅରେ



ନାମ ପ୍ରଥମ ଶ୍ରେଣୀରେ ପଢିବାର ସୁଯୋଗ ଦେଇଥିଲେ। ସେବେ ଠାରୁ ଝିଅଟି ମନଦେଇ ପାଠ ପଢିବା ସହିତ ଭଲ ନମ୍ବର ରଖି ଆଗକୁ ବଢିଚାଲିଲା। ଚଳିତବର୍ଷ ୨୦୨୬ ରେ ଝିଅ ସବାହତ୍ ଫିର୍‌ଦୋସ ସେଣ୍ଟ ଜାଭିଏର ସ୍କୁଲର ଜଣେ ମେଧାବି ଛାତ୍ରୀ ଭାବରେ ନିଜର ପରିଚୟ ଦେବାରେ ସଫଳ ହୋଇ ପାରିଛି। ହଁ ଆଜ୍ଞା ସ୍କୁଲର ସହପାଠୀ ଠାରୁ ଆରମ୍ଭ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ କହୁଥିଲେ, ଆମ ସ୍କୁଲର ଶବାହତ୍ ଫିର୍‌ଦୋସ ଜଣେ ନିରୀହ ସାନ୍ତ ସରଳ ପ୍ରକୃତିର ଛାତ୍ରୀ ଥିଲା, ତାର ଭବିଷ୍ୟତ ଉଜ୍ଜ୍ୱଳ ହେଉ କାମନା କରିଥିଲେ। ଶବାହତ୍ ଫିର୍‌ଦୋସ ଚାହୁଁଛି ଭଲ ମହା ବିଦ୍ୟାଳୟରେ ପାଠ ପଢିବା ପାଇଁ। କିଛି ସହଯୋଗ ପାଇଲେ, ନିଜର ଭବିଷ୍ୟତ ଗଢିବା ପାଇଁ ଆଗ୍ରହ ପ୍ରକାଶ କରିଛି ଝିଅ ଶବାହତ୍ ଫିର୍‌ଦୋସ।

# କତାପାଲି କଲୋନୀରେ ପ୍ରଶାସନ ପକ୍ଷରୁ ଜଳ ସଙ୍କଟର ସଫଳ ସମାଧାନ

**ମାଲକାନଗିରି, ୦୯/୦୬(ମନ୍ଥନ):** ଜନସାଧାରଣଙ୍କ ପ୍ରତିଟି ସମସ୍ୟାର ସମାଧାନ ଏବଂ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସଦାସର୍ବଦା ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟଧାରାର ଆଉ ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କତାପାଲି କଲୋନୀରେ। ଗ୍ରାମବାସୀଙ୍କ ଦୀର୍ଘଦିନର ପାନୀୟ ଜଳ ସମସ୍ୟାକୁ ଅତି ଗମ୍ଭୀରତାର ସହ ନେଇ ପ୍ରଶାସନ ପକ୍ଷରୁ ରେକର୍ଡ ସମୟ ମଧ୍ୟରେ ଏକ ନୂତନ ନଳକୂପ ସ୍ଥାପନ କରାଯାଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି।

ପ୍ରାୟ ୨,୦୦୦ ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ୧୨୧ ପରିବାର ବସବାସ କରୁଥିବା ଏହି ବୃହତ ଗ୍ରାମରେ ପୂର୍ବରୁ ମାତ୍ର ୬ ଟି ନଳକୂପ ରହିଥିଲା। ଗ୍ରାମର ଜନସଂଖ୍ୟା ତୁଳନାରେ ଏହି ଉତ୍ସଗୁଡ଼ିକ ଯଥେଷ୍ଟ ନଥିବାରୁ ବିଶେଷ କରି ଗ୍ରୀଷ୍ମ ଋତୁରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରାଯିବା ମାତ୍ରେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ଜିଲ୍ଲାପାଳଙ୍କ ସୂଚନା ଏବଂ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଗ୍ରାମର ଭୂତଳ ଜଳ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ତୁରନ୍ତ କତାପାଲି କଲୋନୀ ଗସ୍ତ କରିଥିଲେ।



ସର୍ଭେ କାର୍ଯ୍ୟ ଶେଷ ହେବା ମାତ୍ରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂତନ ନଳକୂପ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଶାସନର ସଠିକ୍ ପରିଚାଳନା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ହ୍ୟାଣ୍ଡପମ୍ପଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିଛି। ବର୍ତ୍ତମାନ କଲୋନୀର ସମସ୍ତ ପରିବାର ନିଜ ଘର ପାଖରେ ସ୍ୱଚ୍ଛ, ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ପାଇବା ଆରମ୍ଭ କରିଛନ୍ତି, ଯାହା ସେମାନଙ୍କର ନୈନ୍ଦିନ ଜୀବନଧାରଣକୁ ବହୁତ ସହଜ କରିଦେଇଛି। ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହୋଇ ପ୍ରଶାସନ ଯେଭଳି ସକାରାତ୍ମକ ଓ ଦ୍ରୁତ ପଦକ୍ଷେପ ଗ୍ରହଣ କଲେ, ସେଥିପାଇଁ କତାପାଲି କଲୋନୀର ସମସ୍ତ ଗ୍ରାମବାସୀ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅନ୍ତରରୁ ଅଶେଷ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବୁଧବାର ୧୦, ଜୁନ୍ ୨୦୨୬, ଭୁବନେଶ୍ୱର
Wednesday, 10 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବିଜେପିକୁ ହରାଇବ କଂଗ୍ରେସ

ଦେଶରେ ଦୁଇ ପରସ୍ପର -ବିଚାରଧାରାର ଲଢେଇ ଚାଲିଛି ଓ ଚାଲିବ ଓ ଗୋଟିଏ ବିଚାରଧାରା ଆପଣା ରାଜନୈତିକ ସ୍ୱାର୍ଥ୍ୟ ହାସଲ ପଇଁ ବିଭାଜନର ବିଷ ମଞ୍ଜି ବୁଣିବା ସହିତ ଧର୍ମ ଓ ଦେଶପ୍ରେମର ମିଥ୍ୟା ଦ୍ୱାହି ଦେଇ ଜନମତକୁ ବିଭ୍ରାନ୍ତ କରୁଥିବାବେଳେ ଅନ୍ୟ ଜାତୀୟ ଦଳ ଜନସାଧାରଣଙ୍କୁ ଏକତା ସୂତ୍ରରେ ବାନ୍ଧିରଖି ବିଭିନ୍ନତା ମଧ୍ୟରେ ଭାଇଚାରା ଭାବ ନେଇ କିପରି ଏକାଠି ରହିବାକୁ ହୁଏ, ତାହାର ସନ୍ଦେଶ ଦେଉଛନ୍ତି। ଭାରତୀୟ ରାଜନୀତିରେ କେବଳ କଂଗ୍ରେସ ବିଜେପିକୁ ପରାଜିତ କରିପାରିବ ବୋଲି ଦୃଢତାର ସହ ପ୍ରକାଶ କରିଛନ୍ତି ଲୋକସଭାରେ ବିରୋଧୀ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ । ଦେଶକୁ ଏହି ବାର୍ତ୍ତା ଦେବା ପାଇଁ ରାହୁଲ କାଶ୍ମୀରରୁ କନ୍ୟାକୁମାରୀ ପଦଯାତ୍ରା କରିଥିଲେ ଓ ଭ୍ରଷ୍ଟାଚାର ବିରୋଧରେ ସଭା ସମିତିରେ ସିଂହ ପରି ଗର୍ଜନ କରୁଥିବା ମୋଦି, କଂଗ୍ରେସ ଓ ବିଭିନ୍ନ ଆଞ୍ଚଳିକ ଦଳରୁ ଭ୍ରଷ୍ଟାଚାରୀ ନେତାଙ୍କୁ ନେଇ ବିଜେପିରେ ସାମିଲ କରିବା ସହିତ ଉଚ୍ଚ ପଦବି ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି, ଆସାମ ମୁଖ୍ୟମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବିଜେପିର ଅଧିକାଂଶ ନେତାଙ୍କ ବିରୋଧରେ ଦୁର୍ନୀତି ଓ ଅପରାଧିକ ମାମଲା ରହିଛି । ବିଜେପିର ଅସଲ ମୁଖା ଖୋଲିବାରେ ଲାଗିଛି । ସମସ୍ତ ନିରପେକ୍ଷ ସାମ୍ବିଧାନିକ ସଂସ୍ଥା ଏବଂ ଅନୁସନ୍ଧାନ ଏଜେନସିକୁ ହାତମୁଠାରେ ରଖି ବିରୋଧୀଙ୍କ ବିରୋଧରେ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। ଶିକ୍ଷା, ବିଦେଶ ଓ ଅର୍ଥନୀତି ବିପର୍ଯ୍ୟୟର ଦ୍ୱାରଦେଶରେ ପହଞ୍ଚିଗଲାଣି ଓ କିଛିଦିନ ପୂର୍ବ ? ମୋଦି ନରୱେ ଗସ୍ତ କରିଥିଲେ ଓ ଏହି ସମୟରେ ସେଇ ଦେଶର ମହିଳା ପତ୍ରକାର ତାଙ୍କୁ ଇଂରାଜୀ ଭାଷାରେ ପ୍ରଶ୍ନ କରିଥିଲେ, ପ୍ରେସ୍ ସ୍ୱାଧୀନତା ସୂଚାକାଙ୍କରେ ନରୱେ ୧ ନମ୍ବର ସ୍ଥାନରେ ରହିଥିବାବେଳେ ଭାରତ କାହିଁକି ୧୫୭ ତମ ସ୍ଥାନରେ ଅଛି ? ଓ ପ୍ରଧାନମନ୍ତ୍ରୀ କିଛି ଉତ୍ତର ନଦେଇ ସେଠାରୁ ଚାଲିଯାଇଥିଲେ ଓ ବିଦେଶରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଏପରି ହୀନସ୍ତା ହଟହଟା ହୋଇନଥିଲେ । ପେପରଲିକ, ବେରୋଜଗାରୀ, ମହଙ୍ଗାମାଡ ଘଟଣାରେ କଂଗ୍ରେସ ସାରା ଦେଶରେ ଆନ୍ଦୋଳନ କରୁଥିବାବେଳେ, କକ୍ରୋଚ ଜନତା ପାର୍ଟିକୁ ବ୍ୟବହାର କରି ମୋଦି ସରକାର ଏହି ଆନ୍ଦୋଳନକୁ ହାଇଜାକ କରିବାର ଯେଉଁ ଷଡଯନ୍ତ୍ର କଲେ, ତାହା ପଦାକୁ ଆସିଲାଣି । ଶିକ୍ଷା ମନ୍ତ୍ରୀ ଉତ୍ତରଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହଁନ୍ତି ଓ ପୁଞ୍ଜିପତି ଦେଶକୁ ଚଳାଉଥିବାବେଳେ, ମୋଦି ନିଜର ସ୍ୱାର୍ଥ୍ୟ ପାଇଁ ଆମେରିକା ଆଗରେ ମୁଣ୍ଡ ନୁଆଇଁ ଦେଇଛନ୍ତି । ଦେଶବାସୀଙ୍କ ହିତସାଧନ ମୋଦିଙ୍କ ଏଜେଣ୍ଡାରେ ନାହିଁ । ଇରାନ ସହିତ ବୈଦେଶିକ ସମ୍ପର୍କ ଖରାପ କରି ମୋଦି ଦେଶବାସୀଙ୍କ ଉପରେ ବୋଝ ଲଦିଦେଇଛନ୍ତି । ସମସ୍ତ ବିଜେପି ଶାସିତ ରାଜ୍ୟ ଋଣବୋଝରେ ବୁଡିଗଲେଣି ଓ ଭାରତ ସରକାର ବିଶ୍ୱ ବ୍ୟାଙ୍କରୁ ସର୍ବାଧିକ ୨୬୦ ଲକ୍ଷ କୋଟି ଟଙ୍କାର ଋଣ ନେଇସାରିଲେଣି । କେବଳ ଆମେରିକା ଚାପରେ ଭାରତ ଓ ଭାରତବାସୀ ବହୁତ କିଛି ହରାଇଲେଣି ଓ ଆଗାମୀ ଦିନରେ ଆର୍ଥିକ ସୁନାମି ଦେଶର ଅର୍ଥନୀତିକୁ ରସାତଳଗାମୀ କରିଦେବ ବୋଲି ଚେତାବନୀ ଶୁଣାଇଛନ୍ତି ରାହୁଲ ଗାନ୍ଧୀ ଓ ବିପକ୍ଷକୁ ଏଥିପାଇଁ ଅଧିକ ମଜବୁତ ଏବଂ ସଙ୍ଗଠିତ ହେବାକୁ ପଡିବ।

# 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ'

ଜ୍ୟୋତ୍ସ୍ନା ମହାପାତ୍ର

'ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ
ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ ।
ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍
ସା ନୋ ଭୂମିଃ ପୂର୍ବପେୟେ ଦଧାତୁ ।'

ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା। ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି । ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ୍ତ କରିଛି ।

ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ - ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' - ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାକଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି । ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା - ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧ୍ୟରେ ଅବତରଣ କରିଛି - ଏଇ ଫଳପ୍ରସ୍ୱ ମାଟିର ଉର୍ବରତା ଦ୍ୟୋତକ ରଜ - ପର୍ବର ମନ ମତାଣିଆ ମଉଚ୍ଛବ ବା ମହୋତ୍ସବରେ ।

ବସୁମତୀ ସ୍ନାନ ରଜ ପର୍ବର ଅନ୍ୟତମ ଦିବସ । ଏହା ବସୁମାତାଙ୍କ ଶୁଦ୍ଧ ସ୍ନାନ । ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ନାମରେ ଏହା ଲୋକପ୍ରିୟ । ମାର୍ଗଶୀର ଶେଷ ଗୁରୁବାର ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଲେଖାଯାଏ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଧରିତ୍ରୀ ମା'ର ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଏ । ଏହି ଦିନ ଆନନ୍ଦ ଉଲ୍ଲାସ ପରିବର୍ତ୍ତେ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ବସୁମତୀ ସ୍ନାନରେ ଧରଣୀ ମାତାକୁ ଭକ୍ତି ଭାବର ସହ ପୂଜା କରାଯାଏ । ଶୁଦ୍ଧସ୍ନାନ ପରେ ଧରଣୀ ଶସ୍ୟବୀଜ ଧାରଣ କରିପାରେ ।

ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ଆରମ୍ଭ ଦୁଇଦିନକୁ ନେଇ ରଜପର୍ବ । ଅସରା ଅସରା ବର୍ଷାରେ ଭିଜାମାଟିର ବାସ୍ନା ମହକାଇଦିଏ ରଜପର୍ବକୁ । ବସୁମତୀ ବନ୍ଦନାର ଋତୁ ଇଏ । ଏହି ପର୍ବରେ ଭୂଇଁ ରଜସ୍ୱଳା ହେତୁ ମହିଳାମାନେ କାଠପିଢ଼ା ଉପରେ ଶିଳପୁଆ, ଲଙ୍ଗଳ ଲୁହା, ନଡ଼ିଆ ଆଦି ରଖି ତା ଉପରେ ହଳଦୀପାଣି ଢ଼ାଳି ବାସୁମତୀ ସ୍ନାନ କରାନ୍ତି । କାରଣ ଏହାପରେ ହିଁ ଉତ୍ପାଦନକ୍ଷମ ହୁଏ ମାଟି । ଲୋକ ଚଳଣି ସହ ଏହି ପରମ୍ପରାର ଅପୂର୍ବ ସାମଞ୍ଜସ୍ୟ । ଆକାଶରେ ମେଘ ଦେଖିଲେ ଚାଷୀ ମନ ଉଚ୍ଛନ୍ନ ହୋଇଉଠେ, ସତେ ଯେମିତି ବର୍ଷା ଟିକକ ପାଇଁ ତା'ର ବ୍ୟାକୁଳ ଅପେକ୍ଷା । ପହିଲି ବର୍ଷାର ପ୍ରଥମ ପ୍ରେମରେ ଉନ୍ମନା ହୋଇଉଠେ କୁଆଁରୀର ମନ । ଗୋଡ଼ରେ ଅଳତା, ହାତରେ ମଞ୍ଜୁଆତି, ଆଖିରେ କଜ୍ଜଳ ଆଉ ପାଦରେ ପାଉଁଜି ପିନ୍ଧି ଛମ୍ ଛମ ନାଚିଯାଏ ସେ । ଚୁଲିର ରଡ଼ନିଆଁରେ ପୋଡ଼ାଯାଇଥିବା ପୋଡ଼ପିଠା ବୃନ୍ଦାବତୀଙ୍କ ପାଖରେ ଭୋଗ ଲଗାଇ ଏହାକୁକାଟି ପରଷିଦେବ ଗୃହଲକ୍ଷ୍ମୀ । ବାଡ଼ିରେ ରଜଦୋଳିର ଗୀତ ଶୁଭି ଉଠୁଥିବ ଆଉ ଖେଳାଇ ଦେଉଥିବ ଆନନ୍ଦର ଲହରୀ, ବାଗୁଡ଼ି ଖେଳରେ ନଈବାଲିରେ ମାତିଥିବେ ଯୁବକ, ଆଉ କିଶୋରୀର ପୁଚିଖେଳର ଉଚ୍ଛୁଳି ଉଠୁଥିବ ଗାଁ ଦାଣ୍ଡ । ସତରେ ନିଟୋଳ ବିଶ୍ୱାସର ନିଆରା ପର୍ବ ଏହି ରଜ । ପହିଲି ବର୍ଷାର ପୁଲକରେ ଅପରୂପା ଏବେ ପୃଥିବୀ ମାଆ । ସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁ କି ଆଶୀର୍ବାଦ ଦିଅନ୍ତି ନାହିଁ । କାରଣ ସେ ଗରିୟସୀ - ଏଇ ବେଳରେ । ତା'ର ମହନୀୟତା ସବୁଠୁ ଉର୍ଦ୍ଧ୍ୱରେ ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail :
abhisekmohapatra1999@gmail.com

# ଶ୍ରୀମନ୍ଦିରରେ ସୁନା କୂଅ

ଅଲେଖ ଚନ୍ଦ୍ର ସାମଲ

ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି। ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ବିଭିନ୍ନ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି। ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଊର୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି।



ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦୃଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖିଛି - 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।'

ମହାପ୍ରଭୁଙ୍କ ମାନବୀୟଲୀଳା ସ୍ନାନଯାତ୍ରା ସଂଦର୍ଶନ କରିବେ ଭକ୍ତ। ଭକ୍ତଙ୍କ ସମ୍ମୁଖରେ ୧୦୮ କୁମ୍ଭ ସୁବାସିତ ଜଳରେ ସ୍ନାନ କରି ହାତୀ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ବିଗ୍ରହ। ସ୍ନାନ ପାଇଁ ସୁନା କୂଅରୁ ଆସିବ ପବିତ୍ର ଜଳ। ସୁନା କୂଅର ଅବତାରଣା ଯୋଗୁଁ ମନରେ ପ୍ରଶ୍ନ ଆସେ, ଏହି କୂଅ କ'ଣ ସତରେର ସୁନାରେ ତିଆରି ? କୂଆ ଭିତରେ ସୁନା ଅଛି କି ? ଏହାର ଉତ୍ତର ହେଉଛି ନା'। ସୁନା କୂଅ ଭାବେ ବିଦିତ ଏହି କୂଅ ସୁନାରେ ନିର୍ମିତ ନୁହେଁ, କିନ୍ତୁ ଶାସ୍ତ୍ରୀୟ ମତରେ ସୁନାଠୁ ବି ଅମୂଲ୍ୟ ମୂଲ। ଯେଉଁ କୂଅର ଜଳରେ ସ୍ୱୟଂ ଜଗତର ନାଥ ସ୍ନାନ କରିବାକୁ ଅପେକ୍ଷା କରନ୍ତି, ତାହାର ମୂଲ୍ୟାୟନ କିଏ ବା କରିବ ?

ଶ୍ରୀମନ୍ଦିର ବେଢ଼ା ଭିତରେ ହିଁ ଏହି ସୁନା କୂଅ ରହିଛି। ଶ୍ରୀମନ୍ଦିର ସ୍ୱତ୍ୱ ଲିପି ଅନୁଯାୟୀ ଉତ୍ତର ଦ୍ୱାର ପାର୍ଶ୍ୱରେ ମା'ଶୀଳା ଠାକୁରାଣୀଙ୍କ ସମ୍ମୁଖ ଭାଗ ପ୍ଲଟ ନମ୍ବର ୩୫୫ ଓ ୨୮୪ରେ ଏହି କୂଅଟି ରହିଛି। କୂଅର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶୀତଳା। କିମ୍ବଦନ୍ତୀ ଅଛି, ମା' ପାତାଳରୁ ଆବିର୍ଭୁତା। ପ୍ରବାଦ ଅଛି ଯେତେବେଳେ କଳିଯୁଗ ଶେଷ ହୋଇଯିବ, ସେତେବେଳେ ପାତାଳରୁ ମା'ପୂର୍ଣ୍ଣ ରୂପେ ଆବିର୍ଭୂତ ହେବେ। ଏହି କୂଅ କିଏ ଖୋଳାଇଥିଲେ ସେ ସମ୍ବନ୍ଧରେ କୌଣସି ଐତିହାସିକ ତଥ୍ୟ କିମ୍ବା ଆଲେଖ୍ୟ ନାହିଁ। ମାତ୍ର ଏହା ବହୁ ପ୍ରାଚୀନ ସମୟରୁ ଶ୍ରୀମନ୍ଦିର ବେଢ଼ା ଭିତରେ ରହିଛି। ବିଶ୍ୱାସ ରହିଛି, ଯେତେବେଳେ ଚତୁର୍ଦ୍ଧା ବିଗ୍ରହଙ୍କ ପାଇଁ ଏହି କୂଅର ଜଳ ନିଆଯାଏ ସେତେବେଳେ ସେଇ କୂଅରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ମହାପ୍ରଭୁଙ୍କ ପାଇଁ ସୁନାକୂଅରୁ ମୋଟ ୧୦୮ କୁମ୍ଭ ଜଳ ସଂଗ୍ରହ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ୩୫କୁମ୍ଭ, ଶ୍ରୀବଳଭଦ୍ରଙ୍କ ପାଇଁ ୩୩, ଦେବୀ ସୁଭଦ୍ରାଙ୍କ ପାଇଁ ୨୨ କୁମ୍ଭ ଏବଂ ଚକ୍ରରାଜ ସୁଦର୍ଶନଙ୍କ ପାଇଁ ୧୮ କୁମ୍ଭ ଜଳ ପୃଥକ ଭାବେ ସଂଗ୍ରହ କରାଯାଏ। ଚନ୍ଦନ, କର୍ପୂର, କେଶରାଦି ମିଶାଯାଏ। ନୂଆ ବସ୍ତ୍ର ଓ ନଡ଼ିଆ ଆଦି ସଂସ୍ଥାପନ ପୂର୍ବକ ଅଧିବାସିତ କରାଯାଏ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩
ଋ-ଙ୍କବସକ୍ଷ : ବକ୍ଷରଲକ୍ଷବ୦୦୭ଶ୍ୱବଙ୍କବକ୍ଷଅଶଙ୍କବସକ୍ଷ.ମକ୍ଟଙ୍କ

# ମଧ୍ୟରେ ରେଖା

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନେକ ଖେଳରେ ଦୁଇ ଦଳ ଖେଳାଳୀ ଏକ ଏକକ ଖେଳ ପଡ଼ିଆରେ ପରସ୍ପର ମୁହାଁମୁହିଁ ହୋଇ ଦେଲେ ଅନ୍ୟ ଜଣଙ୍କୁ ହରାଇ ଜିତାପଟ ହେବା ପାଇଁ ଉଦ୍ୟମ କରନ୍ତି ଉଭୟ ଏକ ମଧ୍ୟ ରେଖା ଏପାଖ ସେପାଖ ରହନ୍ତି। ଖେଳ କାନୁନ ତଦାରଖ ପାଇଁ ରେଫରୀ ବା ଶିକ୍ଷା ଗୁରୁଙ୍କ ସହ ଦେଖେଣାହାରୀ ମହାଜୁଦ ଥାଆନ୍ତି। ଯୁଦ୍ଧ ଦୁଇ ଦେଶ ମଧ୍ୟରେ ହେଲେ ଦୁଇଦେଶ ଆକାଶ ସୀମା, ସମୁଦ୍ରା ସୀମା ଆକାଶ ସୀମାରେ ନିରାପତ୍ତା ନଜର ରଖିବା ଦେଖାଯାଉଛି। କେବଳ ପଦାତିକବା ଅଶ୍ୱାରୋହୀ ବା ଟ୍ୟାଙ୍କ ଲଢ଼େଇ ପାଇଁ ଭୂମି ସୀମା ଖୋଜ ରହେ ଯେଉଁଦଳ ମାର ହାଣ କରି ଭୟ ଦେଖାଇ ତାଙ୍କ ସୀମା ଡେଇଁ ଆଗେଇ ମାଡ଼ି ଚାଲନ୍ତି ତାଙ୍କର ଅଧିକୃତ ସ୍ଥାନରେ ନୂଆ ସୀମା ପୁଣି ହୋଇଯାଏ। ବିବାଦ ଅବସାନ ଯୁଦ୍ଧ ମାରପିଟ ଆକ୍ରମଣ ଆଦି ବିଭିନ୍ନ ଯୁକ୍ତି ଯୁକ୍ତ ଦାବୀକୁସରଳରେ ଓ ଅଯୌକ୍ତିକ ମନ ମାନି ଦାବୀକୁ ଦୁର୍ବଳ ପକ୍ଷବାଧ ହୋଇ ସନ୍ଧି କରି ତାହାପୁଣି ରେଖା ଧରି ଚଳନ୍ତି ଏପରି ଦୁର୍ବଳ ଉପରେ ସବଳଙ୍କ ଆକ୍ରମଣ ଓ ସୀମା ବିବାଦ ଅଜ୍ଞାନୀ ଯୁଗରୁ ଆଧୁନିକ ବିଜ୍ଞାନ ଯୁଗ ଯାଏ ରୁଦ୍ଧ ହୋଇନାହିଁ। ଜଙ୍ଗଲ କାନୁନରେ ତୃଣ ଭୁକ ଜୀବ ଆଉ ମାଂସ ଭୁକ ଜୀବ ସ୍ୱ ସ୍ୱ ସୀମାରେ ଛକି ପାଞ୍ଚି ଚଳପ୍ରଚଳ ହୁଅନ୍ତି। ଭଗବାନ ତୃଣଭୋକ୍ତଙ୍କୁ ଦିନରେ ମାଂସ ଭୋକ୍ତାଙ୍କୁ ରାତ୍ରୀରେ ଦୃଷ୍ଟିର ତୀବ୍ର ଶକ୍ତି ଦେଇଥିବାରୁ ଏ ପର୍ଯ୍ୟାୟରେ କିଛି ପ୍ରାଣୀ ନିରାପଦରେ ରହନ୍ତି କିନ୍ତୁ ବୁଭୁକ୍ଷୁ କିନକରେ ? ସୀମାଲଂଘନ କରି ପଶୁମାନେ ଏବେ ଜଙ୍ଗଲ ଉପକଣ୍ଠ ଜନପଦରେ କାହିଁକି ହାତୀ, ବାଘ ପଶି ଆସି ଆତଙ୍କ ଖେଳାଉଛନ୍ତି, ଦେଖା ଦେଉଛନ୍ତି ?

ଗ୍ରାମେ ଗ୍ରାମେ ମାଙ୍କଡ଼ ଫସଲ ଫଳ ପତ୍ର ନଷ୍ଟ କରୁଛନ୍ତି। ଏଥିରେ ଦାୟୀ ଲୁଣ୍ଠନକରି କିଛି ସ୍ୱାର୍ଥପର ମନୁଷ୍ୟ ଯୋଗୁଁ ଅନେକ ମନୁଷ୍ୟ ଭୋଗିବାକୁ ବାଧ୍ୟ ହେଉଛନ୍ତି। ବିବାହ ଯୁବକ ଜଣଙ୍କ ସହିତ ଯୁବତୀ ଜଣଙ୍କର ହେଲେ ବି ଉଭୟଙ୍କ ମଧ୍ୟରେ ବରର ପକ୍ଷ କନ୍ୟାର ପକ୍ଷ ରହୁଛନ୍ତି। ଅନେକ କ୍ଷେତ୍ରରେ ପରମ୍ପରା ଚଳଣି ମାନ୍ୟତା ଧନ ଧାନ୍ୟର ବ୍ୟବଧାନ ଜାତି ଗୋତ୍ର ସ୍ଥାନ ସମ୍ବନ୍ଧ ରହିଛି। ଏପରି ସେପାରି ଗାଁ, ଚାଷ, କ୍ଷେତ୍ର, ନଦୀ, ନାଳ, ଏକ ଷ୍ଟେସନର ଦୂର ଷ୍ଟେସନ ଏପରି ଗୁଡ଼ିକର ସୀମା ସରହଦ ବିଭିନ୍ନ ପ୍ରକାରର ମଧ୍ୟାନ୍ତର ରହିଥାଏ। ପ୍ରାକ ନିୟମ ଥିଲା ଖେଳ ସାଥିରୁ ଜୀବନ ସାଥି, ତେବେ ଭାଇ ଭଉଣୀ ମଧ୍ୟରେ ନୁହେଁ କି ସ୍ୱ ସ୍ୱ ଗୋତ୍ରରେ ନୁହେଁ କି ଭିନ୍ନ ଜାତିରେ, ଧର୍ମରେ ନୁହେଁ ଏକଏକ ବୃହତ ଥାଳିରେ ପୁତ୍ରଟିକୁ ତାର ବାପା ମାଆ କନ୍ୟାଟିକୁତାର ମା, ଦେବ ସ୍ଥାନରେ ପରିଜନ ପୁରୋହିତ ଅଗ୍ନି, ଆଉ ଜଗନ୍ନାଥଙ୍କ ମହାପ୍ରସାଦ ସାକ୍ଷୀରେ ଥାଳିରେ ପିଲା ଦୁଇଟିଙ୍କୁ ବସାଇ ହିନ୍ଦୁ ସନାତନୀ ପଦ୍ଧତିରେ ପରସ୍ପର ବଦଳି କରି ମୁଖରେ ଉଚ୍ଚାରଣ କରାଉଥିଲେ । ସେତେବେଳେ ବାଲ୍ୟ ବିବାହ ଶାସ୍ତ୍ର ଅନୁମୋଦିତ ଥିଲା ଆଉ କନ୍ୟା ବିବାହ ଏକ ପୁଣ୍ୟ କାର୍ଯ୍ୟ ଦାନର କାର୍ଯ୍ୟ ଥିଲା। ସେତେବେଳେ ପୁଅ ହେଉ ଝିଅ ହେଉ ତାଙ୍କର ଧୂଳି ଖେଳ କଣ୍ଢେଇ ଖେଳ ପରି ଅନେକ ଖେଳ ଥିଲା, ତେବେ ପୁଅଟିର ବୟସ ଝିଅଠାରୁ ନିଶ୍ଚିତ କିଛି ବର୍ଷ ବଡ଼ ରହୁଥିଲା। ଟିକିବୋହୂଟି ବିବାହ ପରେ କିଛି ଦିନ ଶାଶୁ ଘରେ ରହୁଥିଲା, ସେ ହାତରେ ଖାଇବାର ଅଭ୍ୟାସ ନକରିଥିଲେ ତାର ଶାଶୁ ତାକୁ ଖୋଇ ଦେଉଥିଲେ। ଅତି ଶ୍ରଦ୍ଧା ସ୍ନେହ ବୋହୂ ପ୍ରତି ରହୁଥିଲା। ସେତେବେଳେ ମାରାତ୍ମକ ରୋଗ ଥିଲା ବହୁ ଲୋକଙ୍କ ଅକାଳ ବିୟୋଗ ହେଉଥିଲା, ଯଦି ବର ପାତ୍ରଟିର ଅକାଳ ବିୟୋଗ ହେଉଥିଲା ତା ପ୍ରତି ଅଭିଶପ୍ତ ସମୟ ଆଉ ଲୋକ କଟୁକ୍ତି ଭୋଗ ସମସ୍ୟା ଆସୁଥିଲା। ଏପରି ବାଲ୍ୟ ବିବାହ, ଶରଦା ଆଇନୀରେ ଏହା ରଦ୍ଦ ହୋଇଛି। ସାବାଳକ, ସାବାଳିକା ବିବାହ ଅନୁମୋଦନ ହେଲା। ଏଥିରେ କେବଳ ଜୀବନ ସାଥି ସିନା ପ୍ରକୃତରେ ବିଭିନ୍ନ ଅନ୍ୟ ସମସ୍ୟା ଦାମ୍ପତ୍ୟ ଜୀବନକୁ ଏବେ ଅର୍ଥାଭିମୁଖି ଓ ମନମାନି ପରିବେଶ କରି ଥାନା କଚେରୀ ଧାଉଡ଼ି କରାଇ ଦେଲାଣି।

ଏଥିରେ ଧର୍ମସାକ୍ଷୀ, ଦେବତା ଆଗ ହଲପ ଅଣଦେଖା, ନ୍ୟାୟାଳୟରେ ହଲପ ଯୋଡ଼ି ହେଲାଣି। ସତ୍ୟ ହେଉ ମାନବ ଧର୍ମ ହେଉ ଏବେ ଅଧର୍ଯ୍ୟ ଓ ପ୍ରବଳ ସ୍ୱାର୍ଥପର ଗୁଣଯୋଗୁଁ ମିଥ୍ୟାଶ୍ରୟ ଓ ଧର୍ମଛଡ଼ା ହେଉଛନ୍ତି। କଳିଯୁଗର ଧର୍ମରେ ସମସ୍ତେ ଉବୁଟୁବୁ। ଏ ସ୍ଥଳରେ ଦାମ୍ପତ୍ୟ ଜୀବନର ମଧ୍ୟ ରେଖରେ ହଲଚଲ, ଏହାର ସୀମା ନିର୍ଦ୍ଧାରଣ ବିବାହିତଙ୍କ ଜୀବନରେ କେତେ ବେଳେ କଣ ହେବ କହିହେବ ନାହିଁ। ପିଲାକୁ ବାପାମା କେତେ କଷ୍ଟ କରି ନିଜେ ନଖାଇ ନପିଇ ରୋଗ ବୈରାଗରେ ସେବା ଚିକିତ୍ସା କରି ପାଠ ପଢ଼ାଇ ଶିକ୍ଷିତ କରି ବୃତ୍ତି ଧରିବାଯାଏ ସମସ୍ତ ଖର୍ଚ୍ଚ ବହନ କରି, ବିଭାସାଦୀ କରାଇ କେତେ ଭବିଷ୍ୟ ଦେଖି ଦେଖିଥାନ୍ତି ହେଲେ ସବୁ ସ୍ୱପ୍ନ ତାଙ୍କର ଚୁର ମାରକଳ୍ପିତ ବୋହୁ ଗୃହଲକ୍ଷ୍ମୀ ନ ହୋଇ ଜ୍ୟେଷ୍ଠା ଲକ୍ଷ୍ମୀ ସାଜି ବୁଢ଼ାବୁଢ଼ୀଙ୍କୁ ହତାଶ ହଇରାଣ କରି ଘରୁ ତଡ଼ି ଜରାନିବାସକୁ ଛାଡ଼ିବା କାର୍ଯ୍ୟ ବେଳକୁ ବେଳ ବଢ଼ିବା ମାର୍ଗକୁ ଆସିଲାଣି। ପୂର୍ବେ ଭେଣ୍ଡିଆ ମେଣ୍ଢାହେବା ଶୁଣାଥିଲା କିନ୍ତୁ ଏବେ ତ ପ୍ରାକ୍ଟିକାଲ। ପାରିବାରିକ ସହ ଠେଲାରେ ଲାଗି ପଡ଼ିବା ବହୁଘରେ ଦେଖାଗଲାଣି। ଗୁରୁ ଶିଷ୍ୟରେ ବା ଗୁରୁ ଛାତ୍ର ଛାତ୍ରୀରେ ସୀମାରେଖା ଶିକ୍ଷା ବିଭାଗର ବଣିକବୃତ୍ତିରେ ହଲଚଲ, ପ୍ରଶ୍ନପତ୍ର ଲିକ ପରୀକ୍ଷା ବାତିଲ କେବେ ଶୁଣା ନଥିଲା। ସରକାରୀ ପଟ୍ଟାଧାରୀ ଜଣେ ଉପଭୋକ୍ତା ଆଉ ଜଣେ, ଚାଲିଛି, କାନୁନ ତା ବାଟରେ ନିଷ୍କ୍ରିୟ। ବାସମଟର ପରିମସନ ମାଲବୁହା ପରମିଟ, ମଦ ଦୋକାନ ପରମିଟ ପଟ୍ଟା, ଫାର୍ମାସିଟ ପଟ୍ଟା, ଜଣଙ୍କ ନାମରେ, ଜଣେ ଉପଭୋକ୍ତା ଏ କଥା ଦିବାଲୋକ ପରିସ୍କାର କିନ୍ତୁ କହିବ କିଏ ? କାହା ଜିଭରେ ହାଡ଼ ଗଜୁରିଲାଣି ଏଥିରେ ବି ସୀମା ହଲଚଲ। ସ୍ୱାଧୀନ ଭାବେ ଏଠାରେ କାନୁନ ଆଉ ତାର ପାଳନକାରୀ ଏକ ସୀମାରେଖା ରେଖା ଏପାଖ ସେପାଖରେ ରହିବି ଉପଭୋକ୍ତା ସୀମା ଅନ୍ୟାୟରେ ଲଂଘନ କରୁଛନ୍ତି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩



# ଜଙ୍ଗଲରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ଯୋଡ଼ା,୯।୬: ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ନିକଟସ୍ଥ ବଡ଼ବିଲ ଖଣି ଅଞ୍ଚଳରେ ପୁଣି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟଣା ଘଟିଯାଇଛି । ବଡ଼ବିଲ ଥାନା ଅନ୍ତର୍ଗତ ଭାଦ୍ରାସାହି ଛକ ନିକଟରେ ଥିବା ଇଣ୍ଡିଆନ୍ ଗ୍ୟାସ ପ୍ଲାଣ୍ଟ ପଛପଟ ଜଙ୍ଗଲରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ମୃତକଙ୍କୁ ପଥରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

ସୂଚନା ଅନୁଯାୟୀ, ଜାତୀୟ ରାଜପଥ–୨୨୦ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଜଙ୍ଗଲ ମଧ୍ୟରେ ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ସୋମବାର ସକାଳେ କିଛି ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ ।

ଖବର ପାଇ ବଡ଼ବିଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଘଟଣାର ସୁରାଗ ପାଇବା ଓ ଅପରାଧୀଙ୍କ ଚିହ୍ନଟ ଉଦ୍ଦେଶ୍ୟରେ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା । ତଦନ୍ତ ସମୟରେ ବଡ଼ବିଲ ଆଇଆଇସି ଅଶୋକ ନାୟକ, ଯୋଡ଼ା ଇନ୍ ?ଚାର୍ଜ ଇନ୍ସପେକ୍ଟର ସୁଶାନ୍ତ ପ୍ରଧାନ, ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ପୋଲିସ ବଳ ଉପସ୍ଥିତ ରହିଥିଲେ ।

ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବାବେଳେ ହତ୍ୟା ପଛର କାରଣ ମଧ୍ୟ ଅସ୍ପଷ୍ଟ ରହିଛି । ପୋଲିସ ବଡ଼ବିଲ ଥାନା କେସ୍ ନଂ–୨୪୫/୨୦୨୬ ଅନୁଯାୟୀ ଧାରା ୧୦୩(୧) ଓ ୨୩୮ ବିଏନଏସ୍ ?ରେ ମାମଲା ରୁଜୁ କରି ତଦନ୍ତକୁ ଆଗେଇ ନେଉଛି । ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି ।

ଏହି ଘଟଣା ପରେ ଯୋଡ଼ା–ବଡ଼ବିଲ ଖଣି ଅଞ୍ଚଳରେ ଆଇନ–ଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ଦେଖାଦେଇଛି। ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସହ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ କଳଙ୍କ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ(୯।୬): ବିବାହ ପୂର୍ବରୁ ଶାରୀରିକ ସମ୍ପର୍କକୁ ନେଇ ବଡ ନିଷ୍ପତ୍ତି ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବ ?ଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଅବିବାହିତ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କକୁ " ନୈତିକ ପତନ" (କଳଙ୍କ) ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ଏହାକୁ ଜଣେ ବ୍ୟକ୍ତିଙ୍କ ଚରିତ୍ର ବିଷୟରେ ନକାରାତ୍ମକ ନିଷ୍କର୍ଷ ବାହାର କରିବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ।



ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ଦୁଇଜଣ ଅବିବାହିତ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କକୁ ଜଣେ ବ୍ୟକ୍ତିଙ୍କ ଚରିତ୍ର ଉପରେ ପ୍ରଶ୍ନ ଉଠାଇବା ପାଇଁ ଆଧାର ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଖଣ୍ଡପୀଠ ଏହି ନିଷ୍ପତ୍ତି ଏପରି ଏକ ମାମଲାରେ ଦେଇଛନ୍ତି ଯେଉଁଥିରେ ତେଲଙ୍ଗାନା ରାଜ୍ୟ ପୁଲିସ ନିଯୁକ୍ତି ବୋର୍ଡ ଏକ ବିଫଳ ପ୍ରେମ ସମ୍ପର୍କ ସହିତ ଜଡିତ ଏକ ପୁରୁଣା ଅପରାଧିକ ମାମଲା ଆଧାରରେ ପ୍ରାର୍ଥୀଙ୍କ ନିଯୁକ୍ତିକୁ ବାତିଲ କରିଥିଲା।

ବିଚାରପତି ମନମୋହନ ଏବଂ ବିଚାରପତି ମନୋଜ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ କେବଳ ବିବାହ ପାଇଁ ନୁହେଁ ବୋଲି ସମ୍ପର୍କକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ସମ୍ପର୍କ ନିଶ୍ଚିତ ଭାବରେ ବିବାହରେ ପରିଣତ ହେବା ଉଚିତ୍ ନୁହେଁ, ଏବଂ ଏହା ଉଭୟ ପକ୍ଷର ପ୍ରତାରଣାମୂଳକ ଆଚରଣ ନୁହେଁ। ଏପରି କୌଣସି ଆଇନ ନାହିଁ ଯାହା ଦୁଇଜଣ ଅବିବାହିତ ବୟସ୍କଙ୍କୁ ସେମାନଙ୍କ ପସନ୍ଦର ସହମତିରେ ସମ୍ପର୍କ ରଖିବାରୁ ନିଷେଧ କରେ।କେବଳ କାରଣ ଏହି ସମ୍ପର୍କ ବିବାହରେ ପରିଣତ ହୋଇନାହିଁ, ଏହା ବିଶ୍ୱାସ କରିବାର କୌଣସି ଆଧାର ନାହିଁ ଯେ ଗୋଟିଏ ପକ୍ଷ ଅନ୍ୟ ଜଣଙ୍କୁ ପ୍ରତାରଣା କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆବେଦନକାରୀ ଏବଂ ପୀଡିତା ପଡ଼ ?ଶୀ ଥିଲେ ଏବଂ ଚାରି ବର୍ଷ ଧରି ସମ୍ପର୍କ ରଖିଥିଲେ। ଯଦି କୌଣସି ଅଭିଯୋଗ ପ୍ରମାଣିତ ନହୁଏ, ତେବେ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ବୋଲି ଧରାଯାଏ।

କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବିବାହର ପ୍ରତିଶ୍ରୁତି ସହିତ ଦୁଷ୍କର୍ମ ମାମଲାରେ ଲୋକ ଅଦାଲତରେ ହୋଇଥିବା ଆପୋଷ ବୁଝାମଣାର ଅର୍ଥ ନୁହେଁ ଯେ ଅଭିଯୁକ୍ତ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। କୋର୍ଟ କହିଛନ୍ତି ଯେ ଜଣେ ନିଯୁକ୍ତିଦାତା କେବଳ ଏକ ଫୌଜଦାରୀ ମାମଲା ଆପୋଷରେ ଶେଷ ହୋଇଛି ବୋଲି କୌଣସି ନକାରାତ୍ମକ ନିଷ୍କର୍ଷ ବାହାର କରିପାରିବେ ନାହିଁ, ଯଦି ନାହିଁ ଯେ ଅଭିଯୋଗକାରୀଙ୍କୁ ଆପୋଷରେ ଚାପ ପକାଇବାର ପ୍ରମାଣ ନାହିଁ।ବିବାହ ପୂର୍ବ ସମ୍ପର୍କ ପ୍ରସଙ୍ଗରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ଏପରି ସମ୍ପର୍କ କ୍ରମଶଃ ସାଧାରଣ ହେବାରେ ଲାଗିଛି ଏବଂ ଯେଉଁଠାରେ ଦୁଇଜଣ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସମ୍ପର୍କ ବହୁତ ସମୟ ପର୍ଯ୍ୟନ୍ତ ରହିଥାଏ, ସେଠାରେ ବୈଧ ସମ୍ମତିର ଅନୁମାନ କରାଯାଏ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଆବେଦନକାରୀ ଏବଂ ଅଭିଯୋଗକାରୀ ପଡ଼ ?ଶୀ ଥିଲେ ଏବଂ ପରସ୍ପରକୁ ବହୁ ବର୍ଷ ଧରି ଜାଣିଥିଲେ। କୋର୍ଟ କହିଛନ୍ତି ଯେ ସମାଧାନ ପାଇଁ ବଳ, ଧମକ କିମ୍ବା ଚାପ ବ୍ୟବହାର କରିବା ପାଇଁ ରେକର୍ଡରେ କୌଣସି ପ୍ରମାଣ ନାହିଁ।

# ଗ୍ୟାରେଜ ଗ୍ୟାସ କାମ ବେଳେ ବିସ୍ଫୋରଣ,୪ ଆହତ



ଯୋଡ଼ା,୯।୬: ୯ କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ କୋମାରଯୋଡ଼ା ଅଞ୍ଚଳର ର ଏକ ଗ୍ୟାରେଜ ରେ ଗ୍ୟାସ ଓଲ୍ଡିଂ କାମ କରୁଥିବା ବେଳେ ବିସ୍ଫୋରଣ ହେବାରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି ।ସୂଚନା ମୁତାବକ ଏକ ଡିଜେଲ ତେଲ ଟେଙ୍କର ଟ୍ରକ ଗ୍ୟାସ ଓଲ୍ଡିଂ ପାଇଁ ଗ୍ୟାରେଜ କୁ ଯାଇଥିବା ବେଳେ ପ୍ରାୟ ୩ ଟା ସମୟରେ ସର୍ଟ ସର୍କିଟ ଯୋଗୁଁ ଗ୍ୟାସ ଲିକ କରି ବିସ୍ଫୋରଣ ହୋଇଥିଲା ।ଫଳରେ ୪ ଜଣ ମେକାନିକ ଆହତ ହୋଇଥିଲେ ।ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଗୁରୁତର ଆବସ୍ଥାରେ ଟାଟା ମେଡିକାଲ କୁ ନେଇଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗ ଏବଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭେଇ ବା ସହ ତଦନ୍ତ କରିଛନ୍ତି ।ଆହତ ମାନେ ହେଲେ ଚମ୍ପୁଆ ଅଞ୍ଚଳର ସନ୍ତୋଷ ଲୋହାର, ସଞ୍ଜୟ ପ୍ରଧାନ, ନାରଦପୁର ର ବିନୟ ଭୂଷଣ ବାରିକ ଏବଂ ନୟାକୋଟ ଅଞ୍ଚଳର ଧରଣୀ ବେହେରା ବୋଲି ଜଣାପଡିଛି ।

# ଏସଆଇଆର୍ କାର୍ଯ୍ୟରେ ବିଏମ୍‌ସିକୁ ସହାୟତା ପାଇଁ ହାତ ବଢାଇଲେ ଆର୍‌ଡବ୍ଲ୍ୟୁଏ

ଭୁବନେଶ୍ୱର, : ସାମିଲ ହେଲେ ୨୦୦ ଆବାସିକ ସଂଗଠନର କର୍ମକର୍ତ୍ତା ସଂପ୍ରତି ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସହାୟତା କରିବା ପାଇଁ ହାତ ବଢାଇଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଂଚଳରେ ଥିବା ରେସିଡେନସିଆଲ ୱେଲଫେୟାର ଆସୋସିଏସନ(ଆର୍ ଡବ୍ଲ୍ୟୁଏ) । ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଂଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲୁରହିଛି । ଏହି କ୍ରମରେ ଆଜି ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ୨୦୦ ରେସିଡେନସିଆଲ ୱେଲଫେୟାର ଆସୋସିଏସନର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବହୁତଳ ପ୍ରାସାଦରେ ରହୁଥିବା ବାସିନ୍ଦାଙ୍କ ମଧ୍ୟରୁ ଅନେକ କର୍ମଜୀବୀ । ଅନେକ ସମୟରେ ଭୋଟରମାନେ ଘରେ ରୁହନ୍ତି ନାହିଁ । କେହି କେହି ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହିପାରନ୍ତି ନାହିଁ । ଫଳରେ ବିଏଲଓମାନେ ବାରମ୍ବାର ଘରକୁ ଘର ବୁଲି ଫର୍ମ ବଂଟନ କରିବାରେ ବିଳମ୍ବ ହେଉଛି ଏବଂ ସମସ୍ତଙ୍କ ନିକଟରେ ପହଂଚିପାରୁ ନାହିଁ । ଏଣୁ ଏଥିପାଇଁ ଆର୍ ଡବ୍ଲ୍ୟୁଏର କର୍ମକର୍ତ୍ତା, ସଦସ୍ୟ, ସଦସ୍ୟା ବିଏଲଓଙ୍କୁ ସହାୟତା କରିବା ସହ ନିଜ ନିଜ ଅଂଚଳରେ ଭୋଟରମାନଙ୍କୁ ସଚେତନ କରାଇବାକୁ ଅନୁରୋଧ କରାଯାଇଛି । ଭୋଟରମାନେ ଅନଲାଇନରେ ଫର୍ମ ପୂରଣ କରିବା ସହ ବୁଥରେ ଯାଇ ଯେପରି ନିଜର ଫର୍ମ ଦାଖଲ କରିବେ, ସେ ସଂପର୍କରେ ଅବଗତ କରାଇବାକୁ କୁହାଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସରକାରଙ୍କ ଯେତିକି ଦାୟିତ୍ୱ ରହିଛି, ଜଣେ ସଚେତନ ନାଗରିକ ଭାବେ ଆର୍ ଡବ୍ଲ୍ୟୁଏର କର୍ମର୍ତ୍ତାମାନଙ୍କର ମଧ୍ୟ ସେତିକି ଦାୟିତ୍ୱ ରହିଛି । ଏଣୁ ବିଏମ୍ ସି ଅଂଚଳରରେ ଥିବା ସମସ୍ତ ଆବାସିକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଂଚଳ ରାଣା ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-CRW-MCS-EL-6-2026

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱରରେ ମେମୁ ମୋଟର କୋଚ୍‌ଗୁଡ଼ିକର ତିନି-ଫେଜ ଏବଂ ଏକକ-ଫେଜ ଟ୍ରାକ୍ସନ୍ ମୋଟରମାନଙ୍କର ପର୍ଯ୍ୟାୟକ୍ରମିକ ମରାମତି (POH) କାର୍ଯ୍ୟ ପାଇଁ 24 ମାସ ଅବଧି ।

**ବିଜ୍ଞାପିତ ମୂଲ୍ୟ :** ₹35,68,320.00, EMD : ₹71,400/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.06.2026ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.06.2026ରିଖ 1700 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ,
CRW/ମଞ୍ଚେଶ୍ୱର

PR-227/R/26-27


# କ୍ରୀଡ଼ା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବ ରୋଡମ୍ୟାପ୍

ଭୁବନେଶ୍ୱର,୯।୬(ନି.ପ୍ର): କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଂଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି। ଗତବର୍ଷ ସଫଳତାର ସହ 'ୱାର୍ଲଡ




ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗୀତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗୀତା ଓଡ଼ିଶାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଂଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେ ଆହୁରି କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର 'ଗ୍ରୋଥ୍ ଇଞ୍ଜିନ' ହେବା ଲକ୍ଷ୍ୟରେ କ୍ରୀଡ଼ା କ୍ଷେତ୍ରର ଏକ ବଡ଼ ଭୂମିକା ରହିବ। ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଉତ୍ତମ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବା ଏକ ନିୟମିତ ଘଟଣାରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆଜିର ଆଲୋଚନା ଯଦିଓ ଏସି ରୁମ୍ ରେ ହେଉଛି ମାତ୍ର ଏହାର କାର୍ଯ୍ୟକାରୀ ୪୦ ଡିଗ୍ରୀ ଖରାରେ ହେବ । ବଣ ମଲ୍ଲୀ ଆଉ ବଣରେ ଫୁଟି ଝଡିଯିବ ନାହିଁ, ଏବେ ସମୟ ଆସିଛି ବଣ ମଲ୍ଲୀ ବିଶ୍ୱ ଦରବାରରେ ମହକିବ । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ , କ୍ରୀଡ଼ା ନିର୍ଦ୍ଦେଶକ ଡ଼ା ୟେଦୁଲା ବିଜୟ ଙ୍କ ସମେତ, କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ ଓ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ।

# ବିଏମ୍ ସି ପକ୍ଷରୁ ଏସ୍‌ଆଇଆର୍ ତାଲିମ ନେଲେ ୭ ଶହରୁ ଅଧିକ ବିଏଲ୍‌ଏ

ଭୁବନେଶ୍ୱର , ୯।୬: ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ବୁଥ୍ ଲେବଲ ଏଜେଣ୍ଟ(ବିଏଲ୍ଏ) ଓ ସୁପରଭାଇଜରମାନଙ୍କୁ ନେଇ ୩ଟି ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୧୪ ବିଧାନସଭା ନର୍ବାଚନ ମଣ୍ଡଳି ଅନ୍ତର୍ଗତ ୨୪୮ଟି ବୁଥର ବିଏଲ୍ଏ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ୨୪୮ଟି ବୁଥ ପାଇଁ ବିଭିନ୍ନ ରାଜନୈତିକ ଦଳ ଯଥା-ବିଜେପି, ବିଜେଡି ଓ କଂଗ୍ରେସ ଆଦିର ଏଜେଣ୍ଟମାନେ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅର୍ଥାତ୍ ୩ଟି ପର୍ଯ୍ୟାୟରେ ମୋଟ ୭ ଶହରୁ ଅଧିକ ବିଏଲ୍ଏଙ୍କୁ ତାଲିମ ଦିଆଯାଇଥିଲା ।ଦକ୍ଷିଣ-ପଶ୍ଚିମ ଜୋନାଲ କମିଶନର ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ଶ୍ରୀ ରାକେଶ କୁମାର ପାତ୍ର, ବିଏଲ୍ଏମାନଙ୍କୁ ତାଲିମ ଦେଇଥିଲେ । ସେମାନେ କିପରି ଫର୍ମ ପ୍ରଦାନ କରିବେ, କିପରି ପୂରଣ କରାଯିବ, ଫର୍ମ ଗ୍ରହଣ କରାଯିବାର ଶେଷ ତାରିଖ, ଯେଉଁମାନେ ବାହାରେ ଅଛନ୍ତି ସେମାନଙ୍କର କିପରି ସଂଶୋଧନ କରାଯିବ, ନୂତନ ଭୋଟରଙ୍କୁ କିପରି ତାଲିକାରେ ସଂଯୋଗ କରାଯିବ, ଦୁଇଟି ସ୍ଥାନରେ ଭୋଟର ତାଲିକାରେ ନାମ ଥିଲେ ଗୋଟିଏଠାରୁ କିପରି କଟିବ ଗୋଟିଏଠାରେ କିପରି ରହିବ ଇତ୍ୟାଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ପରିଗଣନା ଫର୍ମ ପୂରଣ ଅବଧି ମଇ ୩୦ ତାରିଖରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ରହିଛି । ଏହା ପରେ ଚିଠା ଭୋଟର ତାଲିକା ଜୁନ୍ ୫ ତାରିଖରେ ପ୍ରକାଶ ପାଇବ । ଏହା ପରେ ଯଦି କୌଣସି ଭୋଟରଙ୍କର କିଛି ଦାବି ଆପତ୍ତି ଥାଏ, ତାହା ସେମାନେ ଜୁନ୍ ୫ ତାରିଖରୁ ଅଗଷ୍ଟ ୭ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଯେଉଁମାନେ କୌଣସି ଦାବି ଆପତ୍ତି କରିଥିବେ, ସେମାନଙ୍କୁ ନୋଟିସ ଦେବା ଏବଂ ସେମାନଙ୍କ ଅଭିଯୋଗ ଶୁଣାଣି ଜୁନ୍ ୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୯ ତାରିଖରେ ପ୍ରକାଶ ପାଇବ ବୋଲି କୁହାଯାଇଛି ।ଏହି ଅବସରରେ କିଛି ସମୟ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଚାଲିଥିଲା । ବିଭିନ୍ନ ରାଜନୈତିକ ଦଳ ବିଏଲଏମାନେ ବିଭିନ୍ନ ପ୍ରଶ୍ନ କରିଥିଲେ । ତାର ଯଥାଯଥ ତଥା ଆଇନ ସମ୍ମତ ଉତ୍ତର ଇଆରଓ ଦେଇଥିଲେ । ନିୟମ ଅନୁଯାୟୀ କଣ କଣ କରିବାକୁ ହେବ ସେ ସଂପର୍କରେ ଅବଗତ କରାଇଥିଲେ ।ଜୁନ୍ ୨୮ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଫର୍ମ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି । କାରଣ ୨୮ ତାରିଖ ସୁଦ୍ଧା ପ୍ରତ୍ୟେକ ଯୋଗ୍ୟ ଭୋଟର ଫର୍ମ ପୂରଣ କରି ନଦେଲେ, ସେମାନଙ୍କରନାମ ଚିଠା ଭୋଟର ତାଲିକାରେ ପ୍ରକାଶ ପାଇବ ନାହିଁ । ତେଣୁ ସେଥିପ୍ରତି ସମସ୍ତ ରାଜନୈତିକ ଦଳର ବୁଥ୍ ଲେଭଲ ଏଜେଣ୍ଟେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା । ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଛି । କାରଣ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟ କରିବା କଷ୍ଟକର । ଅପରପକ୍ଷେ ଇଆରଓ, ଏଇଆରଓ, ବିଏଲଓ, ବିଏଲ୍ଏ ସର୍ବୋପରି ସାଧାରଣ ନାଗରିକ, ସମସ୍ତେ ଆନ୍ତରିକତାର ସହ କାର୍ଯ୍ୟକଲେ, ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସଫଳ ହେବ ବୋଲି କହିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ।

# ଜିରାଙ୍ଗ ବୌଦ୍ଧ ମଠରେ ରାଜ୍ୟପାଳ

## ମହେନ୍ଦ୍ରଗିରି ମେଳାରେ ଯୋଗ ଦେଲେ



ଭୁବନେଶ୍ୱର,୯।୬(ନି.ପ୍ର):: ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ସୋମବାର ଦିନ ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ଶାନ୍ତ ପରିବେଶରେ ଅବସ୍ଥିତ ବୌଦ୍ଧ ମଠ ପରିଦର୍ଶନ କରି ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରି ବିଶ୍ୱଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି ।

ଏହି ଅବସରରେ ମଠର ସାଧୁସନ୍ଥ ଓ ସ୍ଥାନୀୟ ବାସିନ୍ଦାମାନେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ପରିଦର୍ଶନ ସମୟରେ ରାଜ୍ୟପାଳ ମଠ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ଓ ସମସ୍ୟା ଶୁଣିଥିଲେ ।ଭିଏତନାମରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଭାରତକୁ ଆଣିବାରେ ନିଜର ଭୂମିକାକୁ ସ୍ମରଣ କରାଇ ରାଜ୍ୟପାଳ କହିଥିଲେ ଯେ, ଏହି ପରିଦର୍ଶନ ତାଙ୍କ ପାଇଁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ମଠର ସାଧୁସନ୍ଥଙ୍କର ଭକ୍ତି, କରୁଣା, ସମ୍ପ୍ରୀତି ଓ ଆଧ୍ୟାତ୍ମିକ ଜ୍ଞାନର ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ।ଶାନ୍ତି, ସାଂସ୍କୃତିକ ବୁଝାମଣା ଏବଂ ଭଗବାନ ବୁଦ୍ଧଙ୍କ ଉପଦେଶ ପ୍ରଚାର ଓ ସଂରକ୍ଷଣରେ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଭବିଷ୍ୟତ ପିଢ଼ି ପାଇଁ ବୁଦ୍ଧଙ୍କ ଉପଦେଶକୁ ଜୀବନ୍ତ ରଖିବାରେ ମଠର ସାଧୁସନ୍ଥଙ୍କ ଉତ୍ସର୍ଗ ପ୍ରେରଣାଦାୟକ ।ପୂର୍ବାହ୍ନରେ ରାଜ୍ୟପାଳ ଗଜପତି ଜିଲ୍ଲାର ପବିତ୍ର ମହେନ୍ଦ୍ରଗିରି ପର୍ବତଠାରେ ଆୟୋଜିତ ମହେନ୍ଦ୍ରଗିରି ମେଳାର ମହାଯଜ୍ଞରେ ଯୋଗ ଦେଇଥିଲେ ଏବଂ ଐତିହାସିକ କୁନ୍ତୀ ମନ୍ଦିରରେ ପ୍ରାର୍ଥନା କରିଥିଲେ ।ମହେନ୍ଦ୍ରଗିରିକୁ ଓଡ଼ିଶାର ସ୍ଥାୟୀ ଆଧ୍ୟାତ୍ମିକ ଉତ୍ତରାଧିକାରର ପ୍ରତୀକ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହି ପର୍ବତ ପିଢ଼ି ପରେ ପିଢ଼ି ଧର୍ମ, ଭକ୍ତି ଏବଂ ଐକ୍ୟକୁ ପ୍ରୋତ୍ସାହିତ କରୁଛି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ ।



# କ୍ୟାନନ 'ଡିପ୍ ଡାଇଭ୍ ୨.୦' ଅଭିଯାନ ର ଶୁଭାରମ୍ଭ

**ଭୁବନେଶ୍ୱର, ୯।୬ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ଡିଜିଟାଲ ଇମେଜିଂ କମ୍ପାନୀ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଶିକ୍ଷା ଅଭିଯାନ 'ଡିପ୍ ଡାଇଭ ୨.୦'ର ୨ୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି। ଏହି ପ୍ରୋଗ୍ରାମ ଏବେ ଭୁବନେଶ୍ୱରରେ ପହଂଚିଛି, ଯାହା ଅଂଶଗ୍ରହଣକାରୀଙ୍କୁ କ୍ୟାନନର ଅତ୍ୟାଧୁନିକ ଇମେଜିଂ ଟେକ୍ନୋଲୋଜି ଏବଂ ରିଅଲ ୱାର୍ଲ୍ଡ ପ୍ରଡକ୍ସନ ଓ ପୋଷ୍ଟ ପ୍ରଡକ୍ସନ କାର୍ଯ୍ୟଗୁଡିକର ପାଇଁ ଏକ୍ସପୋଜର ପ୍ରଦାନ କରୁଛି। ଭାରତର କ୍ରିଏଟିଭ ଷ୍ଟୋରୀଟେଲିଂ ଇକୋସିଷ୍ଟମ ଏକ ଅଭୂତପୂର୍ବ ବେଗରେ ବୃଦ୍ଧି ପାଉଥିବାରୁ, ଏହି କ୍ଷେତ୍ର ଉଦୀୟମାନ ଚଳଚ୍ଚିତ୍ର ନିର୍ମାତା, ଫଟୋଗ୍ରାଫର ଓ ଭିଡିଓଗ୍ରାଫରଙ୍କ ପାଇଁ ପ୍ରଚୁର ସୁଯୋଗ ଉପସ୍ଥାପନ କରୁଛି। ଡିପ୍ ଡାଇଭ ୨.୦ କ୍ରିଏଟରମାନଙ୍କୁ ଭାରତର ଦ୍ରୁତ ବିକଶିତ କ୍ରିଏଟର ଅର୍ଥନୀତିରେ ସ୍ଥାୟୀ ଓ ପ୍ରଫେସନାଲ କ୍ୟାରିୟର ନିର୍ମାଣ କରିବା ପାଇଁ ସକ୍ଷମ କରିବ। ଏହି ପ୍ରୋଗ୍ରାମ କଲର ଗ୍ରେଡିଂ, ଏଡିଟିଂ ଓ ପୋଷ୍ଟ ପ୍ରଡକ୍ସନ ଟେକନିକଗୁଡିକ ଉପରେ ଲାଇଭ ପ୍ରଦର୍ଶନର ନେତୃତ୍ୱ ନେବା ପାଇଁ ବିବାହ, ସିନେମା ଓ ଫ୍ୟାଶନ ଫିଲ୍ମମେକିଂ ଶିଳ୍ପରୁ ପ୍ରତିଷ୍ଠିତ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଛି। ଅଂଶଗ୍ରହଣକାରୀମାନେ ଏଠାରେ ଲାଭଦାୟକ କ୍ରିଏଟିଭ ବ୍ୟବସାୟ ନିର୍ମାଣ କରିବା ପାଇଁ ବ୍ୟବହାରିକ ତଥ୍ୟ ହାସଲ କରିପାରିବେ ଏବଂ କ୍ୟାନନର ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରି ବାସ୍ତବ ଦୁନିଆର କାର୍ଯ୍ୟଗୁଡିକରେ ଅନୁଭୂତି ପାଇପାରିବେ। ଏହି ପଦକ୍ଷେପ ସମ୍ପର୍କରେ କ୍ୟାନନ ଇଣ୍ଡିଆର ଇମେଜିଂ କମ୍ୟୁନିକେସନ ବିଜନେସ ସେଂଟରର



ସହ ନିର୍ଦ୍ଦେଶକ ବିଶେଷ ମାଗୁ କହିଛନ୍ତି, '୨୦୨୫ରେ ଡିପ୍ ଡାଇଭର ଦୃଢ ସଫଳତା ପରେ ଆମେ ବିକଶିତ ଡିପ୍ ଡାଇଭ ୨.୦ ଲଂଚ କରିବା ପାଇଁ ଉତ୍ସାହିତ ଅଛୁ। ଫଟୋଗ୍ରାଫି ଓ ଭିଡିଓଗ୍ରାଫି ସେଗମେଂଟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ କ୍ୟାନନର ପ୍ରତିବଦ୍ଧତା ସହ ଜଡିତ ଏହି ପଦକ୍ଷେପ କ୍ରିଏଟର୍ସଙ୍କୁ ନିଜର ବଜାର ସ୍ଥିତିକୁ ସୁଦୃଢ କରିବା ପାଇଁ ନିମନ୍ତେ ଶିକ୍ଷା ଓ ବ୍ୟବହାରିକ ଜ୍ଞାନ ପ୍ରଦାନ କରୁଛି। ଏହାକୁ ବର୍ତ୍ତମାନ ସୁଦ୍ଧା ମିଳିଥିବା ପ୍ରତିକ୍ରିୟା ଅତ୍ୟଧିକ ଉତ୍ସାହଜନକ ରହିଆସିଛି ଏବଂ ଆମେ ଭାରତର ଅଧିକ କ୍ରିଏଟରଙ୍କ ନିକଟରେ ପହଂଚିବା ପାଇଁ ଏହି କାର୍ଯ୍ୟକ୍ରମକୁ ବିସ୍ତାର କରିବା ପାଇଁ ଯୋଜନା ରଖିଛୁ।

# ଭାରତ-ନେପାଳ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରି, କାଠମାଣ୍ଡୁ କଳିଙ୍ଗ ସାହିତ୍ୟ ମହୋତ୍ସବର ଚତୁର୍ଥ ସଂସ୍କରଣ ସଫଳତାର ସହ ସମାପ୍ତ

**କାଠମାଣ୍ଡୁ, ୯।୬ (ନି.ପ୍ର):** ଲଳିତପୁର, ନେପାଳର ହୋଟେଲ ହିମାଳୟରେ ଦୁଇ ଦିନର ଜୀବନ୍ତ ସାହିତ୍ୟିକ, ସାଂସ୍କୃତିକ ଏବଂ ବୌଦ୍ଧିକ ପ୍ରତିବଦ୍ଧତା ପରେ କାଠମାଣ୍ଡୁ କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍?ଏଫ୍?) ର ଚତୁର୍ଥ ସଂସ୍କରଣ ସଫଳତାର ସହ ସମାପ୍ତ ହୋଇଛି। ସମଗ୍ର ଦକ୍ଷିଣ ଏସିଆର ପ୍ରଶଂସିତ ଲେଖକ, କଳାକାର, ଚିନ୍ତକ, ଚିନ୍ତାନାୟକ ଏବଂ ସାଂସ୍କୃତିକ ସାଧକମାନଙ୍କୁ ଏକତ୍ରିତ କରି, ଏହି ମହୋତ୍ସବ ସଂଳାପ, ସୃଜନଶୀଳତା ଏବଂ ସୀମା-ପାର ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ନିଜର ସ୍ଥିତିକୁ ପୁନଃ ପ୍ରତିପାଦିତ କରିଛି। "ସୀମା ବାହାରେ - ଏକ ପରିବର୍ତ୍ତିତ ବିଶ୍ୱରେ ଦକ୍ଷିଣ ଏସୀୟ ସାହିତ୍ୟ: ଏକ ଅଂଶୀଦାର ଭବିଷ୍ୟତର କଳ୍ପନା ଆଡକୁ" ଆଭିମୁଖ୍ୟ (ଥିମ୍) ଅଧୀନରେ ଆୟୋଜିତ ଏହି ମହୋତ୍ସବକୁ ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଦକ୍ଷିଣ ଏସିଆର ସମୃଦ୍ଧ ସାହିତ୍ୟିକ ଏବଂ ସାଂସ୍କୃତିକ ବିନିମୟକୁ ପାଳନ କରିବା ସହ ଆଞ୍ଚଳିକ ସହଯୋଗ ଏବଂ ଅଂଶୀଦାର ସାଂସ୍କୃତିକ କଳ୍ପନା ପାଇଁ ସମସାମୟିକ ଆହ୍ୱାନ ଏବଂ ସୁଯୋଗଗୁଡ଼ିକୁ ଅନ୍ୱେଷଣ କରିଥିଲା। ଉଦ୍‌ଘାଟନୀ ଦିବସର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ପ୍ରସିଦ୍ଧ ଭାରତୀୟ ଅଭିନେତା, ଲେଖକ, କବି ଏବଂ ସଙ୍ଗୀତଜ୍ଞ ପିୟୁଷ ମିଶ୍ରଙ୍କ ସହ ଏକ ଆକର୍ଷଣୀୟ ଆଲୋଚନା। ୟୁନୁସ ଖାନଙ୍କ ଦ୍ୱାରା ସଞ୍ଚାଳିତ "ତୁମ୍ହାରୀ ଅଉକାତ କ୍ୟା ହୈ ପିୟୁଷ ମିଶ୍ର" ଶୀର୍ଷକ ଅଧିବେଶନରେ ମିଶ୍ର ନିଜର ପିଲାଦିନ, କଳାତ୍ମକ ଯାତ୍ରା, ନାଟକ ପ୍ରତି ଭଲପାଇବା, ସଂଘର୍ଷ ଏବଂ ନିଜ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କର ସ୍ପଷ୍ଟବାଦୀ ଅନ୍ତର୍ଦୃଷ୍ଟି ଦର୍ଶକଙ୍କ ମନକୁ ଗଭୀର ଭାବରେ ଛୁଇଁଥିଲା। ଅନ୍ୟ ଏକ ବହୁ ପ୍ରଶଂସିତ ଅଧିବେଶନରେ ବିଶିଷ୍ଟ ଗାୟିକା, ଅଭିନେତ୍ରୀ ତଥା ନାଟ୍ୟ ବ୍ୟକ୍ତିତ୍ୱ ଇଲା ଅରୁଣ ଯୋଗ ଦେଇଥିଲେ, ଯିଏ କି "ପରଦେ କେ ପିଛେ" ଅଧିବେଶନରେ ନିଜ ଜୀବନର କାହାଣୀ ସେୟାର କରିବା ସହ ନିଜ ଆତ୍ମଜୀବନୀ "ଚୋଲି କେ ପିଛେ" ବିଷୟରେ ଆଲୋଚନା କରିଥିଲେ। ଏହି ମହୋତ୍ସବରେ ନେପାଳୀ ସାହିତ୍ୟ ଏବଂ ସଂସ୍କୃତି ଉପରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ "ଦି ଗ୍ଲୋବାଲ ଭଏସ୍ ଅଫ୍ ନେପାଳୀ ପୋଏଟ୍ରି" ଏବଂ "ଚ୍ୟାଲେଞ୍ଜେସ୍ ଅଫ୍ ଲିଟେରାରୀ ଫେଷ୍ଟିଭାଲ୍ସ" ଭଳି ଅଧିବେଶନ ସାମିଲ ଥିଲା। ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କାଠମାଣ୍ଡୁ କେଏଲ୍?ଏଫ୍?ର ମହୋତ୍ସବ ନିର୍ଦ୍ଦେଶିକା ରଞ୍ଜନା ନିରୌଲା ସୀମା ପାର ହୋଇ ଲୋକଙ୍କୁ ଯୋଡିବାରେ ସାହିତ୍ୟର ପରିବର୍ତ୍ତନକାରୀ ଶକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିଲେ। "ସାହିତ୍ୟ କେବଳ ଶବ୍ଦ ଏବଂ ବହି ମଧ୍ୟରେ ସୀମାବଦ୍ଧ ନୁହେଁ;



ଏହା ବିଚାର, ସଂସ୍କୃତି, ସ୍ମୃତି, ଭାବନା ଏବଂ ମାନବୀୟ ସମ୍ଭାବନାର ଏକ ଉତ୍ସବ। ଏହି ମହୋତ୍ସବ କେବଳ ଏକ ସାହିତ୍ୟିକ ସମାବେଶ ନୁହେଁ ବରଂ ଏକ ଅଂଶୀଦାର ମଞ୍ଚ ଯାହା ଲୋକଙ୍କ ମଧ୍ୟରେ ବୁଝାମଣା ଏବଂ ଆତ୍ମୀୟତାକୁ ପୋଷଣ କରିଥାଏ। ସାହିତ୍ୟ ଭୌଗୋଳିକ ସୀମା ଅତିକ୍ରମ କରେ ଏବଂ ମଣିଷ ମାନଙ୍କ ମଧ୍ୟରେ ଅଦୃଶ୍ୟ ସେତୁ ନିର୍ମାଣ କରେ," ବୋଲି ସେ କହିଥିଲେ। ଦ୍ୱିତୀୟ ଦିନରେ ସାହିତ୍ୟ, ସିନେମା, ସଙ୍ଗୀତ, ବ୍ୟଙ୍ଗ, ସମାଜ ଏବଂ ସାଂସ୍କୃତିକ ରୂପାନ୍ତରକୁ ନେଇ ଚିନ୍ତାଉଦ୍ରେକକାରୀ ଆଲୋଚନା ଜାରି ରହିଥିଲା। "ସଙ୍ଗୀତ: ଶୁଣିବା ପାଇଁ ନା ଦେଖିବା ପାଇଁ?", "ସିନେମା: ଗତକାଲି, ଆଜି ଏବଂ ଆସନ୍ତାକାଲି", "ଏ ଡିସକାଉଣ୍ଟ ସଜେସନ ଟୁ ରାଜେନ୍ଦ୍ର ଖଡଗୀ", "ମନ୍ଥା: କର୍ଣ୍ଣାଲୀ ରାଇଜିଂ", "ଲିଭିଂ ସିଭିଲାଇଜେସନ୍ସ: ସୋସାଇଟି, କଲ୍?ଚର ଆଣ୍ଡ ଚେଞ୍ଜ", ଏବଂ "ହ୍ୟୁମର ଆଣ୍ଡ ସାଟିରିକାଲ୍: ଓଲ୍ଡ ଲାଫ୍ଟର, ନ୍ୟୁ ଜୋକ୍ସ" ଭଳି ଅଧିବେଶନଗୁଡ଼ିକ ଦର୍ଶକଙ୍କ ଉତ୍ସାହଜନକ ଅଂଶଗ୍ରହଣକୁ ଆକର୍ଷିତ କରିଥିଲା। "ୱାର୍ଡସ ଦ୍ୟାଟ୍ ସିଙ୍ଗ୍: ରାଜ ଶେଖର ଅନ୍ ପୋଏଟ୍ରି, ସିନେମା, ଆଣ୍ଡ ଦି ଲିରିସିଷ୍ଟସ କ୍ରାଫ୍ଟ" ଶୀର୍ଷକ ଏକ ବିଶେଷ ଅଧିବେଶନରେ ସମ୍ପଦା ମଲ୍ଲଙ୍କ ସହ ଆଲୋଚନାରେ ବିଶିଷ୍ଟ ଗୀତିକାର ରାଜ ଶେଖର ଯୋଗଦେଇ ଗୀତ ରଚନା ଏବଂ କାହାଣୀ କହିବା ପଛରେ ଥିବା ସୃଜନଶୀଳ ପ୍ରକ୍ରିୟା ବିଷୟରେ ଅନନ୍ୟ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଏହି ମହୋତ୍ସବରେ ପ୍ରତିଭା ରାୟ, ବିକାଶ ସ୍ୱରୂପ, ପରମିତା ଶତପଥୀ, ଉପେନ୍ଦ୍ରନାଥ ବେହେରା, ବଦ୍ରି ନାରାୟଣ, ନୀନା ବର୍ମା, ଅର୍ଚ୍ଚନା ସିଂ, ଜୟପ୍ରକାଶ ପାଣ୍ଡେ, କୁଳ ସୈକିଆ, ମାଳିନୀ ଅବସ୍ଥୀ, ନାରାୟଣୀ ବସୁ, ସତୀଶ ପଦ୍ମନାଭନ, ଯତୀନ୍ଦ୍ର ମିଶ୍ର, ସନ୍ଦୀପ ସିଂ, ବିକ୍ରମ ସମ୍ପତ, ଅନନ୍ତ ବିଜୟ, ଯତୀଶ କୁମାର, ଆଶୁତୋଷ ଅଗ୍ନିହୋତ୍ରୀ, ସୁଜିତ କୁମାର ଏବଂ ୟୁନୁସ ଖାନଙ୍କ ସମେତ ବିଶିଷ୍ଟ ସାହିତ୍ୟିକ ଓ ସାଂସ୍କୃତିକ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାଗୁଡ଼ିକ ମୁଖ୍ୟତଃ ତିନୋଟି ପରସ୍ପର ସଂଯୁକ୍ତ ପ୍ରସଙ୍ଗ ଉପରେ ଆଧାରିତ ଥିଲା—ଭାରତର ସାହିତ୍ୟ ଓ କଳା, ନେପାଳର ସାହିତ୍ୟ ଓ କଳା, ଏବଂ ନେପାଳ, ଭାରତ ଏବଂ ବୃହତ ଦକ୍ଷିଣ ଏସୀୟ ଅଞ୍ଚଳ ମଧ୍ୟରେ ଗଭୀର ସାଂସ୍କୃତିକ, ଐତିହାସିକ ଏବଂ ବୌଦ୍ଧିକ ସମ୍ପର୍କକୁ ଦର୍ଶାଉଥିବା ସାଧାରଣ ସ୍ୱାର୍ଥ ରକ୍ଷାକାରୀ ବିଷୟବସ୍ତୁ। ମହୋତ୍ସବରେ ଏକ ସମୃଦ୍ଧ ସାଂସ୍କୃତିକ ଦିଗ ଯୋଡ଼ିଥିଲା ନେପାଳୀ, ହିନ୍ଦୀ ଏବଂ ଉର୍ଦ୍ଦୁ ଭାଷାରେ ଗୀତ, କବିତା ଏବଂ ଗଜଲର ମନୋରମ ପରିବେଷଣ। ଏହି ପ୍ରଦର୍ଶନଗୁଡ଼ିକ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିଥିଲା ଏବଂ ଦକ୍ଷିଣ ଏସିଆର ଅଂଶୀଦାର କଳାତ୍ମକ ପରମ୍ପରାକୁ ପ୍ରଦର୍ଶିତ କରିଥିଲା। ଉଦ୍‌ଯାପନୀ ଅଧିବେଶନରେ ପ୍ରସିଦ୍ଧ ପ୍ରେରଣାଦାୟୀ ବକ୍ତା ତଥା ଦାର୍ଶନିକ ଆଚାର୍ଯ୍ୟ ପ୍ରଶାନ୍ତ ଯୋଗଦେଇଥିଲେ, ଯିଏ କି ଯୁକ୍ତରାଜ୍ୟ (ୟୁକେ) ରୁ ଭର୍ଚ୍ଚୁଆଲ୍ ମାଧ୍ୟମରେ ସାମିଲ ହୋଇଥିଲେ। ଲାଇଭ୍ ଭିଡିଓ ଷ୍ଟ୍ରିମିଂ ମାଧ୍ୟମରେ ପରିଚାଳିତ ହୋଇଥିଲେ ମଧ୍ୟ ଏହି ଅଧିବେଶନ ଏକ ବ୍ୟତିକ୍ରମ ଭାବେ ବୃହତ ଏବଂ ଉତ୍ସାହୀ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

ମହୋତ୍ସବର ସଫଳତା ଉପରେ ସନ୍ତୋଷ ବ୍ୟକ୍ତ କରି କାଠମାଣ୍ଡୁ କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା-ନିର୍ଦ୍ଦେଶକ ତଥା କ୍ୟୁରେଟର ରଶ୍ମିରଞ୍ଜନ ପରିଡ଼ା କହିଛନ୍ତି ଯେ, ଚଳିତ ବର୍ଷର ସଂସ୍କରଣରେ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ଅଂଶଗ୍ରହଣ ରେକର୍ଡ କରାଯାଇଛି। ସେ କହିଛନ୍ତି ଯେ ଏହି ମହୋତ୍ସବ ଦକ୍ଷିଣ ଏସୀୟ ସାହିତ୍ୟ, କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ନେପାଳ ଏବଂ ଭାରତ ମଧ୍ୟରେ ଚିରସ୍ଥାୟୀ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ ଜାରି ରଖିବ। ଚତୁର୍ଥ କାଠମାଣ୍ଡୁ କଳିଙ୍ଗ ସାହିତ୍ୟ ମହୋତ୍ସବର ସଫଳ ସମାପ୍ତି ଆଉ ଦେଖାଇ ଦେଇଛି ଯେ ସୀମା ଅତିକ୍ରମ କରିବା, ସଂଳାପକୁ ଅନୁପ୍ରାଣିତ କରିବା ଏବଂ ଦକ୍ଷିଣ ଏସିଆ ପାଇଁ ଏକ ଅଂଶୀଦାର ତଥା ସମାବେଶୀ ଭବିଷ୍ୟତ ଆଡକୁ ପଥ ସୃଷ୍ଟି କରିବାରେ ସାହିତ୍ୟ ଏବଂ ସଂସ୍କୃତିର ଶକ୍ତି ରହିଛି।

# ହିମାଳୟ ବେବିକେୟାର୍ ଶିଶୁମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ଯତ୍ନ ଅଭିଯାନ ଉନ୍ମୋଚିତ

**ମୁମ୍ବାଇ, ୯।୬ (ନି.ପ୍ର) :** ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଶିଶୁ ପ୍ରଯତ୍ନକାରୀ ତଥା ଶିଶୁମାନେ ଭଲ ପାଉଥିବା ବ୍ରାଣ୍ଡ ହିମାଳୟ ବେବିକେୟାର୍ ଗ୍ରୀଷ୍ମମାସଗୁଡିକ ପାଇଁ ସ୍ୱତନ୍ତ୍ର ଭାବରେ ଶିଶୁ ଯତ୍ନକାରୀ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହାର ନୂତନ ଗ୍ରୀଷ୍ମକାଳୀନ ଅଭିଯାନ ଉନ୍ମୋଚନ କରିଛି। ଆରାମଦାୟକତା ଏବଂ କୋମଳ ଯତ୍ନ ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏହି ଅଭିଯାନ ବ୍ରାଣ୍ଡର ସର୍ବପ୍ରଥମ ଗ୍ରୀଷ୍ମକାଳୀନ ପ୍ରଯତ୍ନକାରୀ ଉତ୍ପାଦ ପ୍ରଚଳନ କରିଛି- ଯାହା ଶିଶୁମାନଙ୍କୁ ଗ୍ରୀଷ୍ମକାଳୀରେ ଶୀତଳ, ତାଜା ଏବଂ ଖୁସି ରଖିବାକୁ ଅତି ନିଖୁଣ ଭାବରେ ଏକ ରୁଟିନ୍ ଭାବରେ ପ୍ରସ୍ତୁତ କରାଯାଇଛି। ଏହି ଅଭିଯାନର କେନ୍ଦ୍ରସ୍ଥଳରେ ରହିଛି ଏକ ମଜାଦାର ଡିଜିଟାଲ ଚଳଚ୍ଚିତ୍ର ଯେଉଁଥିରେ ଶିଶୁମାନେ ଏକ ପୂର୍ଣ୍ଣାଙ୍ଗ 'ଗ୍ରୀଷ୍ମ ପ୍ରତିରୋଧୀ' ଜୀବନକୁ ଆଗେଇ ନେଉଥିବା ପରିକଳ୍ପନା କରାଯାଇଛି। 'ଆମେ କ୍ଷତ ଚାହୁଁନାହୁଁ' (ୱି ଡୋଣ୍ଟ୍ ୱାଣ୍ଟ ରାଶେସ୍) ଏବଂ 'ଝାଳ ବୋହିବା ବନ୍ଦକର' (ଷ୍ଟପ୍ ଦ ସ୍ୱେଟ୍) ଦାବି କରୁଥିବା ଛୋଟ ପ୍ଲାକାର୍ଡ ଠାରୁ ନେଇ ଉତ୍ତାପ ଦ୍ୱାରା ସୃଷ୍ଟି ଅସ୍ୱସ୍ତିବୋଧ ପର୍ଯ୍ୟନ୍ତ ଏକ ସ୍ଥିରୀକୃତ ଯାତ୍ରା ପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ର ଏକ ମଜାଦାର ଏବଂ ସମ୍ପର୍କିତ ବିରୋଧାଭାସକୁ ଜୀବନ୍ତ କରି ଗଢିତୋଳୁଛି- ଯାହା ଶିଶୁମାନେ ଯଦି ପାରନ୍ତି ତାହା କରିପାରିବାର ଏକ ସ୍ୱର ଦେଉଛି। ଏହି ବର୍ଣ୍ଣନା ସେତେବେଳେ ଏକ ହୃଦୟସ୍ପର୍ଶୀ ମୋଡ ନେଉଛି ଯେତେବେଳେ ହିମାଳୟ ବେବିକେୟାର୍‌ର ଗ୍ରୀଷ୍ମକାଳୀନ ଉତ୍ପାଦଗୁଡିକର ପ୍ରଚଳନ ସହିତ ହୋହାଲ୍ଲାରେ ପରିସମାପ୍ତି ଘଟୁଛି ଏବଂ ଏହା ଏକ ସରଳ, କୋମଳ ନିୟମିତ ଚର୍ଯ୍ୟା କିଭଳି ଉତ୍ତେଜିତ, ଅସ୍ୱସ୍ତିକର ମୁହୂର୍ତ୍ତଗୁଡିକୁ ଏକ ଶାନ୍ତ, ସୁଖଦ ଅନୁଭୂତିରେ ରୂପାନ୍ତରିତ କରୁଛି ତାହା ପ୍ରଦର୍ଶିତ କରୁଛି।

ଆଧୁନିକ ମାତା ପିତାମାନଙ୍କ ସହିତ ଖାପଖୁଆଇବା ନିମନ୍ତେ ପରିକଳ୍ପିତ ଏହି




ଅଭିଯାନ ଏକ ଶକ୍ତିଶାଳୀ ଅନ୍ତର୍ଦୃଷ୍ଟିକୁ ଜୀବନ୍ତ କରି ଗଢିତୋଳୁଛି- ତାହା ହେଉଛି, ଗ୍ରୀଷ୍ମର ପ୍ରଭାବ ଶିଶୁମାନଙ୍କର ନମନୀୟ ତ୍ୱଚା ଉପରେ କର୍କଶ ହେଉଥିବାବେଳେ ଏକ ନିରନ୍ତର ଏବଂ କୋମଳ ଯତ୍ନର ନିୟମିତ ଚର୍ଯ୍ୟା ଏସବୁରେ କିଭଳି ପାର୍ଥକ୍ୟ ଆଣିପାରିବ, ତାହା ପ୍ରଦର୍ଶିତ ହୋଇଛି। 'ବେବିଜ୍ କୋ ସମର ମେଁ ରଖେ କୁଲ୍, ଫ୍ରେଶ୍ ଆଣ୍ଡ ହାପି' (ଶିଶୁମାନଙ୍କୁ ଗ୍ରୀଷ୍ମକାଳରେ ଶୀତଳ, ତାଜା ଏବଂ ଖୁସି ରଖନ୍ତୁ) ବାର୍ତ୍ତା ସହିତ ଏହି ବ୍ରାଣ୍ଡ୍ ଆଧୁନିକ ମାତା ପିତାମାନଙ୍କ ଆବଶ୍ୟକତା ପାଇଁ ବିଶ୍ୱସନୀୟ, ଫଳପ୍ରଦ ଏବଂ ନିରାପଦ ଶିଶୁ ଯତ୍ନକାରୀ ଉତ୍ପାଦଗୁଡିକ ଯୋଗାଇଦେବା ପ୍ରତିଶ୍ରୁତିକୁ ପୁନଃ ସୁଦୃଢୀକରଣ କରୁଛି।

ଏହି ଅଭିଯାନ ସମ୍ପର୍କରେ ପ୍ରକାଶ କରି ଚକ୍ରବର୍ତ୍ତୀ ଏନ.ଭି., ଡାଇରେକ୍ଟର- ବେବିକେୟାର୍, ହିମାଳୟ ୱେଲନେସ୍ କହିଥିଲେ, 'ହିମାଳୟ ବେବିକେୟାର୍‌ରେ ନୂତନ ଯୁଗର ମାତା ପିତାମାନଙ୍କର ପରିବର୍ତ୍ତିତ ଆବଶ୍ୟକତା ସମ୍ପର୍କରେ ଅନୁମାନ କରିବା ଏବଂ ପ୍ରଚଳିତ ଉତ୍ପାଦ ଗୁଡିକର ଉର୍ଦ୍ଧ୍ୱରେ ସମାଧାନଗୁଡିକ ପ୍ରସ୍ତୁତ କରିବା ଉପରେ ଆମର ଦୃଷ୍ଟି ସର୍ବଦା ନିବଦ୍ଧ ରହିଆସିଛି। ଗ୍ରୀଷ୍ମ ସମେତ ଋତୁକାଳୀନ ଚାଲେଞ୍ଜଗୁଡିକ ଅଧିକରୁ ଅଧିକ ବ୍ୟାପକ ହେଉଥିବାବେଳେ ଶିଶୁ ଯତ୍ନ ନିମନ୍ତେ ଅଧିକ ପୂର୍ଣ୍ଣାଙ୍ଗ, କାର୍ଯ୍ୟନିର୍ବାହ ପଦ୍ଧତିଗତ ଆଭିମୁଖ୍ୟ ଆପଣେଇବାର ବର୍ଦ୍ଧିତ ଆବଶ୍ୟକତା ରହିଛି। ଏହି ଅଭିଯାନ ସହିତ ଆମେ କେବଳ ଉତ୍ପାଦଗୁଡିକ ପ୍ରଚଳନ କରୁନାହୁଁ, ତାହାସହିତ ଏକ ସରଳ, ଫଳପ୍ରଦ ଗ୍ରୀଷ୍ମକାଳୀନ ଯତ୍ନର ନିୟମିତ ଚର୍ଯ୍ୟାକୁ ରୂପ ଦେଉଛୁ ଯାହା ଉପରେ ମାତା ପିତାମାନେ ଭରସା କରିପାରିବେ। ଏହି ଚଳଚ୍ଚିତ୍ରରେ ଜେଣ୍ଟଲ୍ ବେବି ସାମ୍ପୁ, ରିଫ୍ରେଶିଂ ବେବି ସୋପ୍, ଜେଣ୍ଟଲ୍ ବେବି ପାଉଡର ଏବଂ ଜେଣ୍ଟଲ୍ ବେବି ସନ୍‌ସ୍କ୍ରିନ୍ ଲୋସନ୍ ସମେତ ମୁଖ୍ୟ ଉତ୍ପାଦଗୁଡିକ ସ୍ଥାନପାଇଛି; ଯେଉଁଗୁଡିକ ନିମ, ଭେଟିଭର, ତରଭୁଜ ଏବଂ ହିବିସ୍କସ୍ ସମେତ ବିଶ୍ୱସନୀୟ ଉପାଦାନଗୁଡିକୁ ନେଇ ଗ୍ରୀଷ୍ମକାଳୀରେ କୋମଳ ଏବଂ ଫଳପ୍ରଦ ଯତ୍ନ ଯୋଗାଇଦେବାକୁ ପ୍ରସ୍ତୁତ କରାଯାଇଛି। ଏହି ଅଭିଯାନକୁ ସମସ୍ତ ଡିଜିଟାଲ ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆରେ ବ୍ୟାପକ ପ୍ରଚାର ପ୍ରସାର କରାଯିବ ଏବଂ ଏହାକୁ ଆଞ୍ଚଳିକ କାର୍ଯ୍ୟକ୍ରମଗୁଡିକ ସମର୍ଥନ ଯୋଗାଇଦେବ, ଯଦ୍ୱାରା ସମଗ୍ର ଭାରତରେ ଯୁବ ମାତା ପିତାମାନଙ୍କ ପାଇଁ ଏକ ମଜଭୁତ ଦୃଶ୍ୟମାନତା ଏବଂ ନିୟୋଜନତା ସୁନିଶ୍ଚିତ କରିବ। ଏହା ପରିବ୍ୟାପ୍ତ ପହଞ୍ଚ ଏବଂ ଗଭୀର ଆଞ୍ଚଳିକ ସଂଯୁକ୍ତ ନିମନ୍ତେ ତାମିଲ, କନ୍ନଡ, ତେଲୁଗୁ, ମାଲୟାଲମ, ଇଂରାଜୀ, ବେଙ୍ଗଲି, ଓଡ଼ିଆ, ଅହମୀୟା ଏବଂ ମରାଠୀ ସମେତ ବିବିଧ ଭାଷାରେ ପ୍ରସାରିତ ହେବ। ଏହି ଅଭିଯାନ ସହିତ ହିମାଳୟ ବେବିକେୟାର୍ ମାତା ପିତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ଅଂଶୀଦାର ଭାବରେ ନିଜର ସ୍ଥିତିକୁ ନିରନ୍ତର ସୁଦୃଢ କରୁଛି, ଏବଂ ଶିଶୁର ବ୍ୟକ୍ତିଗତ ପ୍ରଯତ୍ନକାରୀ ଯାତ୍ରାରେ ପରିବର୍ତ୍ତିତ ଋତୁକାଳୀନ ଯତ୍ନ ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ ପୂର୍ଣ୍ଣାଙ୍ଗ ଓ ଚିନ୍ତନଶୀଳ ସମାଧାନଗୁଡିକ ଯୋଗାଇ ଦେଉଛି।

# ରଜ ପାଇଁ ଟ୍ରେଣ୍ଡସର ରଜ ଫ୍ୟାଶନ୍ ଆଇକନ୍ ଘୋଷଣା

**ଭୁବନେଶ୍ୱର, ୯।୬ (ନି.ପ୍ର) :** ପର୍ବପର୍ବାଣିରେ ଗ୍ରାହକଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିବା ଲାଗି ଭାରତର ସର୍ବବୃହତ୍ ଓ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ରିଲାଏନ୍ସ ରିଟେଲ୍‌ର ପୋଷାକ ଓ ଆସେସୋରିଜ୍ ସ୍ପେସାଲିଟି ଚେନ୍ ଟ୍ରେଣ୍ଡସ ପକ୍ଷରୁ 'ଟ୍ରେଣ୍ଡସ ରଜ ଫ୍ୟାଶନ୍ ଆଇକନ୍' ନାମରେ ଏକ ରଜ ଅଭିଯାନ ଘୋଷଣା କରାଯାଇଛି। ଗ୍ରାହକଙ୍କ ପାଇଁ ରଜକୁ ଅଧିକ ଆକର୍ଷଣୀୟ ଓ ଲାଭଦାୟକ କରିବା ନିମନ୍ତେ ଏହି ସ୍ୱତନ୍ତ୍ର ଅଭିଯାନ ଅଧୀନରେ ପଦକ୍ଷେପ ନିଆଯାଇଛି। ଏଥିରେ ଯେଉଁ ଗ୍ରାହକ ୩୪୯୯ ଟଙ୍କା ଓ ତାହା ଠାରୁ ଅଧିକ ମୂଲ୍ୟର ଶପିଂ କରିବେ ସେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। ଏହି ସମୟ ମଧ୍ୟରେ ଗ୍ରାହକମାନେ ଟ୍ରେଣ୍ଡସ ରଜ ଫ୍ୟାଶନ୍ ଆଇକନ୍ ପ୍ରତିଯୋଗିତାରେ ଭାଗ ନେଇ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇବେ। ଟ୍ରେଣ୍ଡସ ଗ୍ରାହକଙ୍କୁ ଏଥିପାଇଁ ଆମନ୍ତ୍ରଣ କରୁଛି। ଏଥିରେ ଗ୍ରାହକମାନେ ସେମାନଙ୍କ ସେଲ୍‌ଫି ନେଇ ଷ୍ଟୋର୍ ପରିସରରେ ଥିବା କ୍ୟୁଆର୍ କୋଡ୍‌ରେ ଅପଲୋଡ୍ କରିପାରିବେ। ଫଳରେ ସେମାନେ ଟ୍ରେଣ୍ଡସର ରଜ ଫ୍ୟାଶନ୍ ଆଇକନ୍ ପ୍ରତିଯୋଗିତାରେ ଭାଗ ନେବା ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ପୁରସ୍କାର ଜିତିବା ସୁଯୋଗ ରହିଛି। ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତାମାନଙ୍କ ନିକଟରେ ଏହାର ପହଞ୍ଚ ଏବଂ ସଂଯୋଗକୁ ସୁଦୃଢ଼ କରି ଟ୍ରେଣ୍ଡସ ପ୍ରକୃତରେ ଭାରତରେ ଫ୍ୟାଶନ୍‌କୁ ଗଣତାନ୍ତ୍ରିକ କରୁଛି। ଫଳରେ ଏହା ଭାରତର ପ୍ରିୟ ଫ୍ୟାଶନ୍ ସପିଂ ଗନ୍ତବ୍ୟସ୍ଥଳ ପାଲଟିଛି। ଟ୍ରେଣ୍ଡସ ଷ୍ଟୋରରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି। ଏଠାରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ୍ ସାମଗ୍ରୀର ଏକ ଆକର୍ଷଣୀୟ ପରିସର ରହିଛି ଯାହା ସଂପୃକ୍ତ ଅଞ୍ଚଳର ଉପଭୋକ୍ତାମାନଙ୍କ ପାଇଁ ପ୍ରାସଙ୍ଗିକ ହୋଇଥାଏ। ଏଠାରେ ସୁଲଭ ମୂଲ୍ୟରେ ସାମଗ୍ରୀ ମିଳିବା ସହ ଖର୍ଚ୍ଚ କରୁଥିବା ଟଙ୍କାର ସର୍ବାଧିକ ମୂଲ୍ୟ ମିଳିଥାଏ। ସହରର ଗ୍ରାହକମାନେ ଟ୍ରେଣ୍ଡି ଓମେନ୍ସ ୱେୟାର, ପୁରୁଷ ପୋଷାକ, କିଡ୍ସ ୱେୟାର ଏବଂ ଫ୍ୟାସନ ଆକ୍ସେସରିଜ୍‌କୁ ଆନନ୍ଦଦାୟକ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ।

# ୬୬୫୦ କୋଟି ଟଙ୍କା ମୂଲ୍ୟର ଆଇପିଓ ଲଂଚ କରିବା ପାଇଁ ସେବିଠାରୁ ଅନୁମୋଦନ ହାସଲ କରିଛି ପ୍ରିଜମ୍

**ଭୁବନେଶ୍ୱର, ୯।୬ (ନି.ପ୍ର) :** ହସ୍ପିଟାଲିଟି ଟେକ୍ନୋଲୋଜି ଫାର୍ମ ଓୟୋର ପ୍ୟାରେଂଟ କମ୍ପାନୀ ପ୍ରିଜମ୍ ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଙ୍ଗ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଠାରୁ ଅନୁମୋଦନ ହାସଲ କରିଛି। ଏହି ପ୍ରସଙ୍ଗ ସମ୍ପର୍କରେ ଅବଗତ ସୂତ୍ରରୁ ଏହା ଜଣାପଡିଛି। କମ୍ପାନୀ ଏହାର ନୂତନ ପବ୍ଲିକ ଲିଷ୍ଟିଙ୍ଗ ପ୍ଲାନର ଅଂଶ ଭାବେ ଡିସେମ୍ବର ୨୦୨୫ରେ ଆତ୍ମବିଶ୍ୱାସର ସହ ବଜାର ନିୟନ୍ତ୍ରକ ନିକଟରେ ଏହାର ଡ୍ରାଫ୍ଟ ରେଡ ହେରିଙ୍ଗ ପ୍ରସ୍‌ପେକ୍ଟସ (ଡିଆରଏଚପି) ଦାଖଲ କରିଥିଲା। ଡିସେମ୍ବର ୨୦ ତାରିଖ ୨୦୨୫ରେ ଆୟୋଜିତ ଏକ ସାଧାରଣ ବୈଠକରେ ଅଂଶଧାରକଙ୍କ ମୁରୀ ମିଳିବା ପରେ ଏହି ଫାଇଲିଂ କରାଯାଇଥିଲା ଯେଉଁଠାରେ ନିବେଶକମାନେ ଇକ୍ୱିଟି ସେୟାର ଏକ ନୂତନ ଇସ୍ୟୁ ମାଧ୍ୟମରେ ୬୬୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ହାସଲ କରିବା ପାଇଁ ଏକ ପ୍ରସ୍ତାବକୁ ମୁରୀ ଦେଇଥିଲେ।

ପ୍ରିଜମ୍‌ର ଜେନେରାଲ କାଉନ୍ସିଲ ଓ ଓଡିଶା,ବରଗଡର ଜଣେ ନିବାସୀ ରାକେଶ ପୃଷ୍ଟି ସେବିର ଅନୁମୋଦନ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ପ୍ରିଜମ୍ ଭାରତ, ୟୁଏସ ଓ ୟୁରୋପରେ ନିଜର ଉପସ୍ଥିତି ବିସ୍ତାର କରିଥିବାରୁ ଏହି ମୁରୀ ମିଳିପାରିଛି। ବିଗତ ବର୍ଷଗୁଡିକରେ କମ୍ପାନୀ ସଣ୍ଡେ ହୋଟେଲ୍ସ ଓ ପ୍ୟାଲେଟ ହୋଟେଲ୍ସ ସମେତ ସ୍ୱ-ପରିଚାଳିତ ହୋଟେଲ ଓ ପ୍ରିମିୟମ ହସ୍ପିଟାଲିଟି ବ୍ରାଣ୍ଡଗୁଡିକ ଉପରେ ନିଜର ଧ୍ୟାନ ବୃଦ୍ଧି କରିଛି। ଏହା ଡ୍ୟାନସେଂଟର ମାଧ୍ୟମରେ ଭାରତର ଭ୍ୟାକେଶନ ରେଂଟାଲ ସେଗମେଂଟରେ ପ୍ରବେଶ କରିଛି ଏବଂ ଧାର୍ମିକ ଗନ୍ତବ୍ୟସ୍ଥଳୀ ଗୁଡିକରେ ନିଜର ଉପସ୍ଥିତି ବିସ୍ତାର କରିଛି।

ଏହାର ପରବର୍ତ୍ତୀ ପଦକ୍ଷେପ ଭାବେ କମ୍ପାନୀ ଆସନ୍ତା ଜୁଲାଇ ମାସ ଆରମ୍ଭରେ ଏକ ପବ୍ଲିକ ଅପଡେଟେଡ ଡ୍ରାଫ୍ଟ ରେଡ ହେରିଂ ପ୍ରସ୍ପେକ୍ଟସ (ୟୁଡିଆରଏଚପି-୧) ଦାଖଲ କରିବାର ସମ୍ଭାବନା ରହିଛି ଯାହା ୨୧ ଦିନ ପାଇଁ ସାର୍ବଜନିନ ମତାମତ ପାଇଁ ଖୋଲା ରହିବ ବୋଲି ଏହି ବିଷୟ ସହ ପରିଚିତ ବ୍ୟକ୍ତି କହିଛନ୍ତି।

# ଓଡ଼ିଶାରେ ଡିଜେଲ ବିକ୍ରି ୯.୭% ବୃଦ୍ଧି; ରାଜ୍ୟବ୍ୟାପୀ ନିରବିଚ୍ଛିନ୍ନ ଇନ୍ଧନ ଯୋଗାଣ ବଜାୟ ରଖିଛି ବିପିସିଏଲ୍

**ଭୁବନେଶ୍ୱର, ୯।୬ (ନି.ପ୍ର) :** ଫର୍ଚ୍ୟୁନ୍ ଗ୍ଲୋବାଲ୍ ୫୦୦ ତାଲିକା ଭୁକ୍ତ ଏବଂ ମହାରତ୍ନ ପିଏସୟୁ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ସାରା ଓଡ଼ିଶାରେ ପେଟ୍ରୋଲ୍ (ମୋଟରସ୍ପିରିଟ୍) ଓଡିଜେଲ୍ (ହାଇ-ସ୍ପିଡ୍ଡିଜେଲ୍)ର ସ୍ଥିର ଏବଂ ନିରବିଚ୍ଛିନ୍ନ ଯୋଗାଣ ବଜାୟ ରଖି ଆସୁଛି। ଏହା ଫଳରେ ରାଜ୍ୟର ଉପଭୋକ୍ତା, ବ୍ୟବସାୟୀ, ପରିବହନ ସଂଚାଳକ ଓ ଜରୁରୀ ସେବା କ୍ଷେତ୍ର ଗୁଡ଼ିକ ପାଇଁ ଇନ୍ଧନର ସୁନିଶ୍ଚିତ ଓ ନିରବିଘ୍ନ ଉପଲବ୍ଧତା ଜାରି ରହିଛି।

ସାଧାରଣ ଭାବେ ଯୋଗାଣ କାର୍ଯ୍ୟ ଚାଲୁଥିବା ବେଳେ ବିପିସିଏଲ୍?ର ସୁଦୃଢ଼ ଲଜିଷ୍ଟିକ୍ସ ଏବଂ ବିତରଣ ନେଟୱର୍କ ରାଜ୍ୟର ବିଭିନ୍ନ ଖୁଚୁରା ବିକ୍ରୟ କେନ୍ଦ୍ର ଗୁଡ଼ିକରେ ନିୟମିତ ଭାବେ ଇନ୍ଧନ ମହଜୁଦ ପୁନଃ ପୂରଣକୁ ସୁନିଶ୍ଚିତ କରୁଛି। ଫଳସ୍ୱରୂପ ଇନ୍ଧନର ଚାହିଦାକୁ ଦକ୍ଷତାର ସହ ପୂରଣ କରାଯାଉଛି ଏବଂ ଯୋଗାଣ ବ୍ୟବସ୍ଥାରେ କୌଣସି ବାଧା ସୃଷ୍ଟି ହେଉନାହିଁ। ଓଡ଼ିଶାରେ ଅର୍ଥନୈତିକ କାର୍ଯ୍ୟକଳାପ, ପରିବହନ ଚଳାଚଳ, ଶିଳ୍ପ କାର୍ଯ୍ୟାନୁଷ୍ଠାନ ଏବଂ କୃଷିକାର୍ଯ୍ୟ ନିରନ୍ତର ଜାରି ରହିଥିବା ବେଳେ ବିପିସିଏଲ୍ନିଜର ବ୍ୟାପକ ଖୁଚୁରା ବିକ୍ରୟ ନେଟୱର୍କ ମାଧ୍ୟମରେ ଇନ୍ଧନର ନିରନ୍ତର ଓ ସ୍ଥିର ଯୋଗାଣ ବଜାୟ ରଖିଛି। ଏହା ରାଜ୍ୟର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରୁଛି। ଗତବର୍ଷର ସମାନ ଅବଧି ତୁଳନାରେ ପେଟ୍ରୋଲ୍ବିକ୍ରି ପ୍ରାୟ ୨.୮% ବୃଦ୍ଧି ପଞ୍ଜିକୃତ କରିଛି। ସେହିପରି ଡିଜେଲ୍ (ଏଚ୍ଏସ୍ଡି) ବିକ୍ରି ଆହୁରି ଦୃଢ଼ ଅଭିବୃଦ୍ଧି ଦେଖାଇଛି। ମେ ୨୦୨୫ରେ ୬୪,୧୦୦ ମେଟ୍ରିକ୍ଟନ୍ ?ରୁ ଅଧିକ ଥିବା ବିକ୍ରି ବୃଦ୍ଧି ପାଇ ମେ ୨୦୨୬ରେ ୭୦,୩୦୦ମେଟ୍ରିକ୍ଟନ୍ ?ରୁ ଅଧିକରେ ପହଞ୍ଚିଛି ଯାହା ପ୍ରାୟ ୯.୭% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଇନ୍ଧନ ବ୍ୟବହାରରେ ହୋଇଥିବା ଏହି ଅଭିବୃଦ୍ଧି ରାଜ୍ୟରେ ନିରନ୍ତର ଅର୍ଥନୈତିକ କାର୍ଯ୍ୟକଳାପ, ଲୋକମାନଙ୍କ ଓ ଯାନବାହନର ବୃଦ୍ଧି ପ୍ରାପ୍ତ ଗତିଶୀଳତା, ପରିବହନ ଚାହିଦାର ବୃଦ୍ଧି ଓ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଜାରି ରହିଥିବା ଗତିକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନ ସମ୍ପର୍କରେ ମତପ୍ରକାଶ କରି ବିପିସିଏଲ୍କହିଛି ସାରା ଓଡ଼ିଶାରେ ନିର୍ଭର ଯୋଗ୍ୟ ଏବଂ ନିରବିଚ୍ଛିନ୍ନ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବା ପ୍ରତି ବିପିସିଏଲ୍ସବୁ ସମୟରେ ପ୍ରତିବଦ୍ଧ। ଆମର ସମନ୍ୱିତ ଯୋଗାଣ ଶୃଙ୍ଖଳା, ସୁଦୃଢ଼ ଲଜିଷ୍ଟିକ୍ସ ଭିତ୍ତିଭୂମି ଏବଂ ବ୍ୟାପକ ଖୁଚୁରା ବିକ୍ରୟ ନେଟୱର୍କ ଦକ୍ଷତାର ସହ କାର୍ଯ୍ୟ କରୁଛି ଯାହା ଆମକୁ ରାଜ୍ୟବ୍ୟାପୀ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧତା ବଜାୟ ରଖିବାରେ ସକ୍ଷମ କରୁଛି। ନିରବିଘ୍ନ ସେବା ଏବଂ କାର୍ଯ୍ୟକୁଶଳତାକୁ ସୁନିଶ୍ଚିତ କରି ଉପଭୋକ୍ତାଙ୍କ ଶକ୍ତି ଆବଶ୍ୟକତା ପୂରଣ ଉପରେ ସବୁ ସମୟରେ ଆମର ଗୁରୁତ୍ୱ ରହିଛି। ବିପିସିଏଲ୍ସମଗ୍ର ଓଡ଼ିଶାରେ ଇନ୍ଧନ ଚାହିଦା ଏବଂ ମହଜୁଦ ସ୍ତର ଉପରେ ନିରନ୍ତର ନଜର ରଖି ଆସୁଛି ଏବଂ ଖୁଚୁରା ବିକ୍ରୟ କେନ୍ଦ୍ର ଗୁଡ଼ିକରେ ସବୁବେଳେ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧ ରହିବାକୁ ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବେ ମହଜୁଦ ପୁନଃପୂରଣ କାର୍ଯ୍ୟସୂଚୀ ବଜାୟ ରଖିଛି। ଗ୍ରାହକ ସେବା ଓ ଯୋଗାଣର ନିର୍ଭର ଯୋଗ୍ୟତା ଉପରେ ଦୃଢ଼ ଗୁରୁତ୍ୱ ଦେଇ ବିପିସିଏଲ୍ ଓଡ଼ିଶାର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଗତିଶୀଳତାକୁ ଶକ୍ତି ଯୋଗାଇବା, ଅର୍ଥନୈତିକ କାର୍ଯ୍ୟକଳାପକୁ ସମର୍ଥନ କରିବା ଏବଂ ଶକ୍ତି ଉତ୍ପାଦ ଗୁଡ଼ିକର ନିରବିଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ପ୍ରତି ନିଜର ପ୍ରତିବଦ୍ଧତା ଜାରି ରଖିଛି।

# ଜିନ୍ଦଲ ଷ୍ଟେନଲେସ୍ ବିଶ୍ୱ ପରିବେଶ ଦିବସ ଅବସରରେ ସମ୍ପ୍ରଦାୟ-ନେତୃତ୍ୱାଧୀନ ସ୍ଥାୟୀତ୍ୱ ପଦକ୍ଷେପ ଗୁଡ଼ିକୁ ତ୍ୱରାନ୍ୱିତ କରିଛି

**ଯାଜପୁର,୯।୬ (ନି.ପ୍ର):** ପରିବେଶଗତ ସୁରକ୍ଷା ଏବଂ ସମ୍ପ୍ରଦାୟ-ଚାଳିତ ସ୍ଥାୟୀତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ କରିବା ପାଇଁ ଏହାର ହିସାର ଏବଂ ଯାଜପୁର ୟୁନିଟ୍‌ଗୁଡ଼ିକରେ ସଚେତନତା, ଅପଚୟ ପରିଚାଳନା ଏବଂ ସବୁଜ ଆଚ୍ଛାଦନ ପଦକ୍ଷେପର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ଏହି ବର୍ଷର ବିଶ୍ୱସ୍ତରୀୟ ଥିମ୍, 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମ ଭବିଷ୍ୟତ ପାଇଁ।' ସହିତ ସମନ୍ୱିତ ଏବଂ କାର୍ଯ୍ୟ ଆହ୍ୱାନର ପ୍ରତିକ୍ରିୟାରେ, ଅଧିକ କର୍ମଚାରୀ ଏବଂ ସାମୁଦାୟିକ ଅଂଶଗ୍ରହଣ ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ପରିବେଶଗତ ଅଭ୍ୟାସଗୁଡ଼ିକୁ ଉତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ପାଳନର ଏକ ଅଂଶ ଭାବରେ, କମ୍ପାନୀ ହିସାରରେ ଏକ ପ୍ଲାଷ୍ଟିକ୍-ମୁକ୍ତ ଅଭିଯାନ ଆରମ୍ଭ କରିଥିଲା ଏବଂ ସ୍ଥାନୀୟ ବଜାରରେ ପନିପରିବା ବିକ୍ରେତାମାନଙ୍କୁ ୧୦,୦୦୦ ପୁନଃବ୍ୟବହାରଯୋଗ୍ୟ କପା ବ୍ୟାଗ ବଂଟନ କରିଥିଲା। ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଦୈନନ୍ଦିନ ଜୀବନରେ ସ୍ଥାୟୀ ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ସ୍ଥାନୀୟ ବିକ୍ରେତା ଏବଂ ବାସିନ୍ଦାଙ୍କ ଠାରୁ ଉତ୍ସାହଜନକ ଅଂଶଗ୍ରହଣ ପାଇଥିଲା। ଜିନ୍ଦଲ ଷ୍ଟେନଲେସ୍ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଅନୁମୋଦିତ ପୁନଃଚକ୍ରୀକରଣ ଅଂଶୀଦାର ଗୌଭିନ୍ସ ଗ୍ରୀନ୍ ମ୍ୟାନେଜମେଂଟ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଳିତ ଭାବରେ ଏକ ବଡ଼ ପରିମାଣର ଇ-ବର୍ଜ୍ୟ ସଂଗ୍ରହ ଅଭିଯାନ ମଧ୍ୟ ଆୟୋଜନ କରିଥିଲା, ଯାହା ଦ୍ୱାରା ପ୍ଲାଂଟ ପରିସର ଏବଂ ନିକଟସ୍ଥ ଆବାସିକ ଅଂଚଳରୁ ଦାୟିତ୍ୱପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ପୁନଃଚକ୍ରୀକରଣ ପାଇଁ ପ୍ରାୟ ୯୦୦ କିଲୋଗ୍ରାମ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା। ଯାଜପୁରରେ, ଜିନ୍ଦଲ ଷ୍ଟେନଲେସ୍ କର୍ମଚାରୀ, ଚୁକ୍ତିଭିତିକ କର୍ମଚାରୀ, ଆଖପାଖ ସମ୍ପ୍ରଦାୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ସବୁଜ ଆବରଣ ବୃଦ୍ଧି,




ସ୍ଥାୟୀ ଜୀବନଶୈଳୀ ଅଭ୍ୟାସ, ଅଳିଆ ପୃଥକୀକରଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଭଳି ବିଷୟ ଉପରେ ଅନେକ ସଚେତନତା ଏବଂ କାର୍ଯ୍ୟକଳାପ ଅଧିବେଶନ ଆୟୋଜନ କରିଥିଲା। ପରିବାର ଏବଂ ସମ୍ପ୍ରଦାୟ ସ୍ତରରେ ପରିବେଶଗତ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଦାନଗଦୀର ଜିନ୍ଦଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂରେ ନିକଟବର୍ତ୍ତୀ ସମ୍ପ୍ରଦାୟର ମହିଳା ନେତୃବୃନ୍ଦଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା।

ଏହି ପଦକ୍ଷେପଗୁଡ଼ିକ ବିଷୟରେ ମତ ଦେଇ, ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ପରିବେଶିକ ଦାୟିତ୍ୱ ଆମ ପ୍ଲାଂଟର ସୀମା ମଧ୍ୟରେ ସୀମିତ ରହିପାରିବ ନାହିଁ; ଆମେ ଏହାକୁ ଦୈନନ୍ଦିନ ଆଚରଣର ଏକ ଅଂଶ କରିବାରେ ବିଶ୍ୱାସ କରୁ। ଏହିପରି ପଦକ୍ଷେପ ମାଧ୍ୟମରେ, ଆମେ କର୍ମଚାରୀ, ସ୍ଥାନୀୟ ସମ୍ପ୍ରଦାୟ ଏବଂ ଭବିଷ୍ୟତ ପିଢ଼ିକୁ ସାମିଲ କରି ସ୍ଥାୟୀତ୍ୱ ପ୍ରତି ଏକ ସହଭାଗୀ ମାଲିକାନା ଭାବନାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛୁ। ସାମୁହିକ ଭାବରେ ଗ୍ରହଣ କରାଯାଇଥିବା ଛୋଟ ଛୋଟ କାର୍ଯ୍ୟ ଅର୍ଥପୂର୍ଣ୍ଣ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରିପାରିବ। ସବୁଜ ଆବରଣକୁ ସୁଦୃଢ଼ କରିବା ଏବଂ ଏହାର କାର୍ଯ୍ୟକ୍ଷମ ଅଂଚଳଗୁଡିକରେ ପରିବେଶଗତ ସନ୍ତୁଳନକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ଜାରି ପ୍ରୟାସର ଅଂଶ ଭାବରେ, ଯାଜପୁରରେ ପ୍ରାୟ ୧୫୦୦ ଚାରା ରୋପଣ ସହିତ, ଉଭୟ ପ୍ଲାଂଟର ସ୍ଥାନ ଏବଂ ସଂଲଗ୍ନ ଅଂଚଳରେ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା। ଏହି ପ୍ରୟାସ ବିଷୟରେ କଥା ହୋଇ ଜିନ୍ଦଲ ଷ୍ଟେନଲେସ୍‌ର ହିସାରର ୟୁନିଟ୍ ମୁଖ୍ୟ ଶ୍ରୀ ବିଜୟ ବିନ୍ଦଲିଶ୍ କହିଛନ୍ତି, 'ପ୍ଲାଷ୍ଟିକ୍-ମୁକ୍ତ ଏବଂ ଇ-ବର୍ଜ୍ୟ ପଦକ୍ଷେପ ପ୍ରତି ସ୍ଥାନୀୟ ବିକ୍ରେତା, କର୍ମଚାରୀ ଏବଂ ବାସିନ୍ଦାଙ୍କ ପ୍ରତିକ୍ରିୟା ଉତ୍ସାହଜନକ ହୋଇଛି। ଯେତେବେଳେ ବ୍ୟବହାରିକ ସମାଧାନଗୁଡ଼ିକୁ ଦୈନନ୍ଦିନ ଜୀବନରେ ସାମିଲ କରାଯାଏ, ସେତେବେଳେ ସ୍ଥାୟୀତ୍ୱ ଅଧିକ ପ୍ରଭାବଶାଳୀ ହୁଏ ଏବଂ ଏହି କାର୍ଯ୍ୟକ୍ରମଗୁଡ଼ିକ ତୃଣମୂଳ ସ୍ତରରେ ଅଧିକ ସଚେତନତା ଏବଂ ଅଂଶଗ୍ରହଣ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖେ। ଏହି ଅବସରରେ, ଯାଜପୁରର ଜିନ୍ଦଲ ଷ୍ଟେନଲେସ୍‌ର ୟୁନିଟ୍ ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ୍ କହିଛନ୍ତି, 'ସ୍ଥାୟୀ ହେଲେ ଏହା ସବୁଠାରୁ ଅର୍ଥପୂର୍ଣ୍ଣ। ପରିବେଶଗତ ଦାୟିତ୍ୱକୁ ଏକ ସହଭାଗୀ, ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆମେ ଆମର ଲୋକଙ୍କୁ ଏବଂ ସମ୍ପ୍ରଦାୟକୁ ନିୟୋଜିତ କରି ସେହି ପରିବର୍ତ୍ତନ ନିର୍ମାଣ କରୁଛୁ। ମହିଳା ଏବଂ ପିଲାମାନଙ୍କୁ ପରିବର୍ତ୍ତନ ଏଜେଂଟ ଭାବରେ ଅର୍ନ୍ତଭୁକ୍ତ କରି, ଆମେ ଆମ ଗ୍ରହ ପାଇଁ ସକାରାତ୍ମକ କାର୍ଯ୍ୟର ଏକ ସଦ୍ ଚକ୍ର ସ୍ଥାପନ କରିବାକୁ ଆଶା କରୁଛୁ। ଜିନ୍ଦଲ ଷ୍ଟେନଲେସ୍ ଏହାର ବ୍ୟାପକ ସ୍ଥାୟୀତ୍ୱ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ, ଯାହା ବିଶ୍ୱ ନେଟ୍ ଜିରୋ ୨୦୫୦ ସହିତ ସଂଯୁକ୍ତ, ଏବଂ ସମ୍ପ୍ରଦାୟ ସହଭାଗିତା, ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ, ପରିବେଶଗତ ମାଲିକାନା ଏବଂ ଦୀର୍ଘକାଳୀନ ପରିବେଶଗତ ପ୍ରଭାବ ଉପରେ କେନ୍ଦ୍ରିତ।



## ରାସ୍ତା ଉପରକୁ ଢଳି ରହିଛି ବିଦ୍ୟୁତ୍ ଖୁଣ୍ଟ
# ଯାତାୟତରେ ସୃଷ୍ଟି କରୁଛି ସମସ୍ୟା



**ବୁଗୁଡ଼ା, ୯।୬ (ନି.ପ୍ର):** ଗତ ୩ ତାରିଖ ଅପରାହ୍ନରେ ବୁଗୁଡ଼ା ସହରରେ କାଳବୈଶାଖି ତାଣ୍ଡବ ରଚିଥିଲା । ସହର ମଧ୍ୟରେ ଥିବା ଅନେକ ଗଛ ଭାଙ୍ଗିରୁଜି ରାସ୍ତା ଅବରୋଧ ହୋଇଥିଲା ଏବଂ ଅନେକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଠପ୍ ହୋଇଯାଇଥିଲା । ସେହି କାଳବୈଶାଖି ତାଣ୍ଡବ କାଳରେ ଶକ୍ତିନଗର କେନାଲ ସାହିରେ ଅନେକ ଗଛ ସହ ଏକ ବତୀଖୁଣ୍ଟ ଉପୁଡ଼ି ଯାଇ ସାମନାରେ ଥିବା ଘର ଉପରେ ପଡିବା ସହ ରାସ୍ତା ଉପରକୁ ଢଳି ରହିଥିଲା । ପର ମୁହୂର୍ତ୍ତରେ ଉପୁଡି ପଡିଥିବା ଗଛ ଗଛଗୁଡ଼ିକୁ ଦମକଳବାହିନୀ କାଟି ରାସ୍ତା ସଫା କରିଥିଲା ବେଳେ ରାସ୍ତା ଉପରକୁ ଢଳି ରହିଥିବା ବିଦ୍ୟୁତ୍ ଖୁଣ୍ଟକୁ ସଜାଡିବାକୁ ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ କରାଯାଇନଥିଲା । ଯାହା ଫଳରେ ଲୋକଙ୍କ ଯାତାୟାତରେ ଅସୁବିଧାର କାରଣ ପାଲଟିଛି । ଏ ମଧ୍ୟରେ ପାଞ୍ଚ ଦିନ ବିତିଯାଇଥିଲେ ସୁଦ୍ଧା ଲୋକଙ୍କ ସମସ୍ୟା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି । ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଦାବି
# ବୃତଙ୍ଗ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ଯଥାଶୀଘ୍ର କରାଯାଉ

**ନୟାଗଡ଼, ୯/୬(ମନ୍ଥନ) :** ନୟାଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଏହି ବିଶେଷ ଅନୁରୋଧ ପତ୍ର ପ୍ରେରଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଦଶପଲ୍ଲା ବ୍ଲକ୍ ଟାକେରା ପଞ୍ଚାୟତର ମଞ୍ଜରୀ ଗ୍ରାମ ନିକଟରେ ବହୁ ପ୍ରତିକ୍ଷିତ ବୃତ୍ତଙ୍ଗ ନଦୀ ଉପରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି । ପ୍ରାୟ ୧୬୫୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ବୃହତ ପ୍ରକଳ୍ପଟି ବର୍ତ୍ତମାନ କ୍ୟାବିନେଟ୍ ମଞ୍ଜୁରୀ ଅପେକ୍ଷାରେ ରହିଛି । ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୨୩,୩୦୦ ହେକ୍ଟର ଚାଷ ଜମିକୁ



ଜଳସେଚନ ସୁବିଧା ମିଳିବା ସହିତ ୧୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ ବୋଲି ଆକଳନ କରାଯାଇଛି । ଏହି ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି । ସମଗ୍ର ଚାଷୀ କୂଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ପର୍କରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳ, ସ୍ଥାନୀୟ ଜନନେତା ଓ ବୁଦ୍ଧିଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଯଥାଶୀଘ୍ର ଏହାର ଶିଳାନ୍ୟାସ କରାଯିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ସଂଘ ତରଫରୁ ବିନମ୍ର ନିବେଦନ କରାଯାଇଛି । ଏହି ସ୍ମାରକପତ୍ରରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ଏବଂ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର ଦସ୍ତଖତ କରିଥିବା ବେଳେ ପ୍ରତାପ ନନ୍ଦ, ସଭାପତି, ସିନିୟର ସିଟିଜେନ୍ସ ଆସୋସିଏସନ,ବିଜେପି ନେତା ସନ୍ତୋଷ ପ୍ରଧାନ, ଜୟ ନୟାଗଡ଼ ଫାଉଣ୍ଡେସନର ସଭାପତି ଶେଖ୍ ଅବଦୁଲ ଆହାଦଙ୍କ ସମେତ ସାମ୍ବାଦିକ ଲୋକନାଥ ମିଶ୍ର,ଉତ୍ପଳ ସାହୁ, ସୁଧାକର ମିଶ୍ର, ଗୋକୁଳ ଷଡ଼ଙ୍ଗୀ, ବିକ୍ରମ ସ୍ୱାଇଁ,ଜିତୁନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୫୦୦ ଗ୍ରାମ ବ୍ରାଉନସୁଗର ଜବତ୍ : ୩ଗିରଫ

**ଖୋର୍ଦ୍ଧା,୯।୬ (ନି.ପ୍ର) :** ୧୬ନଂ ଜାତୀୟ ରାଜପଥ ଗଡଖୋର୍ଦ୍ଧା ବାଇପାସ ଛକ ନିକଟ ଏକ ହୋଟେଲ ପଛପଟୁ ଶିଳ୍ପାଂଚଳ ଥାନା ପୁଲିସ ୫୦୦ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୩ଜଣଙ୍କୁ ପୁଲିସ ଗିରଫ କରିଛି । ସେମାନଙ୍କ ଠାରୁ ପୁଲିସ ମାଟ ୫୦୦ ଗ୍ରାମ ବ୍ରାଉନ୍‌ସୁଗର, ନଗଦ ୧୮ ହଜାର ଟଙ୍କା, ଏକ ବୁଲେଟ୍ ମୋଟରସାଇକେଲ୍ (ନଂ. ଓଡି.୩୩ ଏଭି-୩୩୦୦) ଓ ୪ଟି ମୋବାଇଲ୍ ଫୋନ୍ କୁ ଜବତ କରିଛି । ପ୍ରକାଶ ଥାଉକି, ଗଡଖୋର୍ଦ୍ଧା ବାଇପାସ ଛକ ନିକଟ ଏକ ହୋଟେଲ ପଛପଟେ ବ୍ରାଉନସୁଗର କାରବାର ହେଉଥିବା ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବାକୁ ଏସ୍ପି ପରମାର ସ୍ମିତ ପର୍ଶ ?ାତମ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଆଜି ସକାଳ ସମୟରେ ଏସଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ବ୍ରାଉନସୁଗର କାରବାର ବେଳେ ଚଢଉ କରି ଗ୍ରାହକ ସମେତ ଦୁଇଜଣ ବେପାରୀଙ୍କୁ ଧରିଥିଲେ । ଗିରଫ ୩ଜଣ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଉପରସାହି ର ସୌମ୍ୟରଞ୍ଜନ ସ୍ୱାଇଁ (୧୯) ଓ ପାନବରଜ ର ଇପ୍ସିତା ପାଣିଗ୍ରାହୀ (୨୧) ଏବଂ ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ କାକୁଡିଆ ର କୃଷ୍ଣପ୍ରିୟା ସ୍ୱାଇଁ (୫୦) । ପୁଲିସ ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ୧୬୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ପରମାର ସ୍ମିତ ପର୍ଶ ?ାତମ ଦାସ ସୂଚନା ଦେଇଛନ୍ତି । ଏହି ଅଭିଯୁକ୍ତଙ୍କ ସମ୍ପର୍କୀୟ ବ୍ରାଉନସୁଗର ବିକ୍ରୀ କରି ଗିରିଫ ହୋଇ ଜେଲ ରେ ରହିଛନ୍ତି । ଏତେ ପରିମାଣ ର ବ୍ରାଉନସୁଗର କେଉଁଠାରୁ ଓ କାହାଠାରୁ ଆଣୁଥିଲେ ତାର ତଦନ୍ତ ଚାଲିଛି । ଅଭିଯୁକ୍ତଙ୍କ ଆର୍ଥିକ କାରବାର ର ତଦନ୍ତ କରାଯିବ ବୋଲି ଏସପି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ପଙ୍କଜ ମାଝି, ଥାନା ଅଧିକାରୀ ଉମେଶ ସାହୁ ଉପସ୍ଥିତ ଥିଲେ ।

# ୪୫୪୪ ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ମାଲକାନଗିରି, ୯/୬(ମନ୍ଥନ):** ସରକାର ଗରିବ, ବିଧବା ଓ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାର କଥା କହୁଥିବା ବେଳେ ମାଲକାନଗିରି ଜିଲ୍ଲାରେ ତାହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି । ପ୍ରତି ମାସ ୫ ତାରିଖ ସୁଦ୍ଧା ମିଳିବାକୁ ଥିବା ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୯ ଦିନ ବିତିଯାଇଥିଲେ ମଧ୍ୟ ହଜାର ହଜାର ହିତାଧିକାରୀଙ୍କ ଖାତାକୁ ପହଞ୍ଚିନାହିଁ । ଫଳରେ ଜିଲ୍ଲାର ୪୫୪୪ ଜଣ ଅସହାୟ ଲୋକ ଆଜି ଚାଉଳ ପାଣି ଓ ଉପାସରେ ଦିନ କାଟିବାକୁ ବାଧ ହେଉଛନ୍ତି । ସବୁଠାରୁ ଚିନ୍ତାଜନକ କଥା ହେଉଛି, RTI ତଥ୍ୟ ଅନୁଯାୟୀ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ପାଖରେ ଅର୍ଥ ଉପଲବ୍ଧ ଥିଲେ ମଧ୍ୟ ତାହା ହିତାଧିକାରୀଙ୍କୁ ବଣ୍ଟନ କରାଯାଇନାହିଁ । ଯଦି ଟଙ୍କା ଅଛି, ତେବେ ଭତ୍ତା ଅଟକିଲା କାହିଁକି ? କାହା ସ୍ୱାର୍ଥରେ ଗରିବଙ୍କ ଅଧିକାରକୁ ଚାପି ଦିଆଯାଉଛି ? ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଠିଛି । ୬୨ ବର୍ଷୀୟା ଜଣେ ବିଧବା ହିତାଧିକାରୀ କହିଛନ୍ତି, “ଦୁଇ ମାସ ହେଲା ଭତ୍ତା ମିଳୁନି । ଔଷଧ କିଣିବାକୁ ପଇସା ନାହିଁ । କେତେଦିନ ଉପାସରେ ରହିବୁ ।” ଏହି କଥା କେବଳ ଜଣେ ମହିଳାଙ୍କ ନୁହେଁ, ବରଂ ହଜାର ହଜାର ଅସହାୟ ଲୋକଙ୍କ ଯନ୍ତ୍ରଣାର ପ୍ରତିଚ୍ଛବି । ଜିଲ୍ଲା କଂଗ୍ରେସ କମିଟି ଅଭିଯୋଗ କରିଛି ଯେ ସରକାର ଗୋଟିଏ ଥର ଦୁଇ ମାସର ଭତ୍ତା ଦେଇ ପ୍ରଚାରରେ ବ୍ୟସ୍ତ ଥିଲେ, କିନ୍ତୁ ଆଜି ସେହି ଗରିବ ହିତାଧିକାରୀଙ୍କ ଦୁଃଖ ଦେଖିବାକୁ କେହି ନାହାନ୍ତି । ଯେଉଁ ଭତ୍ତା ଉପରେ ଅନେକ ପରିବାରର ରୋଷେଇ ନିର୍ଭର କରେ, ସେହି ଟଙ୍କା ନ ମିଳିବାରୁ ଅନେକ ଘରେ ଚୁଲି ଜଳୁନାହିଁ ।

ଆହୁରି ଦୁଃଖର ବିଷୟ, ଏହି ଗୁରୁତର ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ନୀରବ ରହିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ । ଏହି ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଗରିବଙ୍କ ଅଧିକାର ପ୍ରତି ପ୍ରଶାସନ ଏତେ ଉଦାସୀନ କାହିଁକି ? ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ସମସ୍ତ ୪୫୪୪ ହିତାଧିକାରୀଙ୍କୁ ବକେୟା ଭତ୍ତା ପ୍ରଦାନ କରାନଯାଏ, ତେବେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଗଣଆନ୍ଦୋଳନ ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ଗରିବଙ୍କ ଭତ୍ତା ଅଟକାଇବା ମାନେ କେବଳ ଟଙ୍କା ବନ୍ଦ କରିବା ନୁହେଁ, ବରଂ ଜଣେ ବିଧବାଙ୍କ ଔଷଧ, ଜଣେ ଦିବ୍ୟାଙ୍ଗଙ୍କ ଜୀବନ ଏବଂ ଜଣେ ଅସହାୟ ପରିବାରର ଭୋକକୁ ଅଣଦେଖା କରିବା । ପ୍ରଶାସନ ତୁରନ୍ତ ଚେତି ହିତାଧିକାରୀଙ୍କ ନ୍ୟାୟସଙ୍ଗତ ଅଧିକାର ପ୍ରଦାନ କରୁ, ନଚେତ୍ ଜନଆକ୍ରୋଶର ସାମ୍ନା କରିବାକୁ ପଡ଼ିବ ।



# ବାଇକକୁ ପିଟିଲା ଟ୍ରକ, ଚାଳକ ମୃତ

**ଯୋଡ଼ା, ୯।୬ (ନି.ପ୍ର) :** କେନ୍ଦୁଝର ଜିଲ୍ଲା ଯୋଡ଼ା ବାଂଶପାଣି ନିକଟରେ ସମବାର ଦିନ ବାଇକ ଚାଳକ ରାସ୍ତା କୋଡ଼ରେ ଛିଡା ହେଇଥିବା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ରେ ଚାଳକ ଙ୍କ ମୃତ୍ୟୁ ହୋଇଛି ।ତେବେ ମୃତକ ହେଲେ ଧାନବାଦ ଜିଲ୍ଲା ର ସଲାଉଦିନ ଅନସାରି ବୟସ(୪୩)ବୋଲି ଜଣାପଡିଛି ।ସୂଚନାମୁତାବକ ସଲାଦୁଦିନ ପେସା ରେ ଟ୍ରକ ମାଲିକ ଏବଂ ସେ ଜୁରୁଡି ଅଞ୍ଚଳରେ ଅସ୍ଥାୟୀ ଭାବେ ରହିଆସୁଥିଲେ ।ସମବାର ସେ ଗାଡି ଲୋଡିଂ ପାଇଁ ଡିଓ ନେବାକୁ ନିଜ ମୋଟର ସାଇକେଲରେ ଯାଉଥିବା ବେଳେ ବାଂଶପାଣି ଟାଟା ମଟର ୱାର୍କସପ ନିକଟରେ ରାସ୍ତା ପାର ହେବା ପାଇଁ ଗୋଟିଏ ପାର୍ଶ୍ୱ ରେ ଛିଡା ହୋଇଥିବା ବେଳେ ହଠାତ(ଓଡି୦୯-ଭି-୨୭୧୭)ନମ୍ବର ଥିବା ହାଇବା ଟି ବେପରୁଆ ଭାବେ ଗାଡି ଚଳେଇ ମଟର ସାଇକେଲରେ ଧକ୍କା ଦେଇଥିଲା ।ଯାହାଫଳରେ ଘଟଣା ସ୍ଥଳରେ ହିଁ ସଲାଉଦିନ ଙ୍କ ମୃତ୍ୟୁ ହୋଇଥିଲା ।ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର କୁ ପ୍ରଥମେ ଟାଟା ମେଡିକାଲ କୁ ପଠେଇ ଶବ ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଟ୍ରକ ଟି କୁ ଅଟକ ରଖିଥିବା ଜଣାପଡ଼ିଛି ।ଦିନକୁ ଖଣି ଅଞ୍ଚଳରେ ବେପାରୁଆ ଗାଡି ଚାଳନା ,ରାସ୍ତାରେ ପୋଡିରହୁଥିବା ଲୁହାପଥର ଗୁଣ୍ଡ ଏବଂ ଧୂଳି ଜମୁଥିବା ଯୋଗୁଁ ବହୁ ମୂଲ୍ୟବାନ ଜୀବନ ଯାଉଥିବା ବେଳେ ଏ ନେଇ ପ୍ରଶାସନ ର ଭୂମିକା ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।ବିଗତ ଦିନରେ ବଢୁଥିବା ଦୁର୍ଘଟଣା କୁ ରୋକିବା ପାଇଁ ବିଭିନ୍ନ ଜାଗାରେ ଗତି ନିୟନ୍ତ୍ରଣ କ୍ୟାମେରା,ସ୍ପୀଡ଼ ବ୍ରେକର, ନ ଏଣ୍ଟ୍ରି ସମୟ, ରାସ୍ତାରେ ପୋଡିରହୁଥିବା ଧୂଳି ସଫାକରିବା,ନୟମିତ ପାଣି ସିଞ୍ଚନ,ଟ୍ରାଫିକ ନିୟନ୍ତ୍ରଣ ପାଇଁ କମ୍ପାନୀ ମାନଙ୍କ ତରଫରୁ ସିକ୍ୟୁରିଟି ଗାର୍ଡ ପ୍ରଦାନ ଆଦି ବ୍ୟବସ୍ଥା କରାଯିବା ନେଇ ପ୍ରଶାସନ ତରଫରୁ ପୌରପାଳିକା କାର୍ଯ୍ୟାଳୟ ଅନୁଷ୍ଠିତ ହୋଇଥିବା ଏକ ବୈଠକ ରେ ଲିଖିତ ଭାବେ ରିଜଲୁସନ ପାରିତ ହୋଇଥିଲା ।କିନ୍ତୁ ତାହା ସମୟ କ୍ରମେ ପ୍ରଶାସନ ତରଫରୁ ସମୀକ୍ଷା କରାଯିବାର ନେଇ ଆଲୋଚନା ହୋଇଥିଲେ ମଧ୍ୟ ଏଥିରେ ନିଦାବିଷ୍ଟୁ ସାଜିଥିବା ପ୍ରଶାସନ ର ଭୂମିକା କୁ ନେଇ ଯୋଡ଼ା ବାସୀ ଅଭିଯୋଗ କରିଛନ୍ତି ।

# ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ : ଅଭିଯୁକ୍ତ ଫେରାର

**ବୁଗୁଡା, ୯।୬ (ନି.ପ୍ର) :** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମରେ ଜନୈକ ରାଇସ୍ ମିଲ୍ ମାଲିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଥିବା ଜଣାଯାଇଛି । ଆକ୍ରମଣରେ ଆହତ ମିଲ୍ ମାଲିକ ଜଣକ ହେଲେ ସତୁସୋଲ ଗ୍ରାମର ମହେନ୍ଦ୍ର କୁମାର ଦୋରା ଏବଂ ଆକ୍ରମଣକାରୀ ବାପ ଓ ପୁଅ ଦୁହେଁ ହେଲେ ସୁରେନ୍ଦ୍ର ଖଟେଇ ଓ ହରିଉଁ ଖଟେଇ । ଏ ନେଇ ପୋଲିସ ଥାନାରେ କେସ୍ ନଂ ୨୮୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ରବିବାର ଅପରାହ୍ନରେ ମହେନ୍ଦ୍ର ଖାଲି ଟ୍ରକ ଧରି ନିଜ ରାଇସ୍ ମିଲରୁ ଚାଉଳ ଆଣିବା ପାଇଁ ସତୁସୋଲ ଗାଁକୁ ଯାଉଥିଲେ । ଗୋଳିଆ ଗାଁ ପଟରୁ ସତୁସୋଲ ଗ୍ରାମାଭିମୁଖେ ଯାଇଥିବା ରାସ୍ତାକୁ ମଡାଇ ସୁରେନ୍ଦ୍ରଙ୍କ ସିମେଣ୍ଟ ମିକ୍ସର ମେସିନଟି ରହିଥିଲା । ତାହାକୁ ରାସ୍ତା ଉପରୁ ହଟାଇବାକୁ ନେଇ ମହେନ୍ଦ୍ର ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା । ଏଥିରେ ଗ୍ରାମର କେତେକ ଭଦ୍ରଲୋକ ହସ୍ତକ୍ଷେପ କରିବା ଫଳରେ ରାସ୍ତା ଉପରୁ ମିକ୍ସର ମେସିନ ହଟିଥିଲା ଏବଂ ଟ୍ରକ ସତୁସୋଲ ଗାଁକୁ ଯାଇଥିଲା । ସେଠାରୁ କୌଣସି କାମରେ ମହେନ୍ଦ୍ର ଗୋଳିଆ ଗାଁକୁ ଆସୁଥିବା ବେଳେ ବାପ ସୁରେନ୍ଦ୍ର ଓ ପୁଅ ହରିଉଁ ଉଭୟେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ ଏବଂ ମାରି ଦେବାକୁ ଧମକ ଦେଇ କାତି ଧରି ଗୋଡାଇ ଥିଲେ । ଆକ୍ରମଣରେ ମହେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଚିକିତ୍ସା ପାଇଁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଫେରାର ଅଭିଯୁକ୍ତ ବାପପୁଅ ଦୁହିଁଙ୍କୁ ପୋଲିସ ଖୋଜୁଥିବା ଜଣାଯାଇଛି ।



# ଡକାୟତି ଯୋଜନା ପଣ୍ଡ : ୩ ଗିରଫ
## ଅସ୍ତ୍ରଶସ୍ତ୍ର ସହ ନଗଦ ଟଙ୍କା ଜବତ

**ଅନୁଗୋଳ, ୯।୬ (ନି.ପ୍ର) :** ରେଙ୍ଗାଳି ଡ୍ୟାମସାଇଟ ଥାନା ପୁଲିସ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି । ଏହି ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଲୁହା କଟିଂ ମେସିନ୍, ଛୁରୀ, ଏକ କାର୍ ସହିତ ଗଦ ୭୪ ହଜାର ୯୫୦ ଟଙ୍କା ଓ ୫ଟି ମୋବାଇଲ ଫୋନ୍ ସମେତ ବିଭିନ୍ନ ଆପତିଜନକ ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୟୁରଭଞ୍ଜର ପ୍ରଧାନ ହେମ୍ବମ, ଅନୁଗୋଳର ଜିତେନ୍ଦ୍ର ସାହୁ ଓରଫ ଜିତୁ ଏବଂ ଢେଙ୍କାନାଳର ରବିନାରାୟଣ ଗନ୍ତାୟକ ଓରଫ ରବି । ପୁଲିସ ସୂଚନା ଅନୁଯାୟୀ, ଗତକାଲି ମଧ୍ୟରାତ୍ରିରେ ରେଙ୍ଗାଳି ଓପିଟିସିଏଲ ଗ୍ରିଡ୍ ?ର ସୀମା ପାଚେରି ନିକଟରେ କେତେକ ଯୁବକ ଡକାୟତି ପାଇଁ ପ୍ରସ୍ତୁତି କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା । ଏଏସଆଇ ତ୍ରିନାଥ ଦେହୁରୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଘଟଣାସ୍ଥଳରେ ଚଢ଼ଉ କରିଥିଲା । ୩ଜଣ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ିଥିବା ବେଳେ କିଛି ସହଯୋଗୀ ଫେରାର ହୋଇଯାଇଥିଲେ । ଅଭିଯୁକ୍ତମାନେ ରେଙ୍ଗାଳି ଓପିଟିସିଏଲ୍ ଗ୍ରିଡ୍ ପରିସରରୁ ତମ୍ବା କଏଲ ଓ ଟ୍ରାନ୍ସଫର୍ମର ତେଲ ଚୋରି ଘଟଣାରେ ସମ୍ପୃକ୍ତି ଥିବା ସ୍ୱୀକାର କରିଛନ୍ତି ।




# ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶାଢ଼ୀ ବଣ୍ଟନ



**କଟକ, ୯।୬ (ନି.ପ୍ର) :** ରାଜ୍ୟର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଧନୁର୍ଜୟ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତ ଧନୁର୍ଜୟ ବିଶ୍ୱାଳଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ତଥା ରଜ ମହୋତ୍ସବ ଅବସରରେ ଆଜି ମହାନଦୀବିହାରସ୍ଥିତ ୪ନଂ ସେକ୍ଟର ପାର୍କ ସମ୍ମୁଖରେ ଟ୍ରଷ୍ଟର ଅଧକ୍ଷ ଭଗବାନ ବିଶ୍ୱାଳଙ୍କ ନେତୃତ୍ୱରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଗରିବ ଅସହାୟ ମହିଳା ମାନଙ୍କୁ ଶାଢ଼ୀ ଓ ପୁରଷ ମାନଙ୍କୁ ଲୁଙ୍ଗି-ଗାମୁଛା ସହ ଶୁଖିଲା ଖାଦ୍ୟ ଆଦି ବଂଟନ କରାଯାଇଥିଲା । ଏହି ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ନୟନ ମହାନ୍ତି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ମୁରବୀ ଶରତ ପ୍ରଧାନ, ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ରବି ଶତପଥୀ, ହରମୋହନ ବିଶ୍ୱାଳ, ଅଶୋକ ବିଶ୍ୱାଳ, ଅଭୟ ପରିଜା, ଅଞ୍ଜନ କୁମାର ସାହୁ, ପ୍ରତ୍ୟୁଷ ଦାସ, ଭାଗିରଥୀ ଦଳାଇ, ଜଗଦାନନ୍ଦ ତ୍ରିପାଠୀ, ଚିରଞ୍ଜିବୀ ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲଜାତ ଦ୍ରବ୍ୟର ବେଆଇନ ପରିବହନ ବିରୁଦ୍ଧରେ ଶୂନ୍ୟ ସହିଷ୍ଣୁତା

**ଅନୁଗୋଳ, ୯।୬ (ନି.ପ୍ର) :** ଗତ କାଲି ସନ୍ଧ୍ୟା ୫:୦୦ ଘଟିକା ସମୟରେ, ଗୁପ୍ତ ସୂଚନା ଆଧାରରେ ଜରପଡ଼ା ରେଞ୍ଜର ଜରପଡ଼ା ସେକ୍ସନ, ଜରପଡ଼ା ବିଟ୍ ଅନ୍ତର୍ଗତ କଞ୍ଚାରା ଗ୍ରାମ ନିକଟରେ ରେଞ୍ଜ ଅଫିସର ଏବଂ ତାଙ୍କ ଦଳ ଏକ ସଫଳ ଚଢ଼ାଉ ଏକ ସଫଳ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅଭିଯାନରେ, ପ୍ରାୟ ୧୨ କ୍ୱିଣ୍ଟାଲ ଓଜନର ୨୪୦ ବଣ୍ଡଲ୍ କେନ୍ଦୁ ପତ୍ର ବେଆଇନ ଭାବରେ ପରିବହନ କରୁଥିବା ସମୟରେ ଏକ ପିକ୍-ଅପ୍ ଭ୍ୟାନ (ରେଜିଷ୍ଟ୍ରେସନ୍ ନମ୍ବର OD ୧୫ ୦ ୦୨୯୯)କୁ ଅଟକାଇ ଜବତ କରାଯାଇଥିଲା । ଡ୍ରାଇଭର ଗିରଫ ହେବା ପୂର୍ବରୁ ଘଟଣାସ୍ଥଳରୁ ଖସି ଫେରାର ହେଇଯାଇଥିଲା । ଅନୁଗୋଳ ରେଞ୍ଜ କର୍ମଚାରୀଙ୍କ ସହାୟତାରେ ଜବତ ଗାଡ଼ି ଏବଂ କେନ୍ଦୁ ପତ୍ରକୁ ଜରପଡ଼ା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ୨୦୨୬-୨୭ ର ଏକ UDC ମାମଲା ପଞ୍ଜିକୃତ ହୋଇଛି, ଏବଂ ତଦନ୍ତ ଜାରି ରହିଛି । ପାଟ୍ରୋଲିଂ ଦଳରେ ଜରପଡ଼ାର ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାଏକ, ଅନୁଗୋଳ ରେଞ୍ଜ ଅଫିସର ଉଧବ ବେହେରା, ବନପାଳ ଜୋଷ୍ନାରାଣୀ ନାଏକ; ବନରକ୍ଷକ ଋତୁପର୍ଣ୍ଣା ବିଶ୍ୱାଳ; ବନରକ୍ଷକ ମିସ୍ ଜୟସ୍ମିତା ସାହୁ; ବନରକ୍ଷକ ପ୍ରିୟତମା ସାହୁ; ବନରକ୍ଷକ ସାଗର ବାରିକ, ହାତୀ ଦଳ; ଅଜୟ ସାହୁ, ହାତୀ ଦଳ; ସିଦ୍ଧାନ୍ତ କୁମାର ଦାସ, ହାତୀ ଦଳ; ପ୍ରୀତିରଞ୍ଜନ ଦାସ, ହାତୀ ଦଳ; ଅରୁଣ ନାଏକ, ହାତୀ ଦଳ; ମାମୁଲି ପ୍ରଧାନ, ହାତୀ ଦଳ; ସୁଭ୍ରଜିତ ସାହୁ, ହାତୀ ଦଳ; ଏବଂ ଅମୂଲ୍ୟ ସାହୁ, ଗଜମିତ୍ର ଥିଲେ । ଜଙ୍ଗଲ ସମ୍ପଦକୁ ସୁରକ୍ଷା ଦେବା ଏବଂ ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ସେମାନଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ପ୍ରତିବଦ୍ଧତା ପାଇଁ ଆମେ ଆମର ଗ୍ରୀନ୍ ଯୋଦ୍ଧାମାନଙ୍କ ଉପରେ ଗର୍ବିତ ।



# ସାଦେଇପୁର ଗ୍ରାମ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଜଗତସିଂହପୁର,୯/୫(ମନ୍ଥନ) :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ଗ୍ରାମର ଜଗତସିଂହପୁର ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବ ?ଶ୍ୱର ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଶଶି ଶେଖର ପଣ୍ଡା(୪୮) ଆଜି ମୃତ୍ୟୁ ବରଣ କରିଛନ୍ତି । ସେ କେନ୍ଦ୍ରାପଡ଼ା ବଳଦେବଜୀଉ ଫାୟାର ଷ୍ଟେସନରେ କାର୍ଯ୍ୟରତ ଥିଲେ । ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ନିଳକଣ୍ଠପୁର ଗ୍ରାମର ଏକ ବାଉଁଶ ବୁଦା ନିକଟରେ ସେ ପଡ଼ିଥିବା ଦେଖି କିଛି ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ତାଙ୍କର ମୋଟର ସାଇକେଲଟି ପଡ଼ିଥିବା ଏବଂ ମୋବାଇଲ୍ ର ଡିସପ୍ଲେ ଭାଙ୍ଗି ଥିବା ନେଇ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିବା କେହି କେହି ସନ୍ଦେହ କରିଛନ୍ତି । ଅପରପକ୍ଷେ ସେ ଡ୍ରେସରେ ନଥାଇ ବିଳମ୍ବିତ ରାତିରେ ଦୀର୍ଘ ୨୦କିମି ସେ କାହିଁକି ଯାଇଥିଲେ,ସେ ନେଇ ତାଙ୍କର ମୃତ୍ୟୁ ଦୁର୍ଘଟଣା ଜନିତ ହୋଇନଥିବା ନେଇ ଘଟଣାସ୍ଥଳକୁ ଯାଇଥିବା ଗ୍ରାମବାସୀ ମାନେ ସନ୍ଦେହ କରିଛନ୍ତି । ପିତା ସର୍ବ ?ଶ୍ୱର ପଣ୍ଡା କହିବାନୁଯାୟୀ ତାଙ୍କ ପୁତ୍ର ଶସି କେବେ ବେପରୁଆ ଗାଡ଼ି ଚାଳନା କରେ ନାହିଁ ଏଇଟା ଗୋଟିଏ ପ୍ରି ପ୍ଲାନ୍ ମର୍ଡର ହୋଇ ଥିବା ସନ୍ଦେହ ପ୍ରକାଶ କରିଛନ୍ତି.ଏହି ଘଟଣାରେ କେନ୍ଦ୍ରାପଡ଼ା ଥାନା ପୋଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦେଇଛି । ଖବରପାଇ ମୃତକଙ୍କ ପରିବାରବର୍ଗ ଓ ସାଦେଇପୁର ଗ୍ରାମର ବହୁ ଲୋକ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ଯାଇ ପହଁଚିବା ସହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି । ପଣ୍ଡାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ରୋଟାରୀ କ୍ଲବ ପକ୍ଷରୁ ମେଗା ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ଜଳେଶ୍ୱର,୯/୬(ନିପ୍ର):** ଜଳେଶ୍ୱର ରୋଟାରୀ କ୍ଲବ ଓ ରୋଟ୍ରାକ୍ଟ କ୍ଲବ ତଥା ନରସିମା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ସେଚ୍ଛାକୃତ ରକ୍ତଦାନ ଶିବିର ରୋଟାରୀ କ୍ଲବର ପୂର୍ବତନ ସଭାପତି ରାଜେଶ କୁମାର ଖଟୁଆଙ୍କ ଜନ୍ମଦିନ ଉଦ୍ଦେଶ୍ୟରେ ଜଳେଶ୍ୱର ନୂଆବଜାର ମୁରଲୀ କଲ୍ୟାଣ ମଣ୍ଡପରେ ଆସନ୍ତା ୧୪ ତାରିଖ ରବିବାର ଆୟୋଜିତ ହେବା ନେଇ କ୍ଲବ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ଅଂଶୁମାନ ରାଉତ, କ୍ଲବ ପୂର୍ବତନ ସଭାପତି ତଥା ଜିଲ୍ଲା ରକ୍ତଦାତା ସଂଘ ଉପସଭାପତି ସୁବ୍ରତ କୁମାର ରଣା, ସମ୍ପାଦକ ମନୋରଞ୍ଜନ ଦାସ, କ୍ଲବ ପୂର୍ବତନ ସଭାପତି ପ୍ରବୀର କୁମାର ପ୍ରଧାନ, ଡାଃ ଦିପ୍ତିମୟୀ ମହାପାତ୍ର,ଇ. ଭାସ୍କର ରଞ୍ଜନ ସ୍ୱାଇଁ, ଅଶୋକ କୁମାର ମହାନ୍ତି, ଲକ୍ଷ୍ମୀନାରାୟଣ ଶତପଥୀ , ଦିପ୍ତି ରାଣୀ ନନ୍ଦୀ ଓ ଜଳେଶ୍ୱର ରୋଟ୍ରାକ୍ଟ କ୍ଲବ ସଭାପତି ସଂଜୀବ କୁମାର ପାତ୍ର, ନରସିମା କ୍ଲବ ସଭାପତି ରୋନିତ ଦାସ, ସମ୍ପାଦକ କ୍ଷୀତିଶ ବ୍ରହ୍ମ, ସତ୍ୟନାରାୟଣ ଦାସ, ଆଲୋକ ଡଗର , ରାକେଶ ଜେନା ପ୍ରମୁଖ ଉପସ୍ଥିତ ହୋଇ ଗ୍ରୀଷ୍ମପ୍ରବାହରେ ରକ୍ତର ଅଭାବ ଯୋଗୁଁ ନୂଆବଜାର ମୁରଲୀ କଲ୍ୟାଣ ମଣ୍ଡପର ଶୀତତାପ ନିୟନ୍ତ୍ରିତ କୋଠରୀରେ ହେବାକୁ ଥିବା ଏହି ମେଗା ରକ୍ତ ଦାନ ଶିବିରକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।



# ଆଉ ହଜାରେ ବଢ଼ିବ ଆଇସିୟୁ ଶଯ୍ୟା



ଭୁବନେଶ୍ୱର,୯।୬(ନି.ପ୍ର.): ରାଜ୍ୟର ୨୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୮୦ ଟି ଆଇସିୟୁ ଶଯ୍ୟା ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଆଉ ହଜାରେ ଆଇସିୟୁ ଶଯ୍ୟା ପାଇଁ ପ୍ରସ୍ତାବ ରହିଛି । ଏହିସବୁ ଶଯ୍ୟା ପ୍ରତିଷ୍ଠା ହେଲେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀମାନେ ଘରୋଇ ଚିକିତ୍ସାଳୟର ଶୋଷଣରୁ କିଛିଟା ମୁକ୍ତି ପାଇପାରିବେ ।

ଗୁରୁତର ରୋଗୀମାନଙ୍କ ପାଇଁ ଆଇସିୟୁ ଶଯ୍ୟା ଅତି ଜରୁରୀ ହୋଇପଡିଥିବାବେଳେ ଏବେ ବି ୧୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ନାହିଁ । ଏଠାରେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀମାନେ ସାଧାରଣତଃ ନିକଟସ୍ଥ ସରକାରୀ ମେଡକାଲ କଲେଜ କିମ୍ବା ଘରୋଇ ଡାକ୍ତରଖାନାକୁ ଯାଇଥାନ୍ତି । କାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟତିତ ସରକାରୀ ମେଡିକାଲ କଲେଜଗୁଡିକରେ ଆଇସିୟୁ ଶଯ୍ୟା ରହିଛି । ତେବେ ଲକ୍ଷ୍ୟ କରାଯାଉଛି ଯେ ସରକାରୀ ଡାକ୍ତରଖାନାରେ ଥିବା ଆଇସିୟୁ ଶଯ୍ୟା ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇପାରୁନାହିଁ । ଫଳରେ ଗୁରୁତର ରୋଗୀମାନେ ବାଧହୋଇ ଘରୋଇ ଚିକିତ୍ସାଳୟ ଯିବାକୁ ବାଧ ହେଉଛନ୍ତି । ସେଠାରେ ଆଇସିୟୁ ଭଡା ଦିନକୁ ୩ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି । ଏହାବାଦ୍? ଔଷଧ ଓ ଅନ୍ୟାନ୍ୟ ସାଜ ସରଞ୍ଜାମ ବାବଦରେ ଅର୍ଥ ବ୍ୟୟ କରିବାକୁ ପଡୁଛି । ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ଚିକିତ୍ସାଳୟର ଆଇସିୟୁରେ ରହୁଥିବା ରୋଗୀମାନଙ୍କ ଆୟୁଷ୍ମାନ କାର୍ଡ ଅର୍ଥ ଅଳ୍ପ କେଇ ଦିନରେ ପାଣିଭଳି ଖର୍ଚ୍ଚ ହୋଇ ଯାଉଛି। ଅନ୍ୟ ପକ୍ଷରେ ସବଡିଭିଜନ ସ୍ତରରେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ନପାଇବା ଦୂର ଦୂରାନ୍ତକୁ ଯିବା ସମ୍ଭବପର ହେଉନାହିଁ । ଫଳରେ ସେମାନେ ବାଧହୋଇ ସାଧାରଣ ରୋଗୀମାନେ ଚିକିତ୍ସିତ ହେଉଛନ୍ତି । ଏମାନଙ୍କ ମଧ୍ୟରୁ କେତେକ ଗୁରୁତର ହେଲାପରେ ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ନହେଲେ ମୃତ୍ୟୁମୁଖରେ ପଡୁଛନ୍ତି । ଅନ୍ୟ ପକ୍ଷରେ ଯେଉଁସବୁ ଜିଲ୍ଲାସ୍ତରୀୟ ଡାକ୍ତରଖାନାରେ ଅପରେସନର ସୁବିଧା ରହିଛି ସେଠାରେ ଆଇସିୟୁ ଶଯ୍ୟା ଅଭାବରୁ ରୋଗୀମାନଙ୍କୁ ମେଡିକାଲ କଲେଜକୁ ରେଫର କରାଯାଉଛି । ଏଥିଯୋଗୁଁ ରୋଗୀମାନେ ବ୍ୟାପକ ଖର୍ଚ୍ଚାନ୍ତ ହେଉଛନ୍ତି ।

ଚଳିତ ଆର୍ଥିକବର୍ଷରେ ଭେଣ୍ଟିଲେଟର ଓ କେନ୍ଦ୍ରୀୟ ତଦାରଖ ସୁବିଧା ଥିବା ହଜାରେ ଉନ୍ନତ ଆଇସିୟୁ ଶଯ୍ୟା ସହିତ ୫୦୦ ଏଚଡିୟୁ ଶଯ୍ୟା ସ୍ଥାପନ ନିମନ୍ତେ ପ୍ରସ୍ତାବ ରହିଛି । ଏଗୁଡିକ ପର୍ଯ୍ୟାୟକ୍ରମେ ପ୍ରତିଷ୍ଠା କରାଯିବ । କାରଣ ଆଇସିୟୁ ପାଇଁ ସ୍ୱତନ୍ତ୍ର ଭାବେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କର ଆବଶ୍ୟକ ଥିବାରୁ ଏକକାଳୀନ ଏତେ ସଂଖ୍ୟକ ଶଯ୍ୟା ପ୍ରତିଷ୍ଠା କରିବା ସମ୍ଭବପର ହେବନାହିଁ । ତେବେ ପ୍ରଥମେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହୁକୁମା ଡାକ୍ତରଖାନାରେ ଆଇସିୟୁ ସୁବିଧା ଉପଲବ୍ଧ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାଯାଇଛି ।



# ବିକାଶର ୧୨ ବର୍ଷ

ଭୁବନେଶ୍ୱର, ୦୯/୦୬: ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାରକୁ ୨ ବର୍ଷ । ସାମ୍ବାଦିକ ସମ୍ମିଳନୀରେ ସଫଳତା ବଖାଣିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗଣତାନ୍ତ୍ରିକ ଭାବେ ନରେନ୍ଦ୍ର ମୋଦି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାରେ ରେକର୍ଡ କରିବାକୁ ଯାଉଛନ୍ତି । ଭାରତ ରାଜନୀତିର ଏହି ସ୍ୱର୍ଣ୍ଣିମ ଅଧ୍ୟାୟ ଇତିହାସରେ ଲିପିବଦ୍ଧ ହୋଇ ରହିବ । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଦୃଢ଼ ଶାସନକୁ ୧୨ ବର୍ଷ ପୁରିଛି । କେନ୍ଦ୍ର ଓ ରାଜ୍ୟର ମିଳିତ ପ୍ରୟାସରେ ଓଡ଼ଶାର ପ୍ରଗତି ଶିଖର ଛୁଇଁଛି । ଗତ ୨ ବର୍ଷରେ ବିଶ୍ୱ ରାଜନୀତିକ ଅସ୍ଥିରତାର ସାମ୍ନା କରିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମୋଦିଙ୍କ ସଂକଳ୍ପ ଯୋଗୁଁ ଦେଶର ବିକାଶର ଗତି କମିନାହିଁ । କୋଭିଡ ସମୟରେ ଭ୍ୟାକ୍ସିନ ପ୍ରସ୍ତୁତ କରିବା ଓ ଅନ୍ୟ ଦେଶକୁ ସହାୟତା ବଢ଼ାଇଥିଲେ । ବିଶ୍ୱର ୫ ଦୁର୍ବଳ ଅର୍ଥନୀତି ଭିତରେ ଗଣା ଯାଉଥିଲା କିନ୍ତୁ ଏବେ ଚିତ୍ର ଭିନ୍ନ । ଆତଙ୍କବାଦ ଆକ୍ରମଣ ସ୍ଥିତି ବଦଳିଛି । ବୈଶ୍ୱିକ ସଙ୍କଟ ସତ୍ତ୍ୱେ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହୋଇଛି । ଦେଶର ଭିତ୍ତିଭୂମି ଏହାର ଜ୍ୱଳନ୍ତ ଉଦାହରଣ । ଆତଙ୍କବାଦୀ ଦମନ କ୍ଷେତ୍ରରେ ଭାରତ ଅପେକ୍ଷାକୃତ ସଫଳତା ହାସଲ କରିଛି ବୋଲି ମୋହନ ମାଝୀ କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି, ଦେଶରେ ୨୬୭ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ହେଉଛି । ସେହିଭଳି ପେଟ୍ରୋଲ ଡିଜେଲ ଉତ୍ପାଦନ ବଢିଛି । ପଶ୍ଚିମ ଏସିଆର ଏଭଳି ସ୍ଥିତି ଭିତରେ ଭାରତ ସଙ୍କଟ ଦେଇ ଗତି କରି ନାହିଁ । ସେମି କଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ବଡ ସଫଳତା ମିଳିଛି । ମୋଦିଙ୍କ ୧୨ ବର୍ଷ 'ଏଜ୍ ଅଫ୍ ଅବସୋଲ୍ୟୁଟ ଟ୍ରାନ୍ସଫର୍ମେସନ' । ପୂର୍ବରୁ କେନ୍ଦ୍ର ଓ ରାଜ୍ୟର ସମ୍ବନ୍ୱୟ ଅଭାବ ଯୋଗୁଁ ଅନେକ ଯୋଜନାରୁ ଓଡ଼ିଶା ବଞ୍ଚିତ ହେଉଥିଲା । ଏବେ ଡବଲ ଇଞ୍ଜିନ ସରକାରର ପ୍ରତି ଯୋଜନାର ସୁଫଳ ମିଳିଛି । ଯୋଗାଯୋଗ ଓ ଭିତ୍ତିଭୂମି ସୁଦୃଢ଼ ହୋଇଛି । ରେଳବାଇରେ ଚାଲିତ ବର୍ଷ ୧୦ ହଜାର ୯୦୦ କୋଟି ମିଳିଛି । ୯୦ ହଜାର କୋଟିର ରେଳ ପ୍ରକଳ୍ପ ଆଗେଇ ଚାଲିଛି । ଜମି ଅଧିଗ୍ରହଣ ଠାରୁ ସବୁ ସୁବିଧା ଯୋଗେଇ ଦେଇଛନ୍ତି ରାଜ୍ୟ ସରକାର । ସାଗରମାଳା ଓ ପିଏମ ଗତି ଶକ୍ତି ବାହୁଦା ଠାରେ ସାଟେଲାଇଟ ବନ୍ଦର ପ୍ରତିଷ୍ଠା ହେଉଛି ଛ ୨୧ ହଜାର କୋଟି ଟଙ୍କା ନିବେଶ ହେବ । କେନ୍ଦ୍ର ସରକାରଙ୍କ ସହଯୋଗ ଯୋଗୁଁ ସମ୍ଭବ । କେନ୍ଦ୍ରାପଡ଼ାରେ କ୍ୟାପଟିଭ ଜେଟି ଓ ପୁରୀରେ କ୍ରୁଜ ଟର୍ମିନାଲ ଓ ୱାଟର ୱେ ବିକାଶ କରଯାଉଛି । ଏହାଛଡ଼ା ଉଡ଼ାଣ ଯୋଜନାରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି । ପୁରୀରେ ଆନ୍ତର୍ଜାତୀୟ ବିମାନ ବନ୍ଦର ହେବା ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି । ଜାତୀୟ ରାଜପଥ ପାଇଁ ୮୦ ହଜାର କୋଟି ମିଳିଛି । ୮ ହଜାର ୩୦୧ କୋଟି ବ୍ୟୟରେ କୋଷ୍ଟାଲ ହାଇୱେ ଓ ୮ ହଜାର ୩୦୦ କୋଟି ବ୍ୟୟରେ କ୍ୟାପିଟାଲ ରିଜିଅନ ରୋଡ ହେଉଛି । BCPPER ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଅନୁମୋଦନ କରୁଛନ୍ତି । ଅନ୍ୟପଟେ ନକ୍ସଲ କାର୍ଯ୍ୟକଳାପ ବନ୍ଦ ହୋଇଛି । ଅନେକ ବିକାଶ ମୂଳକ କାମ ଆଗଉଛି । ପିଏମ କିସାନ ଯୋଜନାରେ ୨୯ ଲକ୍ଷ ହିତାଧିକାରୀରୁ ଏବେ ୩୪ ଲକ୍ଷ୍ୟରୁ ଅଧିକ ହିତାଧିକାରୀ ପାଉଛନ୍ତି ।

## ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଦୁଇ ଗିରଫ

ରାଜଗାଙ୍ଗପୁର,୯।୬: ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳ ରେ ଦେଶୀ ମଦ ଚୋରା ଚାଲାଣ



କରୁଥିବା ଅଭିଯୋଗରେ ବିଶେଷ ସୁତ୍ରରୁ ଖବର ପାଇ ଜାମପାଲି ଛକ ନିକଟରେ ଅବକାରୀ ଥାନା ଅଧିକାରୀ ବିଜୟ ଜେନା ଙ୍କ ନେତୃତ୍ୱରେ ଚଢ଼ାଉ କରି ସଞ୍ଜୟ ଖାକା ବିରବଲ ମିଞ୍ଜି କୁ ଗିରଫ କରି ସେମାନଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ସହ ଆପାଚି ବାଇକ୍ ଜବତ କରାଯାଇ ଓଡ଼ିଶା ଅବକାରୀ ଧାରା ଅନୁସାରେ ଉଭୟ ଙ୍କୁ ବିଚାର ନିମନ୍ତେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି।

# 'ନିଶା ମୁକ୍ତ ଅଭିଯାନ'ରେ ବଡ଼ ସଫଳତା

ଖୋର୍ଦ୍ଧା,୯।୬(ନି.ପ୍ର.): ରାଜ୍ୟରେ ବଢୁଥିବା ନିଶା କାରବାର ଉପରେ ଶକ୍ତ ପ୍ରହାର କରିଛି ଖୋର୍ଦ୍ଧା ପୋଲିସ। 'ନଶା ମୁକ୍ତ ଅଭିଯାନ' ଅନ୍ତର୍ଗତ ଶିଳ୍ପାଞ୍ଚଳ ଥାନା ପୋଲିସ ଏକ ବଡ ଧରଣର ଚଢ଼ାଉ କରି ପ୍ରାୟ ୫୦୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଦୁଇ ମହିଳାଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।ବିଶେଷ ସୂଚନା ଆଧାରରେ ଶିଳ୍ପାଞ୍ଚଳ ଥାନାର ଏନଫୋର୍ସମେଣ୍ଟ ଟିମ୍ ଗତ ରାତିରେ ଜାତୀୟ ରାଜପଥ-୧୬ ନିକଟସ୍ଥ ଏକ ହୋଟେଲ ପାଖରେ ଚଢ଼ାଉ କରିଥିଲା। ଅଭିଯାନ ବେଳେ ପୋଲିସ ସନ୍ଦିଗ୍ଧ ଭାବେ ଘୁରିବା କିଛି ବ୍ୟକ୍ତିଙ୍କୁ ଅଟକ ରଖି ଯାଞ୍ଚ କରିଥିଲା। ତଦନ୍ତ ସମୟରେ ସେମାନଙ୍କ ନିକଟରୁ ବହୁ ପରିମାଣର ବ୍ରାଉନସୁଗାର ଜବତ ହୋଇଥିଲା।

କେବଳ ନିଶାଦ୍ରବ୍ୟ ନୁହେଁ, ପୋଲିସ ଅଭିଯୁକ୍ତଙ୍କ କବଜାରୁ ୧୮ ହଜାର ଟଙ୍କା ନଗଦ, ୪ଟି ମୋବାଇଲ



ଫୋନ୍ ଏବଂ ଏକ ବୁଲେଟ୍ ମୋଟରସାଇକେଲ ମଧ୍ୟ ଜବତ କରିଛି। ଗିରଫ ପରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।ଏହି ଘଟଣା ସମ୍ପର୍କରେ ଖୋର୍ଦ୍ଧା ଏସପି ସ୍ମିତ ପରମାର କହିଛନ୍ତି ଯେ, ଗିରଫ ହୋଇଥିବା ତିନି ଜଣଙ୍କ ମଧ୍ୟରେ ଜଣେ ଯୋଗାଣକାରୀ, ଜଣେ ଗ୍ରାହକ ଏବଂ ଅନ୍ୟ ଜଣେ ଏହି ନେଟୱାର୍କର ସହଯୋଗୀ ରହିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ସଂଗଠିତ ନିଶା କାରବାର ଚକ୍ରର ଅଂଶ ବୋଲି ସନ୍ଦେହ କରାଯାଉଛି।ଆହୁରି ଚମକାଇଦେବା ଭଳି କଥା ହେଉଛି, ଗିରଫ ଅଭିଯୁକ୍ତଙ୍କ ପରିବାରର କିଛି ସଦସ୍ୟ ପୂର୍ବରୁ ମଧ୍ୟ ନିଶା କାରବାର ସମ୍ବନ୍ଧୀୟ ମାମଲାରେ ଜେଲରେ ଥିବା ଜଣାପଡ଼ିଛି। ପୋଲିସ ବର୍ତ୍ତମାନ ଏହି ରାକେଟ ପଛର ଲିଙ୍କ୍ ଖୋଜିବା ସହ ଏହା ପଛରେ ଥିବା ବଡ ନେଟୱାର୍କକୁ ଠାବ କରିବା ପାଇଁ ତଦନ୍ତ ଜାରି ରଖିଛି। ରାଜ୍ୟରେ ନିଶା କାରବାର ବିରୋଧରେ ଚାଲିଥିବା ଅଭିଯାନ ମଧ୍ୟରେ ଏହାକୁ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି।

# ରାଜଗାଙ୍ଗପୁର ସହରରେ ବୀର ବିର୍ସା ମୁଣ୍ଡାଙ୍କ ପୁଣ୍ୟ ତିଥି ପାଳିତ

ରାଜଗାଙ୍ଗପୁର,୯।୬(ନି.ପ୍ର.): ମହାନ୍ ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବା ଭଗବାନ ବୀର ବିର୍ସା ମୁଣ୍ଡା ଙ୍କ ପୁଣ୍ୟ ତିଥି ପୌରପରିଷଦ ଅନ୍ତର୍ଗତ ରାଣିବନ୍ଧ ବୀର ବିର୍ସା ମୁଣ୍ଡା ଛକ ଠାରେ ଥିବା ବୀର ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ରେ ପୌରପାଳିକା ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ ଆଦିବାସୀ ନେତା ହାରାନ ବାଗେ ନାମନ କେରକେଟା ଶାଲାନ ହେରେଞ୍ଜ ଅଜୟ ବାଗେ ବିଜୟ କୁଜୁର ଅଞ୍ଜଳି ବାଗେ ଫାଦର ନିକୋ



ସରୋଜିନୀ ମାହାତୋ ଏବଂ ବୀର ବିର୍ସା ମୁଣ୍ଡା ସେଲିବ୍ରେସନ କମିଟି ର ବହୁ ସଦସ୍ୟ ଙ୍କ ଉପସ୍ଥିତିରେ ସମସ୍ତ ଅତିଥି ଙ୍କ ଦ୍ୱାରା ବୀର ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ତାଙ୍କର ଆମର ଗାଥା ସଂଘର୍ଷ ଜୀବନି ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋକପାତ କରାଇଥିଲେ।

# ଅପରେସନ ବେଳେ ବ୍ଲାଡର କାଟିଦେଲେ ଡାକ୍ତର !

## ଚାଲିଗଲା ପ୍ରସୂତିଙ୍କ ଜୀବନ; ମୃତଦେହ ରଖି ହସ୍ପିଟାଲ ଆଗରେ ଧାରଣା

ବରଗଡ,୯।୬(ନି.ପ୍ର.): ଖୁସିର ମୁହୂର୍ତ୍ତକୁ ଅପେକ୍ଷା କରୁଥିବା ଏକ ପରିବାର ଉପରେ ଖସିପଡ଼ିଛି ଦୁଃଖର ପାହାଡ଼। ପ୍ରସବ ପାଇଁ ହସ୍ପିଟାଲକୁ ଯାଇଥିବା ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁକୁ ନେଇ ବରଗଡରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଅପରେସନ ସମୟରେ ଡାକ୍ତରଙ୍କ ଅବହେଳା ଯୋଗୁଁ ମହିଳାଙ୍କ ବ୍ଲାଡର କାଟିଯାଇଥିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ।

ମୃତ ମହିଳା ହେଲେ ଭଟଲି ବ୍ଲକ ହାତିସର ଗାଁର ସୃଷ୍ଟିପ୍ରଭା ପ୍ରଧାନ। ସେ ଗତ ମେ ୧୩ ତାରିଖରେ ପ୍ରସବ ପାଇଁ ବରଗଡର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ସିଜେରିଆନ୍ ଅପରେସନ ସମୟରେ ଡାକ୍ତର ଭୁଲବଶତଃ ତାଙ୍କ ବ୍ଲାଡର କାଟିଦେଇଥିଲେ। ଏହା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ଜଟିଳ ହୋଇପଡ଼ିଥିଲା।

ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ବୁର୍ଲାସ୍ଥିତ ବଡ଼



ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୃଷ୍ଟିପ୍ରଭାଙ୍କ ମୃତ୍ୟୁ ଘଟିଥିଲା। ଯାହା ପରେ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା।

ଘଟଣାର ପ୍ରତିବାଦରେ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଲୋକେ ମୃତଦେହକୁ ହସ୍ପିଟାଲ ସମ୍ମୁଖରେ ରଖି ରାସ୍ତାରୋକ କରିଥିଲେ। କ୍ଷତିପୂରଣ ସହ ହସ୍ପିଟାଲ ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତ?ଜନା ସୃଷ୍ଟି ହୋଇଥିଲା।ଅନ୍ୟପଟେ, ପରିବାରର ଅଭିଯୋଗକୁ ସଂପୂର୍ଣ୍ଣ ଖଣ୍ଡନ କରିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ଡାକ୍ତରଙ୍କ କହିବା ଅନୁସାରେ, ରୋଗୀଙ୍କୁ ନିୟମ ଅନୁଯାୟୀ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଉନ୍ନତ ଚିକିତ୍ସା ପାଇଁ ବୁର୍ଲାକୁ ରେଫର କରାଯାଇଥିଲା। ଏହି ଘଟଣାରେ ସଠିକ୍ ତଦନ୍ତ ହେଲେ ତାହାକୁ ସାମ୍ନା କରିବାକୁ ହସ୍ପିଟାଲ ପ୍ରସ୍ତୁତ ବୋଲି ସେ କହିଛନ୍ତି।ଏବେ ଏହି ଘଟଣାର ସତ୍ୟତା କଣ ଏବଂ ମହିଳାଙ୍କ ମୃତ୍ୟୁ ପଛରେ ପ୍ରକୃତ କାରଣ କଣ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

# ଓଡ଼ିଶା ଜୀବିକା ମିଶନ ଓ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ବିନିମୟ

ଭୁବନେଶ୍ୱର,୯।୬(ନି.ପ୍ର.): ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ଉନ୍ନତ ବ୍ୟବସାୟିକ ପରାମର୍ଶ, ପ୍ରାଯୁକ୍ତିକ ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଏବଂ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ଆଜି ଭୁବନେଶ୍ୱରସ୍ଥିତମିଶନ ଶକ୍ତି ଭବନଠାରେ ବୁଝାମଣାପତ୍ର ବିନିମୟ କରାଯାଇଛି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଷ୍ଟାର୍ଟ-ଅପ୍ ଭିଲେଜ୍ ଏଣ୍ଟରପ୍ରେନ୍ୟୁରଶିପ୍ ପ୍ରୋଗ୍ରାମମାଧ୍ୟମରେ ଓଡ଼ିଶାର ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସହାୟତା ଯୋଗାଇବା ପାଇଁ ଏକ ଇନ୍କ୍ୟୁବେସନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ଟି ଭୁବନେଶ୍ୱର ସହଯୋଗୀ ଭାବେ କାର୍ଯ୍ୟ କରିବ। ଏହି ସହଯୋଗ ମାଧ୍ୟମରେ ଗ୍ରାମୀଣ ମହିଳା ଉଦ୍ୟୋଗୀମାନେ ବ୍ୟବସାୟ ଯୋଜନା ପ୍ରସ୍ତୁତି, ଉତ୍ପାଦ ବିକାଶ, ଉନ୍ନତ ଗୁଣବତ୍ତା , ବଜାର ସଂଯୋଗ, ଆର୍ଥିକ ସୁବିଧା ଓ ପେଶାଦାର ନେଟୱାର୍କିଂ ଭଳି ବିଭିନ୍ନ କ୍ଷେତ୍ରରେ ସହାୟତା ପାଇବେ।

ଦିନଦୟାଲ ଅନ୍ତୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନର ନିର୍ଦ୍ଦେଶନାମା ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ଅତି କମରେ ୧୫୦ଟି ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗକୁ ଏହି ଇନ୍କ୍ୟୁବେସନ୍ ପ୍ରକ୍ରିୟା ମାଧ୍ୟମରେ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ଜାତୀୟ ଗ୍ରାମୀଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା



୧୦.୭୦ କୋଟି ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଓଏଞ୍ଜ ଭୁବନେଶ୍ୱରଙ୍କୁ ୯୯ ଲକ୍ଷ ଟଙ୍କା ମଞ୍ଜୁରି କରାଯାଇଛି।

ଏହି ଇନକ୍ୟୁବେସନ୍ ପ୍ରକ୍ରିୟା ରାଜ୍ୟରେ ଏକ ଉଦ୍ୟୋଗୀ ବାତାବରଣ ସୃଷ୍ଟି କରିବ, ଯାହା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ କ୍ଷୁଦ୍ର ଓ ମାଧ୍ୟମ ଧରଣର ଉଦ୍ୟୋଗରେ ପରିଣତ କରିବା ପାଇଁ ପଥ ପ୍ରଶସ୍ତ କରିବ। ଏହି କାର୍ଯ୍ୟକ୍ରମ ଅଧୀନରେ ଚିହ୍ନଟ ହୋଇଥିବା ଏସଏଚଜି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଦ୍ୟମ ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଅନୁପାଳନ ଓ ପ୍ରମାଣପତ୍ର ହାସଲ କରିବାରେ ସହଯୋଗ କରାଯିବ। ରାଜ୍ୟରକେତେକ ସ୍ୱତନ୍ତ୍ର ଉତ୍ପାଦର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଓଏଞ୍ଜ, ଭୁବନେଶ୍ୱର ପ୍ୟାଟେଣ୍ଟ ଏବଂ ପ୍ରକ୍ରିୟା ପ୍ରମାଣପତ୍ର ହାସଲ କରିବାରେ ସାହାଯ୍ୟ କରିବ।

ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ନିଜ ଅଭିଭାଷଣରେ କହିଛନ୍ତି ଯେ, ସରକାର ମହିଳାମାନଙ୍କୁ କେବଳ ରୋଜଗାରକ୍ଷମ ନୁହେଁ, ବରଂ ସେମାନଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ। ଓଏଞ୍ଜ ଭୁବନେଶ୍ୱର ପରି ଏକ ପ୍ରତିଷ୍ଠିତ ସଂସ୍ଥା ସହିତ ଏହି ବୁଝାମଣା ଆମର ଏସଏଚଜି ମହିଳାମାନଙ୍କ ପାଇଁ ନୂତନ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିଛି । ବୈଷୟିକ ପରାମର୍ଶ ଏବଂ ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ସେମାନେ ନିଜର ପ୍ରସ୍ତୁତ ସାମଗ୍ରୀକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିପାରିବେ। ଏହା 'ବିକଶିତ ଓଡ଼ିଶା' ଗଠନ ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ହେବ ଏବଂ ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହାଲକ୍ଷପତି ଦିଦିମାନଙ୍କ ସହ ସେମାନଙ୍କର ସଂଘର୍ଷରୁ ସଫଳତା ପର୍ଯ୍ୟନ୍ତ ପ୍ରେରଣାଦାୟୀ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ପଦକ୍ଷେପ ମହିଳା ଉଦ୍ୟୋଗୀମାନଙ୍କୁ ନୂତନ ସୁଯୋଗ ସହ ଯୋଡ଼ିବା ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

ଏହି ଅବସରରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ଭାଲ, ମିଶନ ଶକ୍ତିର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗର ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ, ଆଇ.ଆଇ.ଟି ଭୁବନେଶ୍ୱରର କର୍ମକର୍ତ୍ତା ଓ ଲକ୍ଷପତି ଦିଦି ଓ ମହାଲକ୍ଷପତି ଦିଦି ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାରୁ ବିଭଗର ଅଧିକାରୀ ଓ ମା ମାନେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ ।

## ଓଡିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୬(ନି.ପ୍ର.): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀ ନିକୁଞ୍ଜ ହୋତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି ।ସୂଚନାଯୋଗ୍ୟ ଯେ ଓଡିଶାର ହସ୍ତତନ୍ତ ବୁଣାକାର ସଂପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ୨୦୨୬



ମେ ୧୫ ତାରିଖରେ ମୁକ୍ତିଲାଭ କରିଛି। ଓଡିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଚ୍ଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**● Editor : Sarat Raut** ସଂପାଦକ: ଶରତ ରାଉତ